ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୨୨/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Wednesday, February 22/2023 | Page 16 | ₹ 7.00 | DHENKANAL

୪୯ଶ ଭାଗ ୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 49 ISSUE 90 | ମୂଲ୍ୟ₹୭/-



**ସାନିଆଙ୍କ କ୍ୟାରିୟର ଶେଷ**
ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍‌ରେ ପରାଜୟ ସହିତ ଭାରତର ଭେଟେରାନ୍ ଖେଳାଳି ସାନିଆ ମିର୍ଜାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇଛି।
୦୮

୦୫
**ପାକିସ୍ତାନରେ ଅବାଧରେ ବୁଲୁଛନ୍ତି ୨୬/୧୧ ଆକ୍ରମଣକାରୀ**
୨୬/୧୧ ମୁମ୍ବାଇ ଆକ୍ରମଣର ଅପରାଧୀମାନେ ପାକିସ୍ତାନରେ ଅବାଧରେ ବିଚରଣ କରୁଥିବା କବି ଓ ଗୀତିକାର ଜାଭେଦ୍ ଅଖ୍ତର ଲାହୋରରେ କହିଛନ୍ତି।



**ନବ ଦାସ ହତ୍ୟାକାଣ୍ଡ**

# ବିଧାନସଭାରେ ଝଡ଼

- ରାଜ୍ୟପାଳଙ୍କ ଅଭିଭାଷଣକୁ ବିରୋଧୀଙ୍କ ବର୍ଜନ, କକ୍ଷତ୍ୟାଗ
- ମନ୍ତ୍ରୀ ସୁରକ୍ଷିତ ନୁହନ୍ତି, ବିଧାୟକ କେତେ ସୁରକ୍ଷିତ: ବିରୋଧୀ

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ମଙ୍ଗଳବାର ବିଧାନସଭାର ବଜେଟ ଅଧିବେଶନ ଆରମ୍ଭରୁ ଝଡ଼ ସୃଷ୍ଟି ହୋଇଛି। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ବିଧାୟକ ଓ ଜନସାଧାରଣଙ୍କ ସୁରକ୍ଷା ଦାବି କରି ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାକୁ ହୁଲସ୍ଥୁଲ କରିଛନ୍ତି। କ୍ୟାବିନେଟ ମନ୍ତ୍ରୀ ଯଦି ସୁରକ୍ଷିତ ନୁହନ୍ତି, ତେବେ ବିଧାୟକ ଓ ଜନସାଧାରଣ କେତେ ସୁରକ୍ଷିତ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ଓ ଭାଜପା ସଦସ୍ୟମାନେ ରାଜ୍ୟପାଳ ଗଣେଶୀ ଲାଲଙ୍କ ଅଭିଭାଷଣକୁ ବର୍ଜନ କରିଛନ୍ତି। ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ ବିଧାନସଭାରେ ଧାରଣାରେ ବସିଥିବା ବେଳେ ଭାଜପା ସଦସ୍ୟମାନେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ବିଦ୍ୟାର୍ଥୀ ଆତ୍ମହତ୍ୟା

## ପାଣ୍ଡିଆନ-ପ୍ରଣବଙ୍କ ଟେଲିଫୋନ ବାର୍ତ୍ତାଳାପର ଯାଞ୍ଚ ହେଉ: ଜୟନାରାୟଣ


ବିଧାନସଭା ପରିସରରେ ମଙ୍ଗଳବାର ଧାରଣାରେ ବସିଥିବା ଭାଜପା ବିଧାୟକମାନେ।

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ହତ୍ୟାର ୨୪ ଦିନ ବିତିଗଲାଣି। ତଥାପି ହତ୍ୟା ରହସ୍ୟ ଏପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ଉନ୍ମୋଚନ କରିପାରିନାହିଁ। ଏଭଳି ସ୍ଥିତିରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମଙ୍ଗଳବାର ବିସ୍ଫୋରକ ବୟାନ

**ପାଗଳ ଭଳି ପ୍ରଳାପ କରୁଛନ୍ତି ଜୟନାରାୟଣ: ପ୍ରଶାନ୍ତ**

ଦେଇଛନ୍ତି। ନବ ଦାସଙ୍କ ହତ୍ୟା ଘଟଣାର ୪ ଦିନ ପୂର୍ବରୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ମଧ୍ୟରେ କ'ଣ ବାର୍ତ୍ତାଳାପ ହୋଇଥିଲା ☞ପୃଷ୍ଠା-୪

## ବାପାଙ୍କ ମୃତ୍ୟୁକୁ ରାଜନୀତି କରା ନ ଯାଉ: ଦୀପାଳି

**ଟିକେଟ ଲୋଭ, ବ୍ୟବସାୟ ସୁରକ୍ଷା ଚିନ୍ତା: ବିରୋଧୀ**


ଦୀପାଳି ଦାସ

ସମ୍ବଲପୁର/ଭୁବନେଶ୍ୱର(ବ୍ୟୁରୋ), ୨୧।୨

ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସ ହତ୍ୟା ଘଟଣାକୁ ସରକାରୀ ପ୍ରାୟୋଜିତ ବୋଲି ଦାବି କରି ବିରୋଧୀ ଦଳଗୁଡ଼ିକ ତୁମ୍ଭିତୋଫାନ କରିବା ସହ ଘଟଣାର ସିବିଆଇ ତଦନ୍ତ ଦାବିରେ ଜିଦ୍ ଧରି ବସିଛନ୍ତି। ଏଭଳି ସ୍ଥିତିରେ ନବଙ୍କ ଝିଅ ଦୀପାଳି ଦାସଙ୍କ ଗଣମାଧ୍ୟମ ସମ୍ମୁଖରେ ବୟାନ ଘଟଣାକୁ ଆହୁରି ଚର୍ଚ୍ଚିତ କରିଦେଇଛି। ଝାରସୁଗୁଡ଼ାଠାରେ ମଙ୍ଗଳବାର ଦୀପାଳି ଗଣମାଧ୍ୟମ ନିକଟରେ କହିଛନ୍ତି ଯେ, ମୋ ବାପାଙ୍କ ମୃତ୍ୟୁ ପରେ ଆମ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛୁ। ଏଭଳି ଏକ ଅଘଟଣ ଘଟିବ ବୋଲି ଆମେ କେବେ ଆଶା କରି ନ ଥିଲୁ। ଏଭଳି ଏକ ଦୁଃଖ ସମୟରେ ଆମ ପରିବାର ☞ପୃଷ୍ଠା-୪







Stores also at :
BHUBANESWAR 621, Saheed Nagar, Janpath
BHUBANESWAR 309 District Centre, Chandrasekharpur
BERHAMPUR Venkatraju Arcade, Sano Bazar
CUTTACK 558/834, Cantonment Road
JHARSUGUDA Sarbhal Road, Marwadi Para
ROURKELA Kesar Bhawan, Main Road
Toll Free : 1800 3131 777
Follow Us :
NOWHERE ELSE

# ‘ସ୍ୱଚ୍ଛତା ରହିଲେ ବିଶ୍ୱାସ ବଢ଼ିବ’

ଓଡ଼ିଶା ଆଡଭର୍ଟାଇଜିଂ ମାର୍କେଟରେ ୨୦୦୧ରୁ ‘ଏକ୍ସପୋଜ୍’ ଆଡଭର୍ଟାଇଜିଂ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଏପରିକି ୪ଜଣ କର୍ମଚାରୀଙ୍କୁ ନେଇ ଆରମ୍ଭ ହୋଇଥିବା ଉକ୍ତ ଏଜେନ୍ସି ବର୍ତ୍ତମାନ ୩୫ରେ ପହଞ୍ଚିଛି। ସେହିଭଳି ସାରା ଓଡ଼ିଶାରେ ସଂସ୍ଥାର ଦୃଢ଼ ଉପସ୍ଥିତି ରହିଥିବା ଜଣାପଡ଼ିଛି। ବିଶେଷକରି ଗୁଣାତ୍ମକ ସେବା ଓ ସମୟାନୁବର୍ତ୍ତିତା ଯୋଗୁ ଏକ୍ସପୋଜ ଆଡଭର୍ଟାଇଜିଂ କେବଳ ଓଡ଼ିଶା ନୁହେଁ ବରଂ ପଡ଼ୋଶୀ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ମଧ୍ୟ ସଂସ୍ଥା ବ୍ୟବସାୟ ଚଳାଇଛି। ବିଶେଷକରି ବ୍ୟବସାୟରେ ସ୍ୱଚ୍ଛତା ରଖିଲେ ଗ୍ରାହକଙ୍କ ବିଶ୍ୱାସ ବଢ଼ିବ ଏବଂ ଆପଣଙ୍କ ବ୍ୟବସାୟ ଆଗକୁ ବଢ଼ିବ। କମ୍ ଦିନରେ ଅନେକ ସଫଳତା ପାଇଥିବା ଏକ୍ସପୋଜ୍ ଆଡଭର୍ଟାଇଜିଂ ମୁଖ୍ୟ ସଞ୍ଜୀବ ମହାନ୍ତିଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା...

ଧରିତ୍ରୀ | OrissaPOST BUSINESS EMINENCE AWARDS

**୧– ପ୍ର. ସଂସ୍ଥାର ବ୍ୟବସାୟିକ ଯାତ୍ରା କିଭଳି ରହିଛି?**

ଉ– ଦୀର୍ଘ ୨ ଦଶନ୍ଧିର ବ୍ୟବସାୟିକ ଯାତ୍ରା ବେଶ୍ ରୋମାଞ୍ଚ ଓ ଘଟଣାବହୁଳ ରହିଛି, ଏପରିକି ଆମେ ବହୁ ଘାତପ୍ରତିଘାତ ସହ ସଫଳତା ଏବଂ ବିଫଳତା ପରିସ୍ଥିତି ଦେଇ ଗତି କରିଛୁ। ତେବେ ସବୁ ପ୍ରକାର ପରିସ୍ଥିତିକୁ ଆମେ ବେଶ୍ ଉପଭୋଗ କରିଛୁ।

**୨– ପ୍ର. ବ୍ୟବସାୟରେ ସାମ୍ନା କରିଥିବା ବଡ଼ ଉପଲବ୍ଧି କ’ଣ?**

ଉ– ବ୍ୟବସାୟରେ ଅନେକ ପ୍ରକାର ଉପଲବ୍ଧି ମିଳିଥାଏ। ବିଶେଷକରି ଯଦି ଆପଣ କାମରେ ଗୁଣବତ୍ତା ରକ୍ଷା କରିବା ସହ ଠିକ୍ ସମୟରେ ଗ୍ରାହକଙ୍କୁ ତାହା ଯୋଗାଇଦେଇ ପାରିବେ, ତେବେ ତାହା ଆପଣଙ୍କ ପାଇଁ ସବୁଠୁ ବଡ଼ ଉପଲବ୍ଧି ହୋଇଥାଏ। କାରଣ ଏଭଳି ବ୍ୟବସାୟରେ ଗ୍ରାହକମାନେ ସର୍ବଦା କ୍ୱାଲିଟି ଏବଂ ଟାଇମିଂକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଅପରପକ୍ଷରେ ପାଣ୍ଠି ପରିଚଳନା ବା ଫଣ୍ଡ ମ୍ୟାନେଜମେଣ୍ଟ ବର୍ତ୍ତମାନ ସବୁଠୁ ବଡ଼ ଡିସ୍ ଆଡଭାଣ୍ଟେଜ ହୋଇଯାଇଛି। କାରଣ କୋଭିଡ୍ ପରଠାରୁ ପେମେଣ୍ଟ ଆସିବା ଏକ ପ୍ରକାର ବନ୍ଦ ହୋଇଯାଇଛି, ଯେଉଁଥିପାଇଁ ଆମେ ଆମର ଭେଣ୍ଡର ଏବଂ ମିଡିଆ ହାଉସକୁ ପେମେଣ୍ଟ ଦେବା ପାଇଁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହେଉଛୁ।

**୩– ପ୍ର. କମ୍ପାନୀର ସ୍ୱତନ୍ତ୍ର ବ୍ୟବସାୟିକ ଉଦ୍ଦେଶ୍ୟ(ୟୁଏସ୍‌ପି) କ’ଣ ରହିଛି? ଆଉ ବ୍ୟବସାୟକୁ ଆଗକୁ ବଢ଼ାଇବାରେ କ’ଣ ଯୋଜନା କରିଛନ୍ତି?**

ଉ– ଆଡଭର୍ଟାଇଜିଂ ବ୍ୟବସାୟରେ ଗ୍ରାହକଙ୍କ ସହ ସ୍ୱଚ୍ଛତା ବଜାୟ ରଖିବା ଜରୁରୀ ହୋଇଥାଏ। ଏପରିକି ଅଧିକ ଟଙ୍କା ଦାବି ନ କରି ଉଚିତ ଦାମ ଲଗାଇବା ସହ ଠିକ୍ ସମୟରେ କ୍ୱାଲଟି ସେବା ଯୋଗାଇବା। ଆମର ମାନବ ସମ୍ବଳକୁ ଠିକ୍ ଭାବେ ବ୍ୟବହାରକରି ସଂଗଠିତ ଭାବେ କାର୍ଯ୍ୟ କରିବା ଉପରେ ବେଶ୍ ଗୁରୁତ୍ୱ ଦେଉଛୁ। ଆଗାମୀ ଦିନରେ ଅନେକ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। ସେଥିପାଇଁ ଆବଶ୍ୟକ କାର୍ଯ୍ୟ କରାଯାଉଛି।

**୪– ପ୍ର. ଓଡ଼ିଶା ଆଡଭର୍ଟାଇଜିଂ ମାର୍କେଟିଂ ଆଗକୁ ବଢ଼ିବ ବୋଲି ଭାବୁଛନ୍ତି କି ?**


ଉ– ବର୍ତ୍ତମାନ ଆମେ ଏକ ଖରାପ ସମୟ ଦେଇ ଗତି କରୁଛୁ। କାରଣ ଆଗ ଅପେକ୍ଷା କାମ ଦିନକୁ ଦିନ କମିବାରେ ଲାଗିଛି। ଏପରିକି କୋଭିଡ୍ ଆଡଭର୍ଟାଇଜିଂ ବ୍ୟବସାୟ ଶିଳ୍ପକୁ ଗୁରୁତର ଭାବେ କ୍ଷତି ପହଞ୍ଚାଇଛି। ଆଗାମୀ ଦିନରେ ଯଦି ଭଲ ବ୍ୟବସାୟ ବାତାବରଣ ସୃଷ୍ଟି ହେବ ତା’ ହେଲେ ବ୍ୟବସାୟ ଭଲ ହେବ ବୋଲି ଆଶା କରୁଛୁ।

**୫– ପ୍ର. ଆଡଭର୍ଟାଇଜିଂ ମାର୍କେଟିଂରେ ପ୍ରବେଶ କରୁଥିବା ନବାଗତଙ୍କ ପାଇଁ କ’ଣ ସନ୍ଦେଶ ରହିବ?**

ଉ– ବ୍ୟବସାୟ ଯାହା ବି କର କଠିନ ପରିଶ୍ରମ ନିହାତି ଜରୁରୀ। ବିଶେଷକରି ଗ୍ରାହକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦିଆ ନ ଯିବା ଆବଶ୍ୟକ। ଏପରିକି ଗୁଣାତ୍ମକ ସେବା ଓ ବିଶ୍ୱାସଭାଜନ ବେଶ୍ ଗୁରୁତ୍ୱ ବହନ କରିଥାଏ। ଏଭଳି କିଛି ପଦକ୍ଷେପକୁ ଠିକ୍ ଭାବେ ଆପଣାଇଲେ ଆପଣ ଜଣେ ସଫଳ ବ୍ୟବସାୟୀ ହୋଇପାରିବେ।

**୬– ପ୍ର. ଅବସର ସମୟରେ କ’ଣ କରିବାକୁ ଭଲପାନ୍ତି ?**

ଉ –ବର୍ତ୍ତମାନର ପ୍ରତିଯୋଗିତାମୂଳକ ବ୍ୟବସାୟରେ ବ୍ୟବସାୟୀଙ୍କ ପାଇଁ ଅବସରର ସଂଜ୍ଞା ପରିବର୍ତ୍ତନ ହୋଇଯାଇଛି। ତଥାପି ବ୍ୟସ୍ତବହୁଳ ସମୟ ମଧ୍ୟରୁ କିଛି ସମୟ ବାହାର କରିବାକୁ ପଡ଼ିଥାଏ। କାରଣ ବ୍ୟବସାୟ ପରେ ମଧ୍ୟ ସାମାଜିକ ଜୀବନ ଓ ପରିବାରର ଦାୟିତ୍ୱ ମୁଣ୍ଡ ଉପରେ ଥାଏ। ସେଥିପାଇଁ ଯେଉଁ କିଛି ସମୟ କଷ୍ଟରେ ମିଳିଥାଏ ତା’ର ସଦୁପଯୋଗ ପାଇଁ ସର୍ବଦା ଚେଷ୍ଟା କରିଥାଏ। ଏପରିକି ପରିବାରକୁ ସମୟ ଦେବା ସହ ସାଙ୍ଗସାଥୀ ଓ ପରିଜନଙ୍କୁ ମଧ୍ୟ ସ୍ୱତନ୍ତ୍ର ସମୟରେ ସମୟ ଦେଇଥାଏ। ବିଶେଷକରି ଯେହେତୁ ବିଜ୍ଞାପନଭିତ୍ତିକ ବ୍ୟବସାୟରେ ରହିଛି, ସେଥିପାଇଁ ଅଧିକ ସମୟ ପରିଭ୍ରମଣ କରିବାର ଅଭ୍ୟାସ ମଧ୍ୟ ରହିଛି। ବର୍ଷର ବିଶେଷ ସମୟରେ ବାହାରକୁ ଯିବା ଓ ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡିତ ହେବାକୁ ଭଲଲାଗେ। ଘରେ ଥିଲେ ସଂଗୀତ ଶୁଣିବା ଓ ପରିବାର ସହ ହସଖୁସିର ସାଥୀ ହୋଇଥାଏ।



ସଞ୍ଜୀବ ମହାନ୍ତି

# ୨୭ରେ ଦିବ୍ୟଶଙ୍କରଙ୍କ ଦ୍ୱିତୀୟ ବାହାଘର




ବିଧାୟକ ଦିବ୍ୟଶଙ୍କର ମିଶ୍ର ଓ ପ୍ରିୟଙ୍କା ଅଗସ୍ତି

**ଭବାନୀପାଟଣା, ୨୧।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଦ୍ୱିତୀୟ ବିବାହ କରିବା ନେଇ ଏବେ ସୋସିଆଲ ମିଡିଆରେ ଖବର ପ୍ରଚାର ହେବାରେ ଲାଗିଛି। ଫେବୃୟାରୀ ୨୭ରେ ପୁରୀରେ ସେ ବିବାହ କରିବେ ବୋଲି ତାଙ୍କ ପରିବାର ସୂତ୍ରରୁ ସୂଚନା ମିଳିଛି। ଦିବ୍ୟଶଙ୍କର ତାଙ୍କ ନିର୍ବାଚନମଣ୍ଡଳୀ ଅଧୀନ ଗୋଲାମୁଣ୍ଡା ବ୍ଲକ ଦେକୋଟ ଗାଁର ଭବାନୀ ଅଗସ୍ତିଙ୍କ ଝିଅ ପ୍ରିୟଙ୍କା ଅଗସ୍ତି (ପିନା)ଙ୍କୁ ବିବାହ କରୁଥିବା ଜଣାପଡିଛି। ଏହା ଉଭୟଙ୍କ ଦ୍ୱିତୀୟ ବିବାହ। ପ୍ରିୟଙ୍କା ବେଙ୍ଗାଲୁରରେ ସଫ୍ଟୱେର ଇଞ୍ଜିନିୟର ଭାବେ କାମ କରୁଛନ୍ତି। ଏହା ପୂର୍ବରୁ ଦିବ୍ୟଶଙ୍କର ଜୟପାଟଣାରେ ବିବାହ କରିଥିଲେ। କୌଣସି କାରଣରୁ ତାଙ୍କର ଛାଡପତ୍ର ହୋଇଥିଲା। ଦିବ୍ୟଶଙ୍କରଙ୍କ ଗୋଟିଏ ପୁଅ ଥିବାବେଳେ ସେ ଦୁବାଇରେ ପାଠ ପଢୁଛନ୍ତି। ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଜିଲା କେସିଙ୍ଗା ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କ ଅପହରଣ ଓ ହତ୍ୟା ଘଟଣା ନେଇ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ମିଶ୍ର ଚର୍ଚ୍ଚାରେ ରହିଥିଲେ।

# ଚଳିତ ଶିକ୍ଷାବର୍ଷରୁ କଳାହାଣ୍ଡି ମେଡିକାଲ କଲେଜରେ ପାଠପଢ଼ା

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

ଚଳିତ ଶିକ୍ଷାବର୍ଷରୁ କଳାହାଣ୍ଡି ମେଡିକାଲ କଲେଜରେ ପାଠପଢ଼ା ଆରମ୍ଭ ହେବ। ଏନେଇ ଡିଏମ୍ଇଟି ଡା. ସଚ୍ଚିଦାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତା ବର୍ଷ ଯାଜପୁର ଓ କନ୍ଧମାଳ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ୨୦୨୬ ସୁଦ୍ଧା ତାଳଚେରରେ ମଧ୍ୟ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ଆଗକୁ ସବୁ ଜିଲା ସଦର ମହକୁମାରେ ମେଡିକାଲ କଲେଜ ଖୋଲିବା ଲାଗି ରାଜ୍ୟ ସରକାର ଯୋଜନା ରଖିଛନ୍ତି। ବର୍ତ୍ତମାନ ରାଜ୍ୟର ବ୍ରହ୍ମପୁର, କଟକ ଓ ବୁର୍ଲା ସମେତ ମୋଟ ୧୦ଟି ସରକାରୀ ମେଡିକାଲ କଲେଜ ରହିଛି। ଏଥିସହ ୨ଟି ପୋଷ୍ଟ ଗ୍ରାଜୁଏଟ ଓ ଡେଣ୍ଟାଲ ମେଡିକାଲ କଲେଜ ରହିଛି। ପୂର୍ବରୁ କଟକ, ବୁର୍ଲା ଓ ବ୍ରହ୍ମପୁର ମେଡିକାଲ କଲେଜରେ ୭୦୦ ଡାକ୍ତରୀ ସିଟ୍ ରହିଛି। ଏବେ ରାଜ୍ୟରେ ଖୋଲିଥିବା ୭ଟି ନୂଆ ମେଡିକାଲ କଲେଜ ଯୋଗୁ ଆଉ ୭୦୦ ସିଟ୍ ଯୋଡ଼ି ହୋଇଛି। ଫଳରେ ରାଜ୍ୟର ସରକାରୀ ମେଡିକାଲ କଲେଜର ମୋଟ ଡାକ୍ତରୀ ସିଟ ସଂଖ୍ୟା ୧,୪୦୦ରେ ପହଞ୍ଚିଛି। ସବୁ ଜିଲାରେ ମେଡିକାଲ କଲେଜ ଖୋଲିବା ପରେ ରାଜ୍ୟରେ ଦେଖାଦେଇଥିବା ଡାକ୍ତର ଅଭାବ ସମସ୍ୟା ଦୂର ହେବ। ସେହିଭଳି ଏମ୍‌ବିବିଏସ୍ ଡିଗ୍ରୀ ହାସଲ ପରେ ରାଜ୍ୟ ବାହାରକୁ ନ ଯିବା ପାଇଁ ଦୁଇ ବର୍ଷ ଚୁକ୍ତି କରାଯାଉଛି। ନକଲି ଡାକ୍ତରଙ୍କୁ ଚିହ୍ନଟ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଖୁବଶୀଘ୍ର ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଡିଏମ୍ଇଟି କହିଛନ୍ତି।

# ‘ସମ୍ବଲପୁର, ଦେବଗଡ଼ ଜିଲାର ପର୍ଯ୍ୟଟନ ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ମିଳୁ’

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ ଖିଣ୍ଡା ସମେତ ସମ୍ବଲପୁର ଏବଂ ଦେବଗଡ଼ ଜିଲାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ମଞ୍ଜୁର କରିବା ପାଇଁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ସମ୍ବଲପୁର ଏବଂ ଦେବଗଡ଼ ଜିଲାରେ ପର୍ଯ୍ୟଟନର ବିକାଶ ପାଇଁ ଅପାର ସମ୍ଭାବନା ରହିଛି। ପୁରୀ ଏବଂ ଭୁବନେଶ୍ୱର ଭଳି ସମ୍ବଲପୁର ଜିଲାର ମହାନଦୀ ତଟରେ ଥିବା ବିଶ୍ୱର ଦୀର୍ଘତମ ନଦୀବନ୍ଧ ହୀରାକୁଦ, ହୁମା ମନ୍ଦିର ଉଭୟ ଘରୋଇ ଏବଂ ଆନ୍ତର୍ଜାତିକ ପର୍ଯ୍ୟଟକଙ୍କ ଦୃଷ୍ଟିଗୋଚର ହୋଇନାହିଁ। ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସହର ସମ୍ବଲପୁର ପାରମ୍ପରିକ ହସ୍ତଶିଳ୍ପ, ବସ୍ତ୍ର ଏବଂ ଶାଢ଼ି ପାଇଁ ଅଧିକ ପରିଚିତ। ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଲେ ସେମାନେ ସମ୍ବଲପୁରୀ ବସ୍ତ୍ରାଳୟକୁ ଯାଇ ପୋଷାକ ବୁଣିବା ପଦ୍ଧତି ଶିଖିବା ସହ ସ୍ଥାନୀୟ ସାମଗ୍ରୀ ମଧ୍ୟ କିଣିବେ। ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ହେଉଛି ସମ୍ବଲପୁର ଜିଲା ଖିଣ୍ଡା। ୧୮୫୭ରେ ବ୍ରିଟିଶଙ୍କ ବିରୋଧୀରେ ସଂଗ୍ରାମ କରି ସୁରେନ୍ଦ୍ର ସାଏ ଦୀର୍ଘ ୪୦ ବର୍ଷରୁ ଅଧିକ ସମୟ କାରାଦଣ୍ଡ ଭୋଗ କରିଥିଲେ। ପର୍ଯ୍ୟଟକ ଓ ଐତିହାସିକମାନେ ତାଙ୍କ ଜନ୍ମସ୍ଥାନକୁ ଯାଇ ସୁରେନ୍ଦ୍ର ସାଏଙ୍କ ଜୀବନ ଓ ଦେଶ ସ୍ୱାଧୀନତା ପାଇଁ ତାଙ୍କ ସଂଗ୍ରାମ ବିଷୟରେ ଜାଣିପାରିବେ। ଅନୁରୂପ ଭାବେ ଜଙ୍ଗଲ, ଝରଣା, ପର୍ବତର ସବୁଜିମା ମଧ୍ୟରେ ଅବସ୍ଥିତ ଦେବଗଡ଼ ସହର। ଲକ୍‌ଡାଉନ ଯୋଗୁ ପର୍ଯ୍ୟଟନ କ୍ଷେତ୍ର ବିଶେଷ ପ୍ରଭାବିତ ହୋଇଥିଲା। ତେଣୁ ଏହିସବୁ ସ୍ଥାନ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ମଞ୍ଜୁର କରାଗଲେ ପର୍ଯ୍ୟଟନ ଭିତ୍ତିଭୂମି ବୃଦ୍ଧି ହେବ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

# ବିଷ ପିଇଲେ ମଙ୍ଗୁଳାକନ୍ୟା

## ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

**ବଲାଙ୍ଗୀର ଅଫିସ, ୨୧।୨**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଚିକଲବାହାଲ ଗାଁରେ ବାହାଘରର ଦିନକ ପୂର୍ବରୁ ବିଷ ପିଇ ଦେଇଛନ୍ତି ମଙ୍ଗୁଳାକନ୍ୟା। ଗୁରୁତର ଅବସ୍ଥାରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେଉଁ କାରଣରୁ ସେ ବିଷ ପିଇଲେ ତାହା ସ୍ପଷ୍ଟ ହୋଇନାହିଁ। ବୁଧବାର ବାହାଘର ତିଥି ଧାର୍ଯ୍ୟ ହୋଇଥିଲା। ବିବାହ ପାଇଁ କନ୍ୟାପକ୍ଷ ସମସ୍ତ ପ୍ରସ୍ତୁତି ସାରିଥିଲେ। ଘରକୁ ଆସି ସାରିଥିଲେ ସମ୍ପର୍କୀୟ ଓ ବନ୍ଧୁବାନ୍ଧବ। ହଠାତ୍ ମଙ୍ଗୁଳାକନ୍ୟା ବିଷ ପିଇଦେଇଥିବା ମଙ୍ଗଳବାର ସକାଳେ ଜଣାପଡ଼ିଥିଲା। ତାଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି। ପରିବାର ଲୋକେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ଦେଓଗାଁ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମଙ୍ଗୁଳାକନ୍ୟା ବିଷ ପିଇବା ପରେ ସଇଁତଲା ଥାନା ଅନ୍ତର୍ଗତ ଏକ ଗାଁର ବରପକ୍ଷ କ’ଣ ପଦକ୍ଷେପ ନେବ ତାକୁ ନେଇ ଆଲୋଚନା ଜାରି ରହିଛି।

# ଭୁବନେଶ୍ୱରରେ ୩୮ ଡିଗ୍ରୀ ତାପମାତ୍ରା

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

ଭୁବନେଶ୍ୱରରେ ରେକର୍ଡ ଭାଙ୍ଗିଛି ତାତି। ମଙ୍ଗଳବାର ଏବର୍ଷର ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗତ କିଛିଦିନ ଧରି ପ୍ରବଳ ଖରା ଯୋଗୁ ପୂର୍ବାହ୍ନ ୧୦ ପରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ସୂଚନାଯୋଗ୍ୟ, ୧୯୬୩ ଫେବୃୟାରୀରେ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୨.୭ ଡିଗ୍ରୀ ରେକର୍ଡ ହୋଇଥିଲା। ୨୦୨୩ରେ ଏହି ତାପମାତ୍ରା ରେକର୍ଡ ଟପିଯିବ ବୋଲି ପାଣିପାଗ ବିଭାଗ ଅନୁମାନ କରୁଛି। ୨୦୧୬ ଫେବୃୟାରୀ ୨୧ରେ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୦.୯ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ୨୦୨୦ ଫେବୃୟାରୀ ୧୯ରେ ୩୩.୮, ୨୦୨୧ ଫେବୃୟାରୀ ୨୭ରେ ୪୦.୬ ଏବଂ ୨୦୨୨ ଫେବୃୟାରୀ ୨୮ରେ ୩୪.୫ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ ହୋଇଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ କହିଛନ୍ତି, ଏବେଠୁ ଖରାର ପ୍ରକୋପ କେବଳ ଓଡ଼ିଶାରେ ନୁହେଁ, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟରେ ମଧ୍ୟ ଅନୁଭବ ହୋଇଛି। ତେଲଙ୍ଗାନାର ଆଖପାଖ ଅଞ୍ଚଳ ଥିବା ଓଡ଼ିଶାରେ ତାପମାତ୍ରା ବୃଦ୍ଧି ପାଉଛି। ଧୀରେ ଧୀରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହେଉଥିବାରୁ ତାପମାତ୍ରା ବଢୁଛି। ଦେଖିବାକୁ ଗଲେ ବର୍ତ୍ତମାନ ଗୁରୁଚାପ ବଳୟ ପଶ୍ଚିମ ଭାରତରେ ସକ୍ରିୟ ରହିଛି, ଯାହାର ପ୍ରଭାବରେ ରାଜ୍ୟ ମଧ୍ୟକୁ ଶୁଷ୍କ ବାୟୁ ପ୍ରବାହିତ ହେଉଛି। ଶୁଷ୍କ ବାୟୁ ସୂର୍ଯ୍ୟଙ୍କ ତାତିରେ ଆସି ବାୟୁମଣ୍ଡଳରେ ତାପମାତ୍ରା ବଢ଼ାଉଛି। ପାଣିପାଗ କେନ୍ଦ୍ର ସୂଚନାନୁସାରେ, ମଙ୍ଗଳବାର ଅନୁଗୋଳରେ ୩୭.୧ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ତାଳଚେରରେ ୩୭, ବଲାଙ୍ଗୀରରେ ୩୬.୯, ଝାରସୁଗୁଡ଼ା ୩୬.୮, ସମ୍ବଲପୁର ୩୬.୫, ସୋନପୁର ୩୬.୮, ବୌଦ୍ଧ ୩୬.୯, ଟିଟିଲାଗଡ଼ ୩୬, ବାରିପଦା ୩୬, ମାଲକାନଗିରି ୩୬.୫, ହୀରାକୁଦ ୩୬.୩, କଟକ ୩୫.୨, ଖୋର୍ଦ୍ଧା ୩୫.୫, ଭଦ୍ରକ ୨୬, ନୟାଗଡ଼ ୩୫, ଭବାନୀପାଟଣା ୩୫.୫ ଏବଂ ଚାନ୍ଦବାଲିରେ ୩୫.୮ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ ହୋଇଛି।

ଓଡ଼ିଶା ସରକାର

No.AA-36

## ବୈଦ୍ୟୁତିକ ଯାନ ପାଇଁ ସର୍ବୋତ୍ତମ ଅଭ୍ୟାସ (କରିବା / ନ କରିବା)

- ରାତିରେ ଚାର୍ଜିଂ କରୁଥିଲେ ସ୍ଲୋ ଚାର୍ଜିଂ ବ୍ୟବହାର କରନ୍ତୁ। ଏହାଦ୍ୱାରା ବ୍ୟାଟେରି ଦୀର୍ଘସ୍ଥାୟୀ ହୋଇଥାଏ।
- ନିୟମିତ / ବାରମ୍ବାର ଫାଷ୍ଟ ଚାର୍ଜିଂ କରନ୍ତୁ ନାହିଁ।
- ଫାଷ୍ଟ ଚାର୍ଜିଂରେ, ଇଭିକୁ ୧୦୦% ଚାର୍ଜ ନ କରି ୮୦% ପର୍ଯ୍ୟନ୍ତ ଚାର୍ଜ କରନ୍ତୁ।
- ବ୍ୟାଟେରିର ଚାର୍ଜ ସ୍ତରକୁ ଏହାର କ୍ଷମତାର ୨୦% ତଳକୁ ଖସିବା ପୂର୍ବରୁ ଚାର୍ଜ କରେଇ ନିଅନ୍ତୁ।
- ବୈଦ୍ୟୁତିକ ଯାନକୁ ଅନୁକୂଳ ବେଗରେ ଚଳାନ୍ତୁ।
- ଚାର୍ଜ କରାଯାଉଥିବାବେଳେ କାର୍‌ରେ ବସିବା ଅନୁଚିତ।
- ଇଭିକୁ ବାୟୁ ଚଳାଚଳ କରୁଥିବା ସ୍ଥାନରେ ପାର୍କିଂ କରି ଚାର୍ଜ କରନ୍ତୁ।
- ଆପଣଙ୍କ ଘରେ କିମ୍ବା ଅଫିସ୍‌ରେ ଇଭି ଚାର୍ଜର ଲଗାନ୍ତୁ। ବାସଗୃହ କିମ୍ବା କାର୍ଯ୍ୟାଳୟରେ ପୂର୍ବରୁ ଥିବା ବିଦ୍ୟୁତ୍ ସଂଯୋଗକୁ ଇଭି ଚାର୍ଜିଂ ପାଇଁ ମଧ୍ୟ ବ୍ୟବହାର କରାଯାଇପାରେ।
- ବୈଦ୍ୟୁତିକ ଯାନର ସୀମିତ ପରିସରକୁ ଦୃଷ୍ଟିରେ ରଖି ନିଜ ଯାତ୍ରାର ମାର୍ଗକୁ ଯୋଜନା କରନ୍ତୁ। ଶକ୍ତି ମନ୍ତ୍ରାଳୟ ଦ୍ୱାରା ଇଭି ଯାତ୍ରା ମୋବାଇଲ ଆପ୍ ମାଧ୍ୟମରେ ରୁଟ୍ ପ୍ଲାନିଂ କରିବା ଉଚିତ।
- Public ଇଭି ଚାର୍ଜିଂ ଷ୍ଟେସନ ପାଇଁ ଚାର୍ଜିଂ କରିବାର ନିୟମ ଓ ନିର୍ଦ୍ଦେଶାବଳୀକୁ ସମୁଚିତ ଭାବରେ ଅନୁସରଣ କରନ୍ତୁ।
- ସାଧାରଣତଃ ୪ ଗୋଟି ଲଗାତର ଫାଷ୍ଟ ଚାର୍ଜିଂ ସେସନ୍ ପରେ ଥରେ ସ୍ଲୋ ଚାର୍ଜିଂ ସେସନ୍ କରିବା ଉଚିତ ହୋଇଥାଏ।
- ଯଦି କାର୍ ଦୀର୍ଘ ସମୟ ଧରି ପାର୍କ ହେଉଛି ତେବେ ବ୍ୟାଟେରିକୁ ୮୦% ପର୍ଯ୍ୟନ୍ତ ଚାର୍ଜ କରନ୍ତୁ।

**ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ**
**ଶକ୍ତି ବିଭାଗ, ଓଡ଼ିଶା ସରକାର**

OIPR-04066/11/0020/2223

Indian handicrafts भारतीय हस्तशिल्प continuing tradition | G20

ଗାନ୍ଧୀ ଶିଳ୍ପ ବଜାର-୨୦୨୩
GANDHI SHILP BAZAAR-2023
ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ
NATIONAL HANDICRAFT EXHIBITION
Place: Golden Sea Beach, Infront of Mahodadhi Nibas, Puri
Date: 20th February to 1st March 2023
Sponsored by: Office of the Development Commissioner (Handicrafts)
Ministry of Textile, Govt of India, New Delhi
Special Handicrafts items from all over India
Please Visit & see the Various Handicrafts Items
Organised by: Shree Srikhetra Soochana, Puri

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
We require a PHARMACIST for our organization.
AGRAHA FOUNDATION
Plot No.- GA 80, Gayatri Bhaban, GA Colony, Bharatpur, Bhubaneswar
e-mail: contact@aagrahafoundation.org
Ph.-9861140807, 9556633763

REQUIRED
GENERAL MANAGER for Real Estate Company. 5-10 Yrs. Exp. Selected few applicants will be invited for Interview.
Salary: 40,000/- p.m.
Facilities: Free Four Wheeler Vehicle with Driver, Mobile Recharge, House Rent, EPF & ESI. Call: 7008432414.
Mail us: estgmbbsr@gmail.com

ଶିକ୍ଷକ ଆବଶ୍ୟକ
ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଜି.ଜି.ପି., ରସୁଲଗଡ଼ ପାଇଁ B.A/ M.A. B.Ed ଇଂରାଜୀ ଶିକ୍ଷକ ନବମ, ଦଶମ ଶ୍ରେଣୀ ପାଇଁ ଆବଶ୍ୟକ।
ଯୋଗାଯୋଗ–୮୭୬୩୧୨୩୭୮୨
୯୯୩୭୬୧୯୪୯୭

REQUIRED
1. Marketing Agents in every Block for sale of organic input.
2. Sales Personnel for Industrial Products.
3. Gardener cum Grafter - 3
4. Farm Development Manager
Contact: 9337084518

DELHI PUBLIC SCHOOL
JANJGIR-CHAMPA
Vacancy 2023-24
Walk-In-Interview
Date - 26th February, 2023, (Sunday), Time - 10:00 am to 05:00 pm
1. Head Mistress (3-5 Yrs. Exp.)
2. PGT (3-5 Yrs. Exp.) - Chemistry, Physics, Commerce, English
3. TGT (3-5 Yrs. Exp.) - Science, S.St., English
4. PRT (2-3 Yrs. Exp.) - Maths, Computer
5. Others (2-3 Yrs. Exp.) - Music Teacher
6. Pre-Primary Coordinators (3-5 Yrs. Exp.) - 2 Posts
7. Pre-Primary Teachers (2-3 Yrs. Exp.) - 3 Posts
8. Computer Teacher (Robotics & AI) (2-3 Yrs. Exp.)
• Those who cannot attend may share the profile at jobs@dpschampa.com
• Candidates are requested to bring one recent colour passport size photograph
• Interested Candidates can attend a walk-in-Interview at:
Venue - Hotel Sagar Royale, SCR-90, Unit-3, Kharavela Nagar, Housing Board Square, Bhubaneswar - 01, Odisha
Work Location - Champa, Chhattisgarh | Call & Whatsapp ! 8435304007
/www.dpschampa.com | /dpschampa | linkedin.com/school/dpschampa

Utkal Gaurav International School
(A Unit of Utkal Gaurav Foundation)
UGIS
Village:- Berunapadi, Po :- Soso, Block :- Hatadihi, Dist :- Keonjhar, Odisha - 758078
Location:- Bhadrak, Via:- Bonth - 28 Km
Advertisement for Recruitment: Teaching and Non-Teaching
• Principal • Vice-Principal • Post Graduate Teacher-English • Trained Graduate Teacher-Social Studies, Hindi, Math, Science • Computer Teacher • Art Teacher • Music Teacher • PET (Male & Female) • PRT- Odia, Sanskrit and all subjects • Nursery Teacher • LDC (Lower Division Clerk) • Librarian • Lab Attendant • Judo & Taekwondo • Food Manager • Peon • Cook
Submit your application within 15 days from the date of advertisement.
How to apply - visit the link given below for detailed information
www.utkalgaurav.org (Career Section), Mob:- 9040005333
Resume to be sent :- resume.ugis@gmail.com




# ଖରାପ ରେଜଲ୍ଟ କରୁଥିବା ସ୍କୁଲ ଶିକ୍ଷକଙ୍କ ତାଲିକା ହେବ

- ୬ ବର୍ଷ ହେଲା ପ୍ରାଥମିକ ପିଲାଙ୍କ ଫଳାଫଳ ନୈରାଶ୍ୟଜନକ
- ମେ' ସୁଦ୍ଧା ରିପୋର୍ଟ ଦାଖଲ ପାଇଁ ସମସ୍ତ ଡିଇଓଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ରାଜ୍ୟରେ ଖରାପ ରେଜଲ୍ଟ କରୁଥିବା ସ୍କୁଲର ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ ହେବ। ଏଥିପାଇଁ ଜିଲା ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ନିର୍ଦ୍ଦେଶାନୁଯାୟୀ, ଯେଉଁ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩ଟି ବିଷୟ ଯଥା ଗଣିତ, ଇଂଲିଶ ଓ ବିଜ୍ଞାନରେ ପିଲାମାନେ ଆଶାଠାରୁ କମ୍ ମାର୍କ ରଖୁଛନ୍ତି, ସେହିସବୁ ସ୍କୁଲ ସହିତ ସେଠାରେ ପଢ଼ାଉଥିବା ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ କରାଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆସନ୍ତା ମେ' ମାସ ଶେଷ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।


ସୂଚନାଯୋଗ୍ୟ, ରାଜ୍ୟର ସରକାରୀ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୫୯,୭୨,୮୭୦ ଥିବାବେଳେ ୧,୯୭,୩୨୬ ଜଣ ଶିକ୍ଷକ ରହିଛନ୍ତି। ତେବେ ରାଜ୍ୟରେ ପାସ୍-ଫେଲ୍ ବ୍ୟବସ୍ଥା ଉଚ୍ଛେଦ ହେବା ପରେ ପିଲାଙ୍କର ପରୀକ୍ଷା ରେଜଲ୍ଟ ଠିକ୍ ଭାବେ ସ୍ପଷ୍ଟ ହୋଇପାରୁନାହିଁ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତିବର୍ଷ ବାର୍ଷିକ ପରୀକ୍ଷା ହେଉଥିଲେ ମଧ୍ୟ ସବୁ ପିଲାଙ୍କୁ ଉତ୍ତୀର୍ଣ୍ଣ କରିଦିଆଯାଉଛି। ଫଳରେ ପିଲାମାନେ କେତେ ଦକ୍ଷ ଓ ସେମାନଙ୍କ ରେଜଲ୍ଟ କିପରି ହେଉଛି ତାହା ଅଭିଭାବକମାନେ ଜାଣିପାରୁନାହାନ୍ତି। ଏପରି ସ୍ଥିତିରେ ଗତ ୬ବର୍ଷ ହେବ ରାଜ୍ୟରେ ଉଭୟ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ଶିକ୍ଷାରେ ପିଲାଙ୍କ ରେଜଲ୍ଟ ଅତ୍ୟନ୍ତ ନୈରାଶ୍ୟଜନକ ରହୁଛି। ବିଶେଷକରି ଗଣିତ, ଇଂଲିଶ ଓ ବିଜ୍ଞାନ ବିଷୟରେ ପିଲାମାନେ ଦୁର୍ବଳ ଥିବା ଜଣାପଡ଼ିଛି। ଏହି ସମସ୍ୟାର ସମାଧାନ ଲାଗି ଶିକ୍ଷକଙ୍କ ଶିକ୍ଷାଦାନ କିପରି ହେଉଛି ତା'ର ତଦନ୍ତ କରାଯିବ ବୋଲି ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଫଳରେ ରାଜ୍ୟର ଯେଉଁ ସ୍କୁଲଗୁଡ଼ିକରେ ୫୦ପ୍ରତିଶତରୁ ଅଧିକ ଛାତ୍ରୀଛାତ୍ର ଗଣିତ, ଇଂଲିଶ ଓ ବିଜ୍ଞାନରେ ୩୦ ପ୍ରତିଶତରୁ କମ୍ ମାର୍କ ରଖିଛନ୍ତି, ସେହି ସ୍କୁଲରେ ସମ୍ପୃକ୍ତ ବିଷୟ ପଢ଼ାଉଥିବା ଶିକ୍ଷକଙ୍କ ପଢ଼ାଇବା ଶୈଳୀ ଏବଂ କେଉଁ କାରଣରୁ ପିଲାଙ୍କ ଉନ୍ନତି ହେଉନାହିଁ ସେ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବେ। ସେଥିପାଇଁ ସମ୍ପୃକ୍ତ ସ୍କୁଲରେ ଗଣିତ, ଇଂଲିଶ ଓ ବିଜ୍ଞାନ ପଢ଼ାଉଥିବା ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ କରିବାକୁ ରାଜ୍ୟର ସମସ୍ତ ଡିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପିଲାମାନେ କାହିଁକି ମୁଖ୍ୟ ୩ଟି ବିଷୟରେ ଦୁର୍ବଳ ତାହା ତଦନ୍ତ କରାଯିବ। ଶିକ୍ଷକଙ୍କ ତାଲିକା ପ୍ରକ୍ରିୟା ଶେଷ ହେବା ପରେ ସମ୍ପୃକ୍ତ ଶିକ୍ଷକଙ୍କ ଶିକ୍ଷାଦାନ ପଦ୍ଧତିରେ ପରିବର୍ତ୍ତନ ଆଣିବା ସହିତ ସେମାନେ କିପରି ଅନୁନ୍ନତ ପିଲାମାନଙ୍କୁ ନୂଆ ଢାଞ୍ଚାରେ ଶିକ୍ଷାଦାନ କରିବେ ସେ ନେଇ ପ୍ରୟାସ କରାଯିବ। ଏଥିସହିତ ଆବଶ୍ୟକ ପଡ଼ିଲେ ସମ୍ପୃକ୍ତ ଶିକ୍ଷକଙ୍କୁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଦିଆଯିବ, ଯଦ୍ୱାରା ସବୁ ବର୍ଗର ପିଲାଙ୍କୁ ଦକ୍ଷ କରାଇବାରେ ସଫଳ ହୋଇପାରିବେ। ଏହାବ୍ୟତୀତ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କେବଳ ଇଂଲିଶ, ବିଜ୍ଞାନ ଏବଂ ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ଗଣିତ, ଇଂଲିଶ ଓ ବିଜ୍ଞାନ ବିଷୟକୁ ଗୁରୁତ୍ୱ ଦିଆଯିବ। ଗତ ୨ବର୍ଷର ରିପୋର୍ଟ ଅନୁସାରେ ତାଲିକା ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଚଳିତବର୍ଷ ସମସ୍ତ ଶ୍ରେଣୀର ବାର୍ଷିକ ପରୀକ୍ଷା ଶେଷ ହେବା ପରେ ପିଲାଙ୍କ ମାର୍କକୁ ନଜର ଦେଇ ତାଲିକା ପ୍ରସ୍ତୁତ କରାଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

# 'ଆଇଟିସିଏମ୍' କ୍ଷେପଣାସ୍ତ୍ର ପରୀକ୍ଷଣ

ବାଲେଶ୍ୱର ଅଫିସ, ୨୧।୨

ବାଲେଶ୍ୱର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରର ୩ନଂ. ଲଞ୍ଚପ୍ୟାଡ୍‌ରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଇଣ୍ଡିଜିନୋସ୍ ଟେକ୍ନୋଲୋଜି କ୍ରୁଜ୍ ମିଶାଇଲ୍ (ଆଇଟିସିଏମ୍)ର ମଙ୍ଗଳବାର ପରୀକ୍ଷଣ କରାଯାଇଛି। ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡୋ ଦ୍ୱାରା ହୋଇଥିବା ଏହି ପରୀକ୍ଷଣରୁ ପ୍ରାପ୍ତ ତଥ୍ୟକୁ ପ୍ରତିରକ୍ଷା ବିଭାଗର ବୈଜ୍ଞାନିକମାନେ ତର୍ଜମା କରୁଛନ୍ତି।

ପୂର୍ବରୁ ଥିବା ନିର୍ଭୟ ମିଶାଇଲର ଏହା ଅପଡେଟ୍ ଭର୍ସନ ଓ ଏଥିରେ ସମ୍ପୂର୍ଣ୍ଣ ଭାବେ ମେକ୍ ଇନ ଇଣ୍ଡିଆର ଯନ୍ତ୍ରାଂଶ ଓ ଜ୍ଞାନକୌଶଳ ବ୍ୟବହାର କରାଯାଇଛି। ଏହି 'ଆଇଟିସିଏମ୍'ରେ ମାନିକ ସ୍ମଲ୍ ଟର୍ବୋ ଫ୍ୟାନ ଇଞ୍ଜିନ୍ ବ୍ୟବହୃତ ହୋଇଛି। ଭୂପୃଷ୍ଠରୁ ଭୂପୃଷ୍ଠକୁ ଲକ୍ଷ୍ୟଭେଦ କରିପାରୁଥିବା 'ଆଇଟିସିଏମ୍'ର ଓଜନ ୧୫୦୦ କିଲୋଗ୍ରାମ ଥିବା ବେଳେ ଲମ୍ବ ୬ ମିଟର ରହିଛି। ଏହା ସମୁଦ୍ର ଜଳସ୍ତରର ୫୦ମିଟର ଉପରେ ଉଡ଼ାଣ କରି ଶତ୍ରୁପକ୍ଷକୁ ଆକ୍ରମଣ କରିପାରିବାର କ୍ଷମତା ରଖିଛି। ଏଥିରେ ୩୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଉଭୟ ଆଣବିକ ଓ ପାରମ୍ପରିକ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇପାରିବ। ଏଥିସହିତ ମିଶାଇଲରେ ଖଞ୍ଜାଯାଇଥିବା ୨.୭ ମିଟର ଲମ୍ବର ଡେଣା ସାହାଯ୍ୟରେ ଏକ ଏୟାରକ୍ରାଫ୍ଟ ଭଳି ଉଡ଼ାଣ କରିବା ସହିତ ଶତ୍ରୁପକ୍ଷର ଫଟୋ, ଭିଡିଓ କଣ୍ଟ୍ରୋଲରୁମ୍‌କୁ ପଠାଇବାକୁ ସକ୍ଷମ ହୋଇଥାଏ।


'ଆଇଟିସିଏମ୍'ର ପରୀକ୍ଷଣ

# ଏସିଡ୍ ମାଡ଼ ଘଟଣା, ୩ ଅଟକ

ବାଲେଶ୍ୱର ଅଫିସ, ୨୧।୨

ବାଲେଶ୍ୱର ସହଦେବଖୁଣ୍ଟା ମଡେଲ ଥାନା ଅଧୀନ ଭୀମପୁରା ଗ୍ରାମରେ ଏସିଡ୍ ମାଡ଼ ଘଟଣାରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ନିର୍ଦ୍ଦେଶରେ ୫ଟି ଟିମ୍ ଗଠନ କରାଯାଇ ସହଦେବଖୁଣ୍ଟା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକଙ୍କ ତତ୍ତ୍ୱାବଧାନରେ ତଦନ୍ତ ଜାରି ରହିଛି। ସହଦେବଖୁଣ୍ଟା ଥାନାର ୨ଟି, ନୀଳଗିରି ଥାନାର ୨ଟି ଓ ଇଶ୍ୱରପୁର ଫାଣ୍ଡିର ଗୋଟିଏ ଟିମ୍‌କୁ ମିଶାଇ ମୋଟ ୫ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ମୁଖ୍ୟ ଅଭିଯୁକ୍ତ ନୀଳଗିରି ଅଞ୍ଚଳ ସନ୍ତରାଗଡ଼ିଆସ୍ଥିତ ନୟାପାଟଣା ଗ୍ରାମର ଚନ୍ଦନ କୁମାର ରଣା(୨୮)ଙ୍କ ବାସଭବନରେ ପୋଲିସ ପହଞ୍ଚିଥିଲା। ଅଭିଯୁକ୍ତ ଚନ୍ଦନ ଓ ତାଙ୍କ ପରିବାର ଲୋକେ ଘରେ ତାଲା ପକାଇ ଫେରାର ଥିବା ଦେଖି ପଡ଼ୋଶୀଙ୍କୁ ପଚରାଉଚରା କରିଛନ୍ତି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଚନ୍ଦନ ଫେରାର ଥିବା ବେଳେ ତାଙ୍କୁ ସହଯୋଗ କରିଥିବା ୨ଜଣ ଏବଂ ଜଣେ ଗହଣା ଦୋକାନୀଙ୍କ ସହ ମୋଟ୍ ୩ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଖୁବ୍‌ଶୀଘ୍ର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସହଦେବଖୁଣ୍ଟା ଥାନା ଅଧିକାରୀ ନାୟକ ପ୍ରକାଶ କରିଛନ୍ତି।

ସୋମବାର ପୂର୍ବାହ୍ନରେ ଚନ୍ଦନ ଭୀମପୁରାସ୍ଥିତ ସ୍ତ୍ରୀଙ୍କ ବଡ଼ଭଉଣୀଙ୍କ ଭଡ଼ାଘରେ ପହଞ୍ଚି ସ୍ତ୍ରୀ ବନିତାଙ୍କୁ ସାଙ୍ଗରେ ଯିବାକୁ ବାଧ କରିଥିଲେ। ସେ ନ ଯିବାରୁ ଉତ୍କ୍ଷିପ୍ତ ହୋଇ ଗାଳିଗୁଲଜ କରିବା ସହ ସାଙ୍ଗରେ ଆଣିଥିବା ଏସିଡ୍ ତାଙ୍କ ଉପରକୁ ପକାଇଥିଲେ। ଏଥିରେ ସ୍ତ୍ରୀ ବନିତା ଗୁରୁତର ହୋଇପଡ଼ିଥିଲେ। ନିକଟରେ ଛିଡ଼ା ହୋଇଥିବା ବଡ଼ଭଉଣୀ ବର୍ଷା ସିଂ (୨୨) ଓ ତାଙ୍କ ୬ବର୍ଷର କନ୍ୟା ଓ ୮ ମାସର ପୁତ୍ର ମଧ୍ୟ ଆହତ ହୋଇଥିଲେ। ବନିତା କଟକରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ୩ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

# ସ୍କୁଟି ଚାଳକଙ୍କୁ କାର୍ ସିଟବେଲ୍ଟ ଫାଇନ

ରାଜଗାଙ୍ଗପୁର, ୨୧।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅଞ୍ଚଳର ଜଣେ ସ୍କୁଟି ଚାଳକଙ୍କୁ କାର୍ ସିଟବେଲ୍ଟ ଫାଇନ ଦେବାକୁ ମେସେଜ ଆସିଥିଲା। ପରେ ଏହା ଭୁଲ ମେସେଜ ବୋଲି ଜଣାପଡ଼ିଛି। ରାଜଗାଙ୍ଗପୁର ସହରରେ ବାସ କରୁଥିବା ଅଭିଷେକ କରଙ୍କର ଏକ ସ୍କୁଟି ଓଡି ୧୬ ଏଫ ୪୩୫୬ ରହିଛି। ତାଙ୍କ ମୋବାଇଲକୁ ଆସିଥିବା ମେସେଜ ଯୋଗେ ଜାଣିବାକୁ ପାଇଲେ ଯେ, ସିଟ ବେଲ୍ଟ ପିନ୍ଧି ନ ଥିବାରୁ ତାଙ୍କୁ ୧୦୦୦ ଟଙ୍କା ଫାଇନ ହୋଇଛି। ତାହା ପୁଣି ଝାରସୁଗୁଡା ଜିଲାରେ। ମେସେଜ ପାଇଲା ପରେ ସେ ବ୍ୟତିବ୍ୟସ୍ତ ହୋଇଥିଲେ। ଏପରି କିପରି ହେଲା। ସେ ଝାରସୁଗୁଡା ଯାଇ ନାହାନ୍ତି କି କାର ଚଳାଇନାହାନ୍ତି। ତାଙ୍କୁ ଯେଉଁ ମେସେଜ ଆସିଛି ତାହା ତାଙ୍କ ସ୍କୁଟିର ନମ୍ବର। ଘଟଣା ପ୍ରଘଟ ହେଲା ପରେ ମଙ୍ଗଳବାର ସନ୍ଧ୍ୟାରେ ଝାରସୁଗୁଡା ଆରଟିଓ କାର୍ଯ୍ୟାଳୟ ପକ୍ଷରୁ ମେସେଜ ପାଇଲେ ଯେ ଏହା ଏକ ହ୍ୟୁମାନ ଏରର। ଯେଉଁ ଥାନା ପକ୍ଷରୁ ଏହା କରାଯାଇଛି ସେହି ଥାନାକୁ ଠିକ କରିବା ପାଇଁ ଝାରସୁଗୁଡା ଆରଟିଓ କାର୍ଯ୍ୟାଳୟ ପକ୍ଷରୁ ମେସେଜ କରାଯାଇଛି।

# ଚିହ୍ନଟକାରୀଙ୍କ ତଣ୍ଟି କାଟିଲେ ଅଭିଯୁକ୍ତ


## ପପୁ ପମ୍‌ପମ୍‌ଙ୍କୁ ଟେକା ମାଡ଼ ଘଟଣା

ଗୋପାଳପୁର, ୨୧।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ସୋରଳ ଗ୍ରାମରେ ଗତ ୧୭ ତାରିଖ ରାତିରେ ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ ଷ୍ଟେଜ ଶୋ' ଉପରକୁ ଟେକା, ପଥର ମାଡ଼ ହୋଇଥିଲା। ଟେକାମାଡ଼ କରିଥିବା ଅଭିଯୁକ୍ତଙ୍କୁ ସେହି ଗ୍ରାମର ଜଣେ ଯୁବକ ଚିହ୍ନଟ କରିଥିଲେ। ଏହି ଘଟଣାରେ ଦଣ୍ଡବିଧାନ ନିମନ୍ତେ ମଙ୍ଗଳବାର ଗ୍ରାମସଭା କରାଯିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସୋମବାର ରାତିରେ ଅଭିଯୁକ୍ତଜଣଙ୍କ ଚିହ୍ନଟକାରୀଙ୍କ ତଣ୍ଟି କାଟି ଏକ କୂଅକୁ ଫିଙ୍ଗିଦେଇଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣଙ୍କ ଫେରାର ହୋଇଯାଇଥିବା ବେଳେ ପୋଲିସ ନଂ୧୦୭/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ସୋରଳ ଗ୍ରାମରେ ହାସ୍ୟ ଅଭିନେତା ପପୁ ପମ୍‌ପମ୍ ଷ୍ଟେଜ ଶୋ' କରୁଥିବା ବେଳେ ଗ୍ରାମର ଟୁନା ବେହେରା ତାଙ୍କୁ ଟେକା ମାଡ଼ କରିଥିଲେ ବୋଲି ଗୋପାଳଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି। ଏହି ଘଟଣା ନେଇ ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡବିଧାନ ନିମନ୍ତେ ମଙ୍ଗଳବାର ଗ୍ରାମସଭା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ସୋମବାର ରାତିରେ ଟୁନାଙ୍କ ସହିତ ଗୋପାଳଙ୍କର ଯୁକ୍ତିତର୍କ ହୋଇଥିଲା। ଟୁନା ଉତକ୍ଷିପ୍ତ ହୋଇ ଏକ ଛୁରିରେ ଗୋପାଳଙ୍କ ତଣ୍ଟି କାଟିଦେବା ସହିତ ନିକଟସ୍ଥ ଏକ କୂଅକୁ ଠେଲି ଦେଇଥିଲେ। ଗୋପାଳଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ମେଡ଼ିକାଲରେ ଭର୍ତ୍ତି କରିଥିଲେ। ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ମେଡ଼ିକାଲରୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଗୋଳନ୍ଥରା ଥାନାରେ ଗୋପାଳଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୁକ୍ତ ଟୁନା ଫେରାର ହୋଇଯାଇଥିଲେ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।



**ଆଜିର ମନ୍ତବ୍ୟ**

"କଂଗ୍ରେସ କ୍ଷମତାକୁ ଆସିବା ମାତ୍ରେ ଦୁର୍ନୀତି ଆସିଥାଏ। ଏହି ଦଳର ବିଭାଜନବାଦୀ ରାଜନୀତି କର୍ନାଟକର ବିକାଶକୁ ଅଟକାଇ ଦେଇଥିବାବେଳେ ଡବଲ୍ ଇଞ୍ଜିନ ସରକାର ରାଜ୍ୟକୁ ଆଗକୁ ବଢ଼ାଇଛି।
– ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଷୁନା ଚାଉଳ ମଣ୍ଡା,
ଗାଳି ନ ଦିଅନ୍ତି, ମାଡ଼ ନ ମାରନ୍ତି
ବଚନରେ କଲେ ଗୁଣ୍ଡା।**

ମାଡ଼ଗାଳିଠାରୁ ପଦିଏ ଟାଣ କଥା ଦେହ ଓ ମନକୁ କ୍ଷତାକ୍ତ କରିଦେଇଥାଏ। ଏପରି ମରମଭେଦୀ କଥାକୁ ସହ୍ୟ କରିବା ଅନେକଙ୍କ ପକ୍ଷେ ସହଜ ହୋଇ ନ ଥାଏ। ଶାଶୁଘରେ ବୋହୂକୁ କଥାରେ ଶାସନ କରିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉପରେ ପଟା, ତଳେ ପଟା
ମଝିରେ ବସିଛି ରଜାର ବେଟା।**

ଏହା ଏକ ନାଁ ଦିଆ ପହେଳି। ଏଠାରେ ଉପର ମାଢ଼ି ଓ ତଳ ମାଢ଼ିରେ ଦାନ୍ତ ଏବଂ ମଝିରେ ଜିଭ ରହିଥିବା ନେଇ ଏଭଳି ପହେଳିକା ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ





ମଙ୍ଗଳବାର ବଜେଟ ଅଧିବେଶନ ଆରମ୍ଭରେ ବିଧାନସଭାକୁ ପ୍ରବେଶ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର।

# ବିଧାନସଭାରେ ଶୋକ: ଦିନକ ପାଇଁ ଗୃହ ମୁଲତବୀ

## ଭୁଲ ହୋଇଗଲା ନବଙ୍କ ଜନ୍ମସ୍ଥାନ

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ବିଧାନସଭାର ବଜେଟ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ରାଜ୍ୟପାଳ ଗଣେଶୀ ଲାଲଙ୍କ ଅଭିଭାଷଣ ପରେ ପରଲୋକଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ମଧ୍ୟାହ୍ନ ୧୨ଟା ୨୧ ମିନିଟରେ ଗୃହରେ ଶୋକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୋକପ୍ରସ୍ତାବ ଆଗତ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ବିଧାନସଭା ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସ, ପୂର୍ବତନ ସଦସ୍ୟ ଗଙ୍ଗାଧର ଦାସ ଏବଂ ଅର୍ଜୁନ ଚରଣ ଦାସଙ୍କ ବିୟୋଗରେ ଶୋକପ୍ରସ୍ତାବ ଆଗତ କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସଦସ୍ୟଙ୍କ ରାଜନୈତିକ ଜୀବନୀ ଉପରେ ସଂକ୍ଷିପ୍ତ ସୂଚନା ଦେବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗୃହର ସମବେଦନା ଜଣାଇ ଦେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ମନ୍ତ୍ରୀ ତଥା ଗୃହର ସିନିଅର ସଦସ୍ୟ ନବ ଦାସଙ୍କ ଦୁଃଖଦ ମୃତ୍ୟୁ ହୋଇଥିବା କହିବା ସହ ସ୍ୱାସ୍ଥ୍ୟମନ୍ତ୍ରୀ ଥିବାବେଳେ ତାଙ୍କ ନେତୃତ୍ୱରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କୋଭିଡ୍-୧୯ ମହାମାରୀ ପରିଚାଳନା, ୩ଟି ନୂଆ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବା, କ୍ୟାପିଟାଲ ହସ୍ପିଟାଲ ପିଜି ଶ୍ରେଣୀକୁ ଉନ୍ନୀତ ହେବା ଓ ବିଜୁ ସ୍ମାର୍ଟ କାର୍ଡ ବଣ୍ଟନ ଆଦି ସମ୍ଭବ ହୋଇଥିଲା ବୋଲି କହିଥିଲେ। ନବଙ୍କ ଜନ୍ମ ୧୯୬୨ ଜାନୁୟାରୀ ୭ରେ ଝାରସୁଗୁଡ଼ାର ସରବାହଲଠାରେ ହୋଇଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଶୋକ ପ୍ରସ୍ତାବରେ ଉଲ୍ଲେଖ କରିଥିଲେ। ତେବେ ନବଙ୍କ ଜନ୍ମସ୍ଥାନକୁ ନେଇ ମୁଖ୍ୟମନ୍ତ୍ରୀ ଯେଉଁ ତଥ୍ୟ ଦେଇଛନ୍ତି ତାହା ଭୁଲ୍ ବୋଲି ଜଣାପଡ଼ିଛି। ନବଙ୍କ ଜନ୍ମ ସମ୍ବଲପୁର ସହରରେ ହୋଇଥିଲା। ସମ୍ବଲପୁର ଜିଲାର ମାନେଶ୍ୱର ନିକଟସ୍ଥ ମିର୍ଗାମୁଣ୍ଡା ତାଙ୍କର ପୈତୃକ ଗ୍ରାମ। ପରବର୍ତ୍ତୀ ସମୟରେ ସେ ନିଜର କର୍ମକ୍ଷେତ୍ର ଭାବେ ଝାରସୁଗୁଡ଼ାକୁ ବାଛିବା ପରେ ସରବାହଲରେ ଘର କରି ରହିଥିଲେ।

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ନବଙ୍କୁ ଷଡ଼ଯନ୍ତ୍ରପୂର୍ଣ୍ଣ ହତ୍ୟା କରାଯାଇଛି ବୋଲି କହିବାକୁ ପଛାଇ ନ ଥିଲେ। ତାଙ୍କ ବିୟୋଗରେ ସେ ଦୁଃଖିତ ଓ ମର୍ମାହତ ବୋଲି କହିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ସିପିଆଇ (ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ସ୍ୱର୍ଗତ ସଦସ୍ୟମାନଙ୍କ ବିୟୋଗରେ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ନିଜର ସମବେଦନା ଜଣାଇଥିଲେ। ଶେଷରେ ବାଚସ୍ପତି ସ୍ୱର୍ଗତ ସଦସ୍ୟଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ନିଜର ସମବେଦନା ଜଣାଇଛନ୍ତି। ଶୋକ ପ୍ରସ୍ତାବ ଉପରେ ୧୩ ମିନିଟ ଧରି ଆଲୋଚନା ହୋଇଥିଲା। ଶେଷରେ ଗୃହର ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କ ସମ୍ମାନରେ ବାଚସ୍ପତି ବିଧାନସଭାକୁ ମଧ୍ୟାହ୍ନ ୧୨ଟା ୩୪ରୁ ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

# ରାଜ୍ୟପାଳଙ୍କ ମୁହଁରେ ବିକାଶର ଚିତ୍ର

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଶିଳ୍ପ, କ୍ରୀଡ଼ା, ମହିଳା ସଶକ୍ତୀକରଣ, ଭିତ୍ତିଭୂମି ନିର୍ମାଣ, ବିମାନ ସେବା କ୍ଷେତ୍ରରେ ରାଜ୍ୟ ଆଗକୁ ମାଡ଼ିଚାଲିଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଜରିଆରେ ରାଜ୍ୟରେ ପୁଞ୍ଜିନିବେଶ ବଢ଼ିବା ସହିତ ମହିଳା ଉଦ୍ୟୋଗୀ ସୃଷ୍ଟି କରାଯାଉଛି। ସରକାର ରାଜ୍ୟପାଳ ଗଣେଶୀ ଲାଲଙ୍କ ମୁହଁରେ ଏଭଳି ବିକାଶର ଚିତ୍ର ଆଙ୍କିଛନ୍ତି। ମଙ୍ଗଳବାର ବିଧାନସଭାର ବଜେଟ ଅଧିବେଶନ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ରାଜ୍ୟପାଳ ନିଜ ଅଭିଭାଷଣ ଜରିଆରେ ପ୍ରଶଂସା କରିଛନ୍ତି। ସରକାରଙ୍କ ସଫଳତା ଏବଂ ଜନହିତକର ଯୋଜନା ବିଷୟରେ ଗୃହରେ ୧ଘଣ୍ଟା ୨୦ ମିନିଟ କାଳ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି।

ରାଜ୍ୟପାଳ କହିଛନ୍ତି, ଓଡ଼ିଶା ଏକ ରୂପାନ୍ତରିତ ଅଭିବୃଦ୍ଧି ପଥରେ ଆଗେଇ ଚାଲିଛି। ୫-ଟି ଓ ମୋ ସରକାର ଉପକ୍ରମ ବୃତ୍ତିଗତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିଛି। ବିପର୍ଯ୍ୟୟ ପରିଚାଳନା, ମହିଳା ସଶକ୍ତୀକରଣ, ଖାଦ୍ୟ ସୁରକ୍ଷା, ସ୍କୁଲ ରୂପାନ୍ତରଣ କ୍ଷେତ୍ରରେ ମୋ ସରକାର ନୂତନ ପ୍ରଶାସନିକ ମାନଦଣ୍ଡ ସ୍ଥାପନ କରିବାରେ ସକ୍ଷମ ହୋଇଛି।

ମାତ୍ର ୧୫ ମାସରେ ରାଉରକେଲାଠାରେ ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମ ନିର୍ମାଣ କରାଯିବା ସହ ପୁରୁଷ ହକି ବିଶ୍ୱକପ୍‌କୁ ସଫଳତାର ସହ ଆୟୋଜନ କରାଯାଇଛି। ଓଡ଼ିଶାକୁ ପୂର୍ବ ଭାରତର ଶିଳ୍ପ ହବ୍‌ରେ ପରିଣତ କରିବା ଲକ୍ଷ୍ୟରେ ଆସନ୍ତା ୫ ବର୍ଷ ପାଇଁ ଶିଳ୍ପନୀତି-୨୦୨୨କୁ ଅନୁମୋଦନ କରାଯାଇଛି। ଦୃଢ଼ ପ୍ରଶାସନିକ ବ୍ୟବସ୍ଥା ଏବଂ ବ୍ୟବସାୟ ଅନୁକୂଳ ପରିବେଶ ସହିତ ଓଡ଼ିଶା ଦେଶରେ ଏକ ଅଗ୍ରଣୀ ପୁଞ୍ଜିନିବେଶ ସ୍ଥଳରେ ପରିଣତ ହୋଇଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ର ତୃତୀୟ ସଂସ୍କରଣରେ ବିପୁଳ ପୁଞ୍ଜିନିବେଶ ରାସ୍ତା ଖୋଲିଛି। ସ୍କୁଲ ପିଲାଙ୍କ ମଧ୍ୟରେ ଫୁଟ୍‌ବଲକୁ ପ୍ରୋତ୍ସାହିତ କରିବା ପାଇଁ ୪୩ ହଜାରରୁ ଅଧିକ ଫୁଟ୍‌ବଲ ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯାଇଛି। ହକିର ପ୍ରସାର ପାଇଁ ରାଜ୍ୟରେ ୨୦ଟି ହକି ପ୍ରଶିକ୍ଷଣ କେନ୍ଦ୍ର କରାଯାଇଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଓଡ଼ିଶା ପର୍ଯ୍ୟଟନ ନୀତି-୨୦୨୨ ପ୍ରଣୟନ କରାଯାଇଛି।

ପ୍ରଦୂଷଣ ମୁକ୍ତ କରିବାକୁ ପୁରୁଣା ଯାନ ହଟାଇ ବାୟୁ ପ୍ରଦୂଷଣ ହ୍ରାସ କରିବାକୁ ଓଡ଼ିଶା ମୋଟର ଯାନ ନୀତି-୨୦୨୨ ପ୍ରଣୟନ କରାଯାଇଛି। ରାଜ୍ୟରେ ବିମାନ ଚଳାଚଳକୁ ବିକଶିତ କରିବାକୁ ରାଜ୍ୟ ସରକାର ଓଡ଼ିଶା ବେସାମରିକ ନୀତି-୨୦୨୨ କାର୍ଯ୍ୟକାରୀ କରିଛନ୍ତି। ୨୦୩୦ ସୁଦ୍ଧା ରାଜ୍ୟରେ ୧୧ ହଜାର ମେଗାୱାଟ ଅକ୍ଷୟ ଶକ୍ତି ପ୍ରକଳ୍ପ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ଅକ୍ଷୟ ଶକ୍ତି ନୀତି -୨୦୨୨ ପ୍ରଣୟନ କରାଯାଇଛି।



ବିଧାନସଭାରେ ଅଭିଭାଷଣ ଦେବାପାଇଁ ଆସୁଥିବା ରାଜ୍ୟପାଳ ଗଣେଶୀ ଲାଲଙ୍କୁ ସ୍ୱାଗତ କରାଯାଉଛି।

- **୨୦୨୪ ସୁଦ୍ଧା ସବୁ ଗାଁକୁ ପାନୀୟ ଜଳ**
- **୧୮ ଲକ୍ଷ କୃଷକଙ୍କୁ ୮,୭୧୧ କୋଟି ଟଙ୍କା ଫସଲ ଋଣ ପ୍ରଦାନ ଲକ୍ଷ୍ୟ**
- **ବିଜୁ ଆଦର୍ଶ କଲୋନୀ ହେବ ୨,୯୧୯ ବସ୍ତି**
- **ସ୍କୁଲ ପିଲାଙ୍କୁ ୪୩ ହଜାର ଫୁଟ୍‌ବଲ ବଣ୍ଟନ**

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା କରିବାରେ ଓଡ଼ିଶା ଆଗରେ ଅଛି ବୋଲି ରାଜ୍ୟପାଳ ଅଭିଭାଷଣରେ କହିଛନ୍ତି। ୧୮ ଲକ୍ଷ କୃଷକଙ୍କୁ ୮,୭୧୧ କୋଟି ଟଙ୍କା ଫସଲ ଋଣ ପ୍ରଦାନ ଲକ୍ଷ୍ୟ ରହିଛି। ଜାଗା ମିଶନରେ ବସ୍ତିକୁ ଆଦର୍ଶ କଲୋନୀରେ ରୂପାନ୍ତରିତ କରାଯାଇଛି। ଗରିବଙ୍କୁ ପକ୍କାଘର ଯୋଗାଇବାକୁ ସରକାର ପ୍ରତିବଦ୍ଧ ଅଛନ୍ତି। ସେହିପରି ଧାନ ସଂଗ୍ରହ କରିବାରେ ଓଡ଼ିଶାକୁ ସଫଳତା ମିଳିଛି। ବସୁଧା ଯୋଜନାରେ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିଛନ୍ତି। ୨୦୨୪ ସୁଦ୍ଧା ସବୁ ଗାଁକୁ ବିଶୁଦ୍ଧ ପାନୀୟ ଜଳ ମିଳିବ ବୋଲି ରାଜ୍ୟପାଳ ଅଭିଭାଷଣରେ କହିଛନ୍ତି। ଚିକିତ୍ସା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ବରଦାନ ସାଜିଛି। ୨୦୩୦ ସୁଦ୍ଧା ରାଜ୍ୟକୁ ମ୍ୟାଲେରିଆ ମୁକ୍ତ କରିବାକୁ ୨୧ଟି ଜିଲାର ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ଅଭିଯାନ 'ଦମନ'କୁ ଆଉ ୫ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଉପକୂଳବର୍ତ୍ତୀ ଜିଲାରେ ଲୁଣାବନ୍ଧ ନିର୍ମାଣ ଓ ସୁଦୃଢ଼ୀକରଣ ହୋଇଛି। ସମନ୍ୱିତ ଜଳସମ୍ପଦ ବିକାଶ, ଜଳ ସଂରକ୍ଷଣ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ରକ୍ତହୀନତା ମୁକ୍ତ ଲକ୍ଷ୍ୟ ଅଭିଯାନ ଅମ୍ଳାନ ଆରମ୍ଭ ହୋଇଛି। ଜାଗା ମିଶନ ଜରିଆରେ ୧୧୫ ସହରାଞ୍ଚଳରେ ୨,୯୧୯ ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି।

ବଳକା ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ। ମାଣ୍ଡିଆ ଓ ବାଜରା ଜାତୀୟ ଫସଲକୁ ବିଶ୍ୱସ୍ତରରେ ମାନ୍ୟତା ମିଳିଛି। କାଳିଆ ଯୋଜନାରେ ୪୧.୦୮ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୮.୬୯ ଲକ୍ଷ ଭୂମିହୀନ କୃଷି ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। କାଳିଆ ସ୍କଲାରଶିପ୍ ଯୋଜନାରେ ୭୬୫ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଛି। ଚଳିତ ବର୍ଷ ରାଜ୍ୟରେ ୨୫ କୋଟି ଶ୍ରମ ଦିବସ ସୃଷ୍ଟି କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ରାଜ୍ୟପାଳ କହିଛନ୍ତି। ଏଥିରେ ୩୦ ଲକ୍ଷ ପରିବାରର ୪୬ ଲକ୍ଷ ଶ୍ରମଜୀବୀଙ୍କୁ ରୋଜଗାର ମିଳିବ। ମୁକ୍ତା ଯୋଜନାରେ ୭୦୦ କୋଟି ଟଙ୍କା ବିନିଯୋଗ ହେବ। ୬୩୨୦ ସହରାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପ ଆରମ୍ଭ ହେବ। ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ୮ଟି ଆକାଂକ୍ଷା ଛାତ୍ରାବାସ ନିର୍ମାଣ ହୋଇଛି ବୋଲି ରାଜ୍ୟପାଳ ଅଭିଭାଷଣରେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଢୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପ୍ରତ୍ୟେକ କାମ ଯଥା ସମୟରେ ସମ୍ପନ୍ନ ହେବ କିନ୍ତୁ ଆପଣ ଅଯଥା ବ୍ୟସ୍ତତା ମଧ୍ୟରେ ସମୟ କଟାଇବେ। କର୍ମକ୍ଷେତ୍ରରେ କେତେକ ସମସ୍ୟାକୁ କେନ୍ଦ୍ରକରି ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଈର୍ଷା ପରାୟଣ ମନୋଭାବ କାରଣରୁ ନିକଟ ସମ୍ପର୍କୀୟମାନେ ଦୂରେଇ ରହିପାରନ୍ତି।

**ବୃଷ** କର୍ମାରମ୍ଭରୁ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ସ୍ୱତନ୍ତ୍ରଭାବରେ ଆହୂତ ହୋଇ ସାମାଜିକ ସ୍ତରରେ ସମ୍ବର୍ଦ୍ଧିତ ହୋଇପାରନ୍ତି। ପ୍ରଶାସନ, ଆଇନ, କଳା, ସାହିତ୍ୟରେ ଉନ୍ନତି କରିବେ। ଆଲୋଚନା ପରିସରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ମିଥୁନ** ସହକର୍ମୀମାନେ ଜାଣିଶୁଣି ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ପୂର୍ବ ଯୋଜନା ଅନୁଯାୟୀ କର୍ମରେ ନିଯୁକ୍ତ ହେବେ ଏବଂ ସଫଳତା ଅବଶ୍ୟ ପାଇବେ। ପାରିବାରିକ ଦ୍ୱନ୍ଦ୍ୱ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପାଖରେ ନ ଥିବା ଜିନିଷଟି ପାଇବା ସକାଶେ ବନ୍ଧୁଙ୍କ ସହ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ** ଆଜି ଦୂରସ୍ଥ କର୍ମକ୍ଷେତ୍ରରୁ ପ୍ରତ୍ୟାବର୍ତ୍ତନ ପଥରେ କଷ୍ଟ ସ୍ୱୀକାର କରିବେ। ନିରଳସ କର୍ମଦକ୍ଷତା ଓ ସଚ୍ଚୋଟତା ହେତୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ସାଧାରଣ କଥାରେ ଉଚ୍ଚବାଚ ହେତୁ ପରିବହନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା ରହିଛି।

**ସିଂହ** ଦୀର୍ଘଦିନରୁ ଅଟକି ରହିଥିବା କାମଟି ବନ୍ଧୁଙ୍କ ହସ୍ତକ୍ଷେପରୁ ସାଧିତ ହୋଇପାରିବ। କାର୍ଯ୍ୟହାସଲ ସକାଶେ ଦିନ ମଧ୍ୟରେ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। ଅବଶ୍ୟ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପୂର୍ବାଫାଲଗୁନୀ ନକ୍ଷତ୍ର ମାନସିକ ଅସ୍ଥିରତା କାରଣରୁ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**କନ୍ୟା** ଆଜିର କର୍ମକ୍ଷେତ୍ରରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବାରମ୍ବାର କାନକୁହା କଥା ଶୁଣି ବିଶ୍ୱସ୍ତ କର୍ମଚାରୀଟିର ମନୋଭାବ ବଦଳିଯିବ। ବ୍ୟବସାୟରେ ସମସ୍ୟା ଗୁରୁତର ଆକାର ଧାରଣ କରିବାର ସୂଚନା ରହିଛି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆନନ୍ଦିତ ରହିବେ।

**ତୁଳା** ବିଗତ ଦିନରେ ସୃଷ୍ଟି ହୋଇଥିବା ସମସ୍ୟା ଆଜି ହଠାତ୍ ସମାଧାନ ହେବ। ମାଙ୍ଗଳିକ କାର୍ଯ୍ୟରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବାଧ ବାଧକତାରେ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ହାତକୁ ନେଇଥିବା ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**ବିଛା** କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ସାହିତ୍ୟ ଓ ସଂଗୀତରେ ସମ୍ବର୍ଦ୍ଧିତ ହେବା ସହ ସୁନାମ ଅର୍ଜନ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଅନୁରାଧା ନକ୍ଷତ୍ର ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ।

**ଧନୁ** ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କଚେରି ମାମଲାରେ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ସାମାଜିକ ସ୍ତରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ମକର** ସାମାଜିକ କ୍ଷେତ୍ରରେ କଲ୍ୟାଣମୂଳକ କର୍ମ ସମ୍ପାଦନ କରି ସୁଫଳ ପ୍ରାପ୍ତି ହୋଇପାରେ। କଳା ସାହିତ୍ୟରେ ବିଗତ ଦିନର ସମସ୍ୟା ସମାଧାନ ହୋଇଯିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆନନ୍ଦ ମିଳିବ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** ପରିସ୍ଥିତିବଶତଃ କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବା ପାଇଁ ବନ୍ଧୁମାନଙ୍କ ସାହାଯ୍ୟ ଦରକାର ପଡ଼ିପାରେ। ଶତଭିଷା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

**ମୀନ** ଆକସ୍ମିକ ଭାବରେ ଅନ୍ୟର କାମରେ ବାହାରକୁ ଯିବାକୁ ପଡ଼ିପାରେ। ଅତୀତ କଥାକୁ ନେଇ ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ପୂର୍ବଭାଦ୍ରବ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

ଆଜି ଫାଲ୍‌ଗୁନ ଶୁକ୍ଳ ତୃତୀୟା ବୁଧବାର। ମୌଲାନା ଆବୁଲ୍ କାଲାମ୍ ଆଜାଦଙ୍କ ତିରୋଧାନ ଦିବସ। ଫେବୃୟାରୀ ୨୨ ତାରିଖ। ରାଶି ନକ୍ଷତ୍ର-ଉତ୍ତରଭାଦ୍ରବ / ମୀନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ପ୍ରତିଷ୍ଠା, ବିଦ୍ୟାରମ୍ଭ ପ୍ରଭୃତି ପାଇଁ ଶୁଭଦିନ। ଦିବା ଘ.୦୬.୧୫ମି. ଗତେ ଘ. ୦୭.୪୭ମି. ମଧ୍ୟେ, ଘ.୧୦.୩୪ମି. ଗତେ ଘ. ୧୧.୩୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨.୦୦ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ବିଧାନସଭାରେ ଝଡ଼...

ବିଧାନସଭା ପ୍ରବେଶ ପଥରେ ଧାରଣା ଦେଇଥିଲେ। ବିରୋଧୀ ଦଳଙ୍କ ଅନୁପସ୍ଥିତିରେ ବିଧାନସଭାରେ ରାଜ୍ୟପାଳ ନିଜର ଅଭିଭାଷଣ ରଖିଥିଲେ। ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟପାଳ ନିଜର ଅଭିଭାଷଣ ପଢ଼ିବାକୁ ପ୍ରସ୍ତୁତ ହେଉଥିବାବେଳେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ, ଜଣେ ମନ୍ତ୍ରୀଙ୍କୁ ଦିନ ଦ୍ୱିପ୍ରହରରେ ହତ୍ୟା କରାଯାଇଛି, ତାହା ପୁଣି ପୋଲିସ ଦ୍ୱାରା ଓ ପୋଲିସ ଅସ୍ତ୍ରରେ। ଯଦି ଜଣେ ମନ୍ତ୍ରୀ ସୁରକ୍ଷିତ ନୁହନ୍ତି, ତେବେ ବିଧାୟକ ଓ ଜନସାଧାରଣ କେତେ ସୁରକ୍ଷିତ। ଆପଣଙ୍କ ସରକାର ଆମକୁ ଓ ଜନସାଧାରଣଙ୍କୁ କେମିତି ସୁରକ୍ଷା ଦେଉଛନ୍ତି ତାହା ଗୃହରେ କୁହନ୍ତୁ। ଏହାପରେ ଆପଣ ଗୃହରେ ବକ୍ତବ୍ୟ ରଖିବେ ବୋଲି ନରସିଂହ ରାଜ୍ୟପାଳଙ୍କୁ କହିଥିଲେ। ରାଜ୍ୟପାଳ କିଛି ସମୟ ଶୁଣିବା ପରେ ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ରାଜ୍ୟପାଳଙ୍କ ଅଭିଭାଷଣକୁ ବିରୋଧ କରି କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ରମେଶ ଜେନା, ମହମ୍ମଦ ମୋକିମ, ତାରା ପ୍ରସାଦ ବାହିନୀପତି ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ପାଟିତୁଣ୍ଡ କରିଥିଲେ। ହଟ୍ଟଗୋଳ ମଧ୍ୟରେ ରାଜ୍ୟପାଳ ନିଜର ଅଭିଭାଷଣ ଜାରି ରଖିଥିଲେ।

କଂଗ୍ରେସ ସଦସ୍ୟଙ୍କ ପ୍ରତିବାଦ ଦେଖି ଚୁପ ବସିଥିବା ଭାଜପା ସଦସ୍ୟମାନେ କାଳେ ପଛରେ ପଡିଯିବେ ଭାବି ନବ ଦାସଙ୍କ ମୃତ୍ୟୁକୁ ନେଇ ନିଜ ଆସନ ନିକଟରେ ଛିଡ଼ା ହୋଇ ପ୍ରତିବାଦ କରିଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଗୃହର ମଧ୍ୟଭାଗକୁ ଆସିବାକୁ ଭାଜପା ସଦସ୍ୟମାନଙ୍କୁ ହାତଠାରି ଡାକିଥିଲେ। ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି କଂଗ୍ରେସ ସହ ତାଳ ମିଳାଇ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ବିରୋଧୀଙ୍କ ହଟ୍ଟଗୋଳରେ ବିଧାନସଭା ପ୍ରକମ୍ପିତ ହୋଇଥିଲା। ଭାଜପା ସଦସ୍ୟମାନେ କିଛି ସମୟ ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ହଟ୍ଟଗୋଳ କରିବା ପରେ ରାଜ୍ୟପାଳଙ୍କ ଅଭିଭାଷଣକୁ ବିରୋଧ କରି ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ। ବିଧାନସଭା ପ୍ରବେଶ ପଥରେ ହାତରେ ପ୍ଲାକାର୍ଡ ଧରି ଧାରଣା ଦେଇଥିଲେ।

କଂଗ୍ରେସ ସଭ୍ୟମାନେ ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ଧାରଣାରେ ବସିଥିଲେ। କିଛି ସମୟ ପରେ ସେମାନେ ମଧ୍ୟ ରାଜ୍ୟପାଳଙ୍କ ଅଭିଭାଷଣକୁ ବିରୋଧ କରି ବିଧାନସଭା ବାହାରକୁ ଚାଲିଯାଇଥିଲେ। ବିରୋଧୀ ଦଳଙ୍କ ଅନୁପସ୍ଥିତିରେ ରାଜ୍ୟପାଳ ୧ ଘଣ୍ଟା ୨୦ ମିନିଟ ଧରି ସରକାରଙ୍କ ଗୁଣଗାନ କରିଥିଲେ।

## ପାଣ୍ଡିଆନ-ପ୍ରଣବଙ୍କ...

ତାହା ଯାଞ୍ଚ କରାଯାଉ ବୋଲି ଜୟନାରାୟଣ ଦାବି କରିଛନ୍ତି। ମଙ୍ଗଳବାର ବିଧାନସଭାର ବଜେଟ ଅଧିବେଶନ ଆରମ୍ଭରେ ରାଜ୍ୟପାଳ ଗଣେଶୀ ଲାଲଙ୍କ ଅଭିଭାଷଣକୁ ବର୍ଜନ କରି ଭାଜପା ବିଧାୟକମାନେ ବାହାରେ ଧାରଣା ଦେଇଥିଲେ। ଏହି ସମୟରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜୟନାରାୟଣ କହିଛନ୍ତି ଯେ, ନବ ଦାସଙ୍କ ହତ୍ୟାର ୪ଦିନ ପୂର୍ବରୁ ୫-ଟି ସଚିବ ଓ ଯାଜପୁର ବିଧାୟକ ଟେଲିଫୋନରେ କ'ଣ କଥାବାର୍ତ୍ତା ହୋଇଥିଲେ ତାହା ଯାଞ୍ଚ ପରିଧିକୁ ଆସିବା କଥା। ଏହା ହେଲେ ଯାଇ ପ୍ରକୃତ ସତ୍ୟ ପଦାକୁ ଆସିପାରିବ। କିନ୍ତୁ ଓଡ଼ିଶା ପୋଲିସ କ'ଣ ଏହି ତଦନ୍ତ କରିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଓଡ଼ିଶା ପୋଲିସ ଏନେଇ ତଦନ୍ତ କରିବ ନାହିଁ। ତେଣୁ ଏହି ଘଟଣାରେ ସିବିଆଇ ତଦନ୍ତ କରିବାର ଆବଶ୍ୟକତା ରହିଛି। ରାଜ୍ୟପାଳ ଗଣେଶୀ ଲାଲଙ୍କ ମୁହଁରେ ମିଥ୍ୟା କଥା ସରକାରୀ ଦଳ କୁହାଇବାକୁ ଚାହିଁଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ରକ୍ଷା ଏବଂ ଲୋକମାନଙ୍କ ଜୀବନ ରକ୍ଷା କରିବା ହିଁ ସରକାରଙ୍କ ପ୍ରଥମ କର୍ତ୍ତବ୍ୟ। ହେଲେ ସେଥିରେ ଏହି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସରକାରୀ ପ୍ରାୟୋଜିତ ହତ୍ୟା ବର୍ତ୍ତମାନ ସବୁଠାରୁ ବଡ଼ କଥା ହୋଇଛି। ସରକାର ଯେତେବେଳେ ସରକାରକୁ ମାରିପାରୁଛନ୍ତି ସେଠାରେ ସାଧାରଣ ଲୋକ କ'ଣ ସୁରକ୍ଷିତ କି ବୋଲି ସେ ପୁଣି ପ୍ରଶ୍ନ କରିଛନ୍ତି। ତେଣୁ ଏହିସବୁ କଥାକୁ ନେଇ ନବ ଦାସ ହତ୍ୟା ଘଟଣାରେ ସିବିଆଇ ତଦନ୍ତ ଦାବି କରୁଛୁ, ହେଲେ ସରକାର ଏନେଇ କର୍ଣ୍ଣପାତ କରିବାକୁ ପ୍ରସ୍ତୁତ ନୁହନ୍ତି। ରାଜ୍ୟରେ ଯେତେବେଳେ ସାଧାରଣ ଲୋକଙ୍କ ଧନଜୀବନ ସୁରକ୍ଷିତ ନୁହେଁ ସେତେବେଳେ ରାଜ୍ୟପାଳଙ୍କ ଏହି ଭାଷଣର କିଛି ଯଥାର୍ଥତା ନାହିଁ। ସେଥିଲାଗି ଭାଜପା ବିଧାୟକମାନେ ଗୃହତ୍ୟାଗ କରିଛନ୍ତି। ଲୋକଙ୍କୁ ଜଣାଇ ଦେବାକୁ ଚାହୁଁଛୁ ଯେ, ଏ ସରକାର ସବୁ ମିଛ କହି ଲୋକଙ୍କୁ ଠକୁଛନ୍ତି। ବିଜେଡି ସଂଖ୍ୟାଗରିଷ୍ଠତାର ବଳ ଦେଖାଇ ସବୁ କଥାକୁ ଚପାଇଦେବାକୁ ଲାଗିଛି। ସେକଥାକୁ ଭାଜପା ପ୍ରତିବାଦ କରିବ ବୋଲି ଜୟନାରାୟଣ କହିଛନ୍ତି।

ଅନ୍ୟପକ୍ଷରେ ଜୟନାରାୟଣଙ୍କ ଏଭଳି ମନ୍ତବ୍ୟକୁ ନେଇ ଶାସକ ଦଳ ବିଜେଡି ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଶାସକ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି କହିଛନ୍ତି, ବିରୋଧୀଦଳ ନେତା ଜଣେ ଅଭ୍ୟାସଗତ ଅପରାଧୀ। ଏବେ କିଛିଦିନ ହେଲା ସେ ମାନସିକ ଭାରସାମ୍ୟ ହରାଇ ପାଗଳ ଭଳି ପ୍ରଳାପ କରୁଛନ୍ତି। ତେଣୁ ତାଙ୍କ ଭଳି ଜଣେ ବ୍ୟକ୍ତିଙ୍କ କଥାକୁ ବିଜେଡି ଗୁରୁତ୍ୱ ଦେବାକୁ ଚାହୁଁନାହିଁ। ଜୟନାରାୟଣଙ୍କ ନାଁରେ ହତ୍ୟା ଭଳି ୧୬ଟି ସଙ୍ଗିନ ଆପରାଧିକ ମାମଲା ରୁଜୁ ହୋଇଛି। ଏକ ହତ୍ୟା ମାମଲାରେ ଗିରଫ ହୋଇ ସେ ଦୀର୍ଘଦିନ ଜେଲ୍‌ରେ ରହିବା ପରେ ଜାମିନରେ ବାହାରକୁ ଆସିଛନ୍ତି। କିଛିଦିନ ତଳେ ସେ ଜଣେ କର୍ତ୍ତବ୍ୟରତ ମହିଳା ଆଇଆଇସିଙ୍କୁ ସର୍ବସମକ୍ଷରେ ଗାଳିଗୁଲଜ ଓ ଧମକଚମକ ଦେବା ସହ ଆକ୍ରମଣ କରିଥିଲେ। ଖାଲି ସେତିକି ନୁହେଁ, ବିଧାନସଭାରେ ତାଙ୍କରି ଦଳର ନେତା ଟଙ୍କା ଖାଇ ମ୍ୟାନେଜ ହେଉଛନ୍ତି ବୋଲି ଜୟନାରାୟଣ ପାଗଳଙ୍କ ଭଳି ବୟାନ ଦେଇଥିଲେ। ତାଙ୍କର ଏଭଳି ଆଚରଣ ଓ ଉଚ୍ଚାରଣକୁ ଦେଖି ସେ ମାନସିକ ଭାରସାମ୍ୟ ହରାଇଛନ୍ତି ବୋଲି ଭାଜପାର ଅନେକ ନେତା କହୁଛନ୍ତି। ତେଣୁ ଜୟନାରାୟଣଙ୍କଠାରୁ ସମସ୍ତେ ଦୂରେଇ ରୁହନ୍ତୁ। ନ ହେଲେ କେତେବେଳେ ସେ କାହାକୁ ମଧ୍ୟ ମାଡ଼ ମାରି ରକ୍ତାକ୍ତ କରି ଦେଇପାରନ୍ତି। ଭାଜପା ନେତୃବୃନ୍ଦ ତାଙ୍କୁ ଜବରଦସ୍ତ ଡାକ୍ତରଙ୍କ ପାଖକୁ ନେଇ ତୁରନ୍ତ ତାଙ୍କ ମାନସିକ ଚିକିତ୍ସା କରାଇବାକୁ ମୁଦୁଲି ପରାମର୍ଶ ଦେଇଛନ୍ତି।


## ବାପାଙ୍କ ମୃତ୍ୟୁକୁ...

ସହ ଓଡିଶାବାସୀ, ଝାରସୁଗୁଡାବାସୀ, ସମସ୍ତ ରାଜନୈତିକ ଦଳ ଛିଡା ହୋଇଛନ୍ତି। ସମସ୍ତଙ୍କ ସମବେଦନା ଆମ ପାଇଁ ରହିଥିବାରୁ ମୁଁ ସମସ୍ତଙ୍କଙ୍କ ନିକଟରେ କୃତଜ୍ଞ। ତେଣୁ ବାପାଙ୍କ ମୃତ୍ୟୁକୁ ନେଇ କୌଣସି ରାଜନୀତି ନ କରିବାକୁ ସମସ୍ତଙ୍କୁ ଅନୁରୋଧ କରୁଛି। ବାପାଙ୍କ ହତ୍ୟା ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି। ଏପରି ଏହି ତଦନ୍ତକୁ ଜଣେ ପୂର୍ବତନ ବିଚାରପତି ଅନୁଧ୍ୟାନ କରୁଛନ୍ତି। ତଦନ୍ତ ଚାଲିଥିବାରୁ ଏନେଇ ଅଧିକ କିଛି କହିପାରିବି ନାହିଁ। ହେଲେ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ଆମ ପରିବାର ଉପରେ ରହିଛି। ଆମେ ନିଶ୍ଚିତ ଭାବେ ନ୍ୟାୟ ପାଇବୁ ବୋଲି ଆଶା ରହିଥିବା ଦୀପାଳି କହିଛନ୍ତି। ରାଜନୀତିକୁ ଆସିବେ ବୋଲି ପ୍ରଶ୍ନର ଉତ୍ତରରେ କହିଛନ୍ତି, ଏବେ ଏନେଇ କୌଣସି ମତ ଦେବାକୁ ଚାହୁଁନାହିଁ। ମୁଖ୍ୟମନ୍ତ୍ରୀ ଯାହା ନିଷ୍ପତ୍ତି ନେବେ, ତାକୁ ସେ ମାନିବେ ବୋଲି କହିଛନ୍ତି।

ଦୀପାଳିଙ୍କ ଏଭଳି ବୟାନକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ବିଶେଷକରି ଭାଜପା ଏହାକୁ ସରକାରୀ ପ୍ରାୟୋଜିତ ବୋଲି କହୁଛି। ଦୀପାଳିଙ୍କ ମନ୍ତବ୍ୟ ପରେ ବିରୋଧୀଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ନବ ଦାସ ହତ୍ୟାକାଣ୍ଡ ନେଇ ଆମେ ରାଜନୀତି କରୁ ନାହୁଁ, ପ୍ରକୃତ ହତ୍ୟାକାରୀକୁ ଖୋଜିବାକୁ ଦୀପାଳି ଯଦି ନ ଚାହିଁବେ ତେବେ କିଛି କହିବାର ନାହିଁ। କ୍ରାଇମବ୍ରାଞ୍ଚର ରେକର୍ଡ ଭଲ ନାହିଁ, ତଦନ୍ତ ଗୋପାଳଠାରେ ଅଟକିଛି, ଅନ୍ୟ କାହାକୁ ତଦନ୍ତ ଭିତରକୁ ଅଣାଯାଉ ନାହିଁ। ପ୍ରକୃତ ହତ୍ୟାକାରୀଙ୍କୁ ଧରିବାକୁ ଓଡ଼ିଶାବାସୀ ଡିମାଣ୍ଡ କରୁଛନ୍ତି। କ୍ରାଇମବ୍ରାଞ୍ଚ ତଦନ୍ତରେ ଦୀପାଳି ଯଦି ଖୁସି, ତେବେ ଆମର କିଛି କହିବାର ନାହିଁ ବୋଲି ମୋହନ କହିଛନ୍ତି। ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ସମ୍ବଲପୁର ପ୍ରତିନିଧି ସମୀର ରଞ୍ଜନ ବାବୁ କହିଛନ୍ତି ଯେ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ହତ୍ୟା କରାଯାଇଛି। ସେ କେବଳ ଦିପାଳୀଙ୍କ ବାପା ନ ଥିଲେ। ସେ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ରହିଥିଲେ। ରାଜ୍ୟବାସୀ ଏହି ହତ୍ୟାକାଣ୍ଡକୁ ନେଇ ଚିନ୍ତିତ ଓ ସ୍ତବ୍ଧ। ରାଜ୍ୟ ସରକାରଙ୍କ ପୋଲିସ ବିଭାଗର ଜଣେ ଏଏସ୍‌ଆଇ ତାଙ୍କୁ ଗୁଳି କରି ହତ୍ୟା କଲେ। ହେଲେ ହତ୍ୟାକାଣ୍ଡର କାରଣ ଏପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ସ୍ପଷ୍ଟ କଲାନାହିଁ। ଜନସାଧାରଣ ହତ୍ୟାର କାରଣ ଜାଣିବାକୁ ଚାହୁଁଥିବାବେଳେ ରାଜ୍ୟ ସରକାର ଘଟଣାକୁ ଭିନ୍ନ ରୂପ ଦେଇ ରାଜନୀତି କରିବାକୁ ଚେଷ୍ଟା କରୁଛନ୍ତି। ବ୍ୟବସାୟ, ରାଜନୀତି କାରଣରୁ ହତ୍ୟାକାଣ୍ଡ ହୋଇଥିବା ଆଲୋଚନା ହେଉଥିବାବେଳେ ସେସବୁ ପ୍ରସଙ୍ଗକୁ ଅନ୍ଧାରରେ ରଖାଯାଉଛି। ତେଣୁ ସିବିଆଇ ତଦନ୍ତ କରାଗଲେ ସମସ୍ତଙ୍କ ଅସଲ ମୁଖା ଖୋଲିଯିବ ବୋଲି ଭାଜପା ପକ୍ଷରୁ ଦାବି କରାଯାଉଛି। ଝାରସୁଗୁଡା ବିଧାନସଭା ଉପ ନିର୍ବାଚନରେ ଟିକେଟ ପାଇବାର ଲୋଭ ଏବଂ ବାପାଙ୍କ ବ୍ୟବସାୟିକ ସାମ୍ରାଜ୍ୟକୁ ସୁରକ୍ଷା ଦେବାକୁ ଦୀପାଳି ଏଭଳି ମନ୍ତବ୍ୟ ଦେଇଛନ୍ତି ବୋଲି ବାବୁ କହିଛନ୍ତି। ଅପରପକ୍ଷରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଦୀପାଳି ମୋର ଦିବଂଗତ ବନ୍ଧୁ ନବ ଦାସଙ୍କ କନ୍ୟା। ସେ ଏବେ ରାଜନୀତି କରିବାକୁ ଯାଉଛନ୍ତି। ବିଜେଡି ତାଙ୍କୁ ଟିକେଟ ଦେବାର ସମ୍ଭାବନା ରହିଛି। ତେଣୁ ଆଗକୁ ଉପନିର୍ବାଚନ ଆସୁଥିବାରୁ ସେଥିପାଇଁ ଏଭଳି କହିଥାଇ ପାରନ୍ତି ବୋଲି ତାରା କହିଛନ୍ତି।

# ରଶ୍‌ଦିଙ୍କ ଆକ୍ରମଣକାରୀ ପୁରସ୍କୃତ

ଦୁବାଇ,୨୧।୨


ସଲ୍‌ମାନ ରଶ୍‌ଦି

**ଔପନ୍ୟାସିକଙ୍କୁ 'ଜୀବିତ ମୃତଦେହ' କହିଲେ ଫାଉଣ୍ଡେଶନ ସମ୍ପାଦକ**

**୨୦୨୨ ଅଗଷ୍ଟ ୧୨ରେ ନ୍ୟୁୟର୍କରେ ଜଣେ ଶିଆ ମୁସଲମାନ ଛୁରାମାଡ଼ କରିଥିଲେ**

ଖ୍ୟାତନାମା ଔପନ୍ୟାସିକ ସଲ୍‌ମାନ ରଶ୍‌ଦିଙ୍କ ଆକ୍ରମଣକାରୀଙ୍କୁ ଇରାନର ଏକ ଫାଉଣ୍ଡେଶନ ଉଚ୍ଚ ପ୍ରଶଂସା କରିବା ସହ ତାଙ୍କୁ ୧,୦୦୦ ବର୍ଗମିଟର ଚାଷଜମି ପୁରସ୍କାର ଦେଇଛି। ଗତବର୍ଷ ଅଗଷ୍ଟ ୧୨ରେ ନ୍ୟୁୟର୍କର ଲେକ୍ ଏରି ନିକଟରେ ଏକ ସାହିତ୍ୟ କାର୍ଯ୍ୟକ୍ରମ ଚାଲିଥିବାବେଳେ ୭୫ ବର୍ଷୀୟ ରଶ୍‌ଦିଙ୍କୁ ନ୍ୟୁଜର୍ସିର ଜଣେ ୨୪ ବର୍ଷୀୟ ଶିଆ ମୁସଲମାନ ଆକ୍ରମଣ କରିଥିଲେ। ଏଥିରେ ଔପନ୍ୟାସିକ ଗୋଟିଏ ଆଖି ହରାଇବା ସହ ତାଙ୍କର ଗୋଟିଏ ହାତ ଅଚଳ ହୋଇଯାଇଥିଲା। ରଶ୍‌ଦିଙ୍କୁ ଆକ୍ରମଣ କରି ମୁସଲମାନମାନଙ୍କୁ ଖୁସି କରିଥିବା ଆମେରିକୀୟ ଯୁବକଙ୍କ ଦୁଃସାହସିକ କାର୍ଯ୍ୟକୁ ଇମାମ ଖୋମେଇନିଙ୍କ ଫତୱା କାର୍ଯ୍ୟକାରୀ କରିବାକୁ ଥିବା ଫାଉଣ୍ଡେଶନ୍‌ର ସମ୍ପାଦକ ମହମ୍ମଦ ଇସ୍‌ମାଇଲ ଜରାଇ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ରଶ୍‌ଦି ଏବେ ଜଣେ ଜିଇଥିବା ମୃତବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କିଛି ନୁହନ୍ତି ବୋଲି ସେ କହିଛନ୍ତି। 'ଦି ସାଟାନିକ୍ ଭର୍ସସ' ପ୍ରକାଶନର କିଛି ମାସ ପରେ ଇରାନର ତତ୍କାଳୀନ ସୁପ୍ରିମ ଲିଡର ଆୟାତୋଲ୍ଲା ଖୋମେନେଇ ଏକ ଫତୱା ଜରି କରି ରଶ୍‌ଦିଙ୍କୁ ହତ୍ୟା କରିବା ଲାଗି ମୁସଲମାନମାନଙ୍କୁ ଆହ୍ୱାନ ଦେଇଥିଲେ। ଏହାର ୩୩ ବର୍ଷ ପରେ ଉକ୍ତ ବିବାଦୀୟ ଔପନ୍ୟାସିକଙ୍କ ଉପରେ ଆକ୍ରମଣ ହୋଇଥିଲା। ରଶ୍‌ଦିଙ୍କ ଉକ୍ତ ଉପନ୍ୟାସର କେତେକ ପାରାଗ୍ରାଫ୍‌ରେ ପ୍ରଫେଟ୍ ମହମ୍ମଦଙ୍କ ନିନ୍ଦା କରାଯାଇଥିବା କେତେଜଣ ମୁସଲମାନ କହିଥାନ୍ତି। ଭାରତରେ ଏକ କଶ୍ମୀରୀ ମୁସଲମାନ ପରିବାରରେ ଜନ୍ମିତ ରଶ୍‌ଦିଙ୍କୁ ଧରାଇଦେଲେ ବହୁ କୋଟି ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଫଳରେ ୯ ବର୍ଷ ଯାଏ ଔପନ୍ୟାସିକ ବ୍ରିଟିଶ ପୋଲିସ ସୁରକ୍ଷାରେ ଲୁଚି ରହିଥିଲେ। ୯୦ ଦଶକ ଶେଷ ଭାଗରେ ଇରାନ ରାଷ୍ଟ୍ରପତି ମହମ୍ମଦ ଖାତମି ଫତୱାଠାରୁ ନିଜକୁ ଦୂରେଇ ରଖିଥିଲେ। ତେବେ ଫତୱାକୁ ପ୍ରତ୍ୟାହାର କରାଯାଇ ନାହିଁ ବୋଲି ପରବର୍ତ୍ତୀ ସୁପ୍ରିମ ଲିଡର ଆୟାତୋଲା ଅଲି ଖୋମନେଇ କହିବା ପରେ ୨୦୧୯ରେ ତାଙ୍କୁ ଟୁଇଟରରୁ ସସ୍ପେଣ୍ଡ କରାଯାଇଥିଲା।


ଜର୍ମାନୀର ଡସେଲ୍‌ଡୋର୍ଫରେ ଆୟୋଜିତ ଏକ କାର୍ନିଭାଲ ପରେଡ୍‌ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ରକ୍ତସ୍ନାନ କରୁଥିବା ଭଳି ଦୃଶ୍ୟକୁ ସ୍ଥାନିତ କରାଯାଇଛି।

## ସଂକ୍ଷେପରେ

**ସୋନୁ ନିଗମଙ୍କୁ ଆକ୍ରମଣ ଘଟଣା**

### ବିଧାୟକଙ୍କ ପୁଅ ନାଁରେ ଏତଲା

**ମୁମ୍ବାଇ, ୨୧।୨:** ବଲିଉଡ୍ କଣ୍ଠଶିଳ୍ପୀ ସୋନୁ ନିଗମଙ୍କୁ ଆକ୍ରମଣ ଘଟଣାରେ ମଙ୍ଗଳବାର ମୁମ୍ବାଇ ପୋଲିସ ଉଦ୍ଧବ ଗୋଷ୍ଠୀ ବିଧାୟକ ପ୍ରକାଶ ଫାଟେରପରକରଙ୍କ ପୁଅ ସ୍ୱପନିଲ ପି. ଫାଟେରପକାରଙ୍କ ବିରୋଧରେ ଏତଲା ଦାଏର କରିଛି। ସୋମବାର ଏକ ମ୍ୟୁଜିକାଲ କନ୍‌ସର୍ଟରୁ ପର୍ଫମାନ୍ସ ସାରି ଫେରିବା ସମୟରେ ସେଲ୍‌ଫି ପାଇଁ ସ୍ୱପନିଲ ସୋନୁଙ୍କୁ ଅଟକାଇଥିଲେ। ଯେତେବେଳେ ସୋନୁ ସେଲ୍‌ଫି ପାଇଁ ମନା କରିଥିଲେ ସେତେବେଳେ ସ୍ୱପନିଲ ତାଙ୍କଚ ଠେଲି ଦେଇଥିଲେ। ଘଟଣା ନେଇ ବିଧାୟକ ଫାଟେରପକାର କ୍ଷମା ମାଗିଥିବାବେଳେ ତାଙ୍କ ପୁଅ ଜାଣିଶୁଣି ଏପରି କରି ନ ଥିବା ସେ କହିଛନ୍ତି।



### ଭୂକମ୍ପରେ ୮ ମୃତ

**ଆଙ୍କାରା/ଦାମାସ୍କସ୍, ୨୧।୨:** ତୁର୍କୀ ଓ ସିରିଆରେ ପ୍ରଳଙ୍କରୀ ଭୂକମ୍ପକୁ ୨ ସପ୍ତାହ ବିତିଯିବା ପରେ ସୋମବାର ରାତିରେ ପୁଣଥରେ ସ୍ଥାନୀୟ ଅଞ୍ଚଳରେ ୬.୪ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୮ ଜଣଙ୍କ ମୃତ୍ୟୁ ଘଟିଥିବା ମଙ୍ଗଳବାର ତୁର୍କୀ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପରେ ୨୯୪ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୮ ଜଣ ଗୁରୁତର ଅଛନ୍ତି। ଭୂକମ୍ପରେ ଛାନିଆ ହୋଇ ସିରିଆର ମା'ଝିଅଙ୍କ ମୃତ୍ୟୁ ଘଟିଛି। ଗତ ୬ ତାରିଖରେ ଦୁଇ ଦେଶରେ ଅନୁଭୂତ ହୋଇଥିବା ଭୂକମ୍ପରେ ମୋଟ ୪୬,୦୦୦ଙ୍କର ମୃତ୍ୟୁ ହୋଇଛି।

### ବାଲଟ ପାଇଁ ଅର୍ଥ ନାହିଁ: ଶ୍ରୀଲଙ୍କାରେ ନିର୍ବାଚନ ସ୍ଥଗିତ

**କଲମ୍ବୋ,୨୧।୨:** ଦେବାଳିଆ ହୋଇପଡ଼ିଥିବା ଶ୍ରୀଲଙ୍କାରେ ବାଲଟ ପେପର ଛାପିବାକୁ ଅର୍ଥ ନାହିଁ। ତେଣୁ ଆସନ୍ତା ମାସରେ ହେବାକୁ ଥିବା ସ୍ଥାନୀୟ ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ଏହାକୁ ବିରୋଧ କରି ବିପକ୍ଷ ଦଳଗୁଡ଼ିକ ମଙ୍ଗଳବାର ପାର୍ଲାମେଣ୍ଟରେ ହଟ୍ଟଗୋଳ କରିବାରୁ ଗୃହକୁ ମୁଲତବୀ ରଖାଯାଇଛି। ଶ୍ରୀଲଙ୍କାରେ ଗତବର୍ଷ ଆର୍ଥିକ ସଙ୍କଟକୁ ନେଇ ଦୀର୍ଘଦିନ ଆନ୍ଦୋଳନ ଜାରି ରହିବା ପରେ ରାନିଲ ୱିକ୍ରମସିଂହେ ଜୁଲାଇରେ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ମାର୍ଚ୍ଚ ୯ରେ ହେବାକୁ ଥିବା ନିର୍ବାଚନରେ ତାଙ୍କ ପ୍ରତି ରହିଥିବା ସମର୍ଥନର ପରୀକ୍ଷା ହୋଇଥାନ୍ତା। ତେବେ ବାଲଟ ଛପାଇବା, ଇନ୍ଧନ ଏବଂ ବୁଥଗୁଡ଼ିକ ପାଇଁ ପୋଲିସ ସୁରକ୍ଷା ପ୍ରଦାନ ନିମନ୍ତେ ଅର୍ଥ ମଞ୍ଜୁର କରିବାକୁ ଟ୍ରେଜରି ବିଭାଗ ମନା କରିଦେଇଥିବା କୋର୍ଟଙ୍କୁ ନିର୍ବାଚନ କମିଶନ ଜଣାଇଛନ୍ତି। କର୍ମଚାରୀମାନଙ୍କୁ ବେତନ, ପେନ୍‌ସନ ଏବଂ ଜରୁରୀ ସେବା ପାଇଁ ଯଥେଷ୍ଟ ଅର୍ଥ ନ ଥିବାରୁ ନିର୍ବାଚନ ସମ୍ଭବ ନୁହେଁ ବୋଲି ପୂର୍ବରୁ ରାଷ୍ଟ୍ରପତି କହିଥିଲେ।

# ପୋଲାଣ୍ଡରେ ବାଇଡେନ୍

ୱାର୍‌ସ,୨୧।୨

କିଭ୍ ଦଖଲର ସ୍ୱପ୍ନ ଦେଖିଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବର୍ଷକ ତଳେ ୟୁକ୍ରେନ୍ ଆକ୍ରମଣ ପାଇଁ ନିଜ ସୈନ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେବେଠୁ ଅଦ୍ୟାବଧି ୟୁକ୍ରେନ୍ ଉପରେ ରୁଷିଆ ତୁହାକୁ ତୁହା ମିଶାଇଲ୍ ଓ ରକେଟ୍ ମାଡ଼ କରିଆସିଛି। ଏହାର ଜବାବ୍‌ରେ ୟୁକ୍ରେନ୍ ମଧ୍ୟ ଯଥାସାଧ୍ୟ ରୁଷୀୟ ସୈନ୍ୟଙ୍କୁ ଟାର୍ଗେଟ୍ କରିଛି। ଯୁଦ୍ଧକୁ ବର୍ଷେ ପୂରିବାକୁ ଥିବାବେଳେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡମିର ଜେଲେନ୍‌ସ୍କି ନିଜ ପରାକ୍ରମ ଦେଖାଇ ଅଟଳ ରହିଛନ୍ତି। ଆମେରିକା ସମେତ ନାଟୋ ସହଯୋଗୀଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଅସ୍ତ୍ରଶସ୍ତ୍ର ୟୁକ୍ରେନ୍‌କୁ ମଜଭୁତ ଭାବେ ପ୍ରତିରୋଧ କରିବା ପାଇଁ ବଳ ଦେଇଛି। ଏଭଳି ସମୟରେ ପୁଟିନ୍ ନିଜ ସ୍ୱପ୍ନ ପୂରଣ ହୋଇପାରିବ ନାହିଁ ବୋଲି ନିଶ୍ଚିତ ହେବା ପରେ ଯୁଦ୍ଧ ପାଇଁ ପାଶ୍ଚାତ୍ୟ ଉପରେ ଦୋଷ ଲଦିଛନ୍ତି।

ଗତବର୍ଷ ଫେବୃୟାରୀ ୨୪ରେ ଆରମ୍ଭ ହୋଇଥିବା ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ଆଉ ଦୁଇଦିନ ପରେ ବର୍ଷେ ପୂରିବାକୁ ଯାଉଥିବାବେଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କିଭ୍ ଗସ୍ତ ଶେଷକରି ମଙ୍ଗଳବାର ପୋଲାଣ୍ଡ ରାଜଧାନୀ ୱାର୍‌ସରେ ପହଞ୍ଚିଛନ୍ତି। ଏହି ଅବସରରେ ସେ ପୋଲାଣ୍ଡ ରାଷ୍ଟ୍ରପତି ଆନ୍ଦ୍ରେଜ୍ ଡୁଡାଙ୍କୁ ଭେଟିଛନ୍ତି। ୟୁକ୍ରେନ୍‌କୁ ସହଯୋଗ, ରୁଷିଆ ଉପରେ କଟକଣା ଜାରି ଏବଂ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)କୁ ମଜଭୁତ କରିବା ଉପରେ ଦୁଇନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏଥିସହ ଶକ୍ତି, ସିଭିଲ୍ ନ୍ୟୁକ୍ଲିୟର ଏନର୍ଜି, ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ମଧ୍ୟ ସହମତି ପ୍ରକାଶ ପାଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଡୁଡା କହିଛନ୍ତି, ପୋଲାଣ୍ଡକୁ ବାଇଡେନ୍‌ଙ୍କ ଗସ୍ତ ୟୁରୋପରେ ସୁରକ୍ଷା ବଜାୟ ରଖିବା ଦିଗରେ ଆମେରିକାର ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି। ଆମେରିକା ସାରା ବିଶ୍ୱରେ ଶୃଙ୍ଖଳା ବଜାୟ ରଖିବାକୁ ସକ୍ଷମ ବୋଲି ବାଇଡେନ୍‌ଙ୍କ ଆଗରେ ଡୁଡା ପ୍ରକାଶ କରିଛନ୍ତି।


ପୋଲାଣ୍ଡ ରାଷ୍ଟ୍ରପତି ଆଣ୍ଡ୍ରେଜ୍ ଡୁଡାଙ୍କ ସହ ଆମେରିକା ପ୍ରତିପକ୍ଷ ଜୋ ବାଇଡେନ୍।

**ପୁଟିନ୍‌ଙ୍କ ନିଷ୍ପତ୍ତି ଦାୟିତ୍ୱହୀନ**

ଏଥେନ୍ସ ଗସ୍ତରେ ଥିବା ଆମେରିକାର ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି, ଷ୍ଟ୍ରାଟେଜିକ୍ ଆର୍ମ୍ସ ରିଡକ୍ସନ୍ ଟ୍ରିଟି (ଷ୍ଟାର୍ଟ)କୁ ରଦ୍ଦ କରିବା ନେଇ ପୁଟିନ୍‌ଙ୍କ ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଦାୟିତ୍ୱହୀନ। ରୁଷିଆ ପ୍ରକୃତିରେ କ'ଣ କରୁଛି ତାହା ଉପରେ ଆମର ନଜର ରହିବ। ଆମେରିକା ଓ ଆମ ସହଯୋଗୀ ରାଷ୍ଟ୍ରଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ସବୁ ପ୍ରୟାସ ଜାରି ରଖିବୁ। ସେହିପରି ପରରାଷ୍ଟ୍ର ବିଭାଗର ମୁଖପାତ୍ର ନେଡ୍ ପ୍ରାଇସ୍ କହିଛନ୍ତି, ପୁଟିନ୍‌ଙ୍କ ଏହି ପଦକ୍ଷେପର ବ୍ୟବହାରିକ ପ୍ରଭାବ ଅସ୍ପଷ୍ଟ। ଆମ ଆଣବିକ ଅସ୍ତ୍ରଶସ୍ତ୍ରଗୁଡ଼ିକର ଅବସ୍ଥିତିରେ କୌଣସି ପ୍ରକାର ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି ୱାଶିଂଟନ୍ ମନେକରୁନାହିଁ।

**ୟୁକ୍ରେନ୍ ଆକ୍ରମଣକୁ ବର୍ଷେ**

- ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଅଚାନକ ୟୁକ୍ରେନ୍ ଗସ୍ତ କରିବା ପରେ ପୋଲାଣ୍ଡରେ ପହଞ୍ଚିଛନ୍ତି। ସେଠାରେ ସେ ନାଟୋର ପୂର୍ବାଞ୍ଚଳ ସହଯୋଗୀଙ୍କ ସହ ଆଲୋଚନା କରିଛନ୍ତି।
- ଆମେରିକା ସହ ଶେଷ ଆଣବିକ ଚୁକ୍ତି ନ୍ୟୁ ଷ୍ଟାର୍ଟରୁ ରୁଷିଆ ଓହରିବା ନେଇ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଘୋଷଣାର ପୁନର୍ବିଚାର ଲାଗି ମସ୍କୋକୁ ନାଟୋ ପରାମର୍ଶ ଦେଇଛି। ପୁଟିନ୍‌ଙ୍କ ଭାଷଣକୁ କିଭ୍ ଓ ଏହାର ପାଶ୍ଚାତ୍ୟ ସହଯୋଗୀ 'ନିର୍ବୋଧ ଅଭିଯାନ' କହି ନିନ୍ଦା କରିଛନ୍ତି।
- ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ଖେର୍‌ସନ୍ ସହରେ ଅନ୍ୟୂନ ୬ ଜଣଙ୍କ ମୃତ୍ୟୁ ଘଟିଥିବା ୟୁକ୍ରେନ୍ କହିଛି।

**ତାଇୱାନ୍ ପ୍ରସଙ୍ଗ: ଚାଇନାକୁ ରୁଷିଆର ସମର୍ଥନ**

ଚାଇନାର ଶୀର୍ଷ କୂଟନୀତିଜ୍ଞ ୱାଙ୍ଗ୍ ୟି ମସ୍କୋରେ ରୁଷିଆର ପ୍ରଭାବଶାଳୀ ସିକ୍ୟୁରିଟି କାଉନ୍‌ସିଲ୍ ମୁଖ୍ୟ ନିକୋଲାଇ ପତ୍ରୁଶେଭ୍‌ଙ୍କୁ ଭେଟିଛନ୍ତି। ମସ୍କୋ ଓ ବେଜିଂ ପାଶ୍ଚାତ୍ୟ ବିରୋଧରେ ଏକାଠି ହୋଇ ରହିବା ଜରୁରୀ। ତାଇୱାନ୍, ହଂକଂ ଏବଂ ଶିଞ୍ଜିଆନ୍ ପ୍ରସଙ୍ଗରେ ଚାଇନାର ଆଭିମୁଖ୍ୟକୁ ରୁଷିଆ ସମର୍ଥନ କରୁଛି ବୋଲି ୱାଙ୍ଗ୍‌ଙ୍କୁ ପୁଟିନ୍‌ଙ୍କ ଘନିଷ୍ଠ ସହଯୋଗୀ ନିକୋଲାଇ କହିଛନ୍ତି।

**ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ**

### ଆଜି ଉଦ୍ଧବ ଗୋଷ୍ଠୀ ପିଟିଶନ୍‌ର ଶୁଣାଣି


ନୂଆଦିଲ୍ଲୀ,୨୧।୨(ପି.ଟି.)

ଏକନାଥ ଗୋଷ୍ଠୀକୁ ପ୍ରକୃତ ଶିବସେନାର ସ୍ୱୀକୃତି ଏବଂ ଧନୁତୀର ଚିହ୍ନ ପ୍ରଦାନ ଲାଗି ନିର୍ବାଚନ କମିଶନ (ଇସି)ଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଉଦ୍ଧବ ଠାକ୍‌ରେ ଗୋଷ୍ଠୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ବୁଧବାର ଏହାର ଶୁଣାଣି କରିବାକୁ ରାଜି ହୋଇଛନ୍ତି। ଉଦ୍ଧବ ଗୋଷ୍ଠୀ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ୍ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ଉକ୍ତ ପିଟିଶନ ଉପସ୍ଥାପନ କରିଥିଲେ। ଖଣ୍ଡପୀଠରେ ଜଷ୍ଟିସ୍ କ୍ରିଷ୍ଣା ମୁରାରୀ ଏବଂ ପି.ଏସ୍. ନରସିଂହ ରହିଛନ୍ତି। ଯଦି ଇସିଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଜାରି କରା ନ ଯାଏ, ତେବେ ସେମାନେ ନିର୍ବାଚନୀ ଚିହ୍ନ ଏବଂ ବ୍ୟାଙ୍କ ଆକାଉଣ୍ଟ କବ୍‌ଜା କରିବେ। ତେଣୁ ବୁଧବାର ସାମ୍ବିଧାନିକ ପୀଠରେ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ସିବଲ ଅନୁରୋଧ କରିଥିଲେ। ବୁଧବାର ଅପରାହ୍ନ ୩ଟା ୩୦ରେ ଶୁଣାଣି କରିବାକୁ ଖଣ୍ଡପୀଠ ନିଷ୍ପତ୍ତି ନେଇଛନ୍ତି।

# ଅବାଧରେ ବୁଲୁଛନ୍ତି ୨୬/୧୧ ଆକ୍ରମଣକାରୀ

ଲାହୋର,୨୧।୨

**ପାକ୍‌ରେ ଜାଭେଦ ଅଖତର**



୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅପରାଧୀମାନେ ପାକିସ୍ତାନରେ ଅବାଧରେ ବିଚରଣ କରୁଛନ୍ତି ବୋଲି କବି ଓ ଗୀତିକାର ଜାଭେଦ୍ ଅଖ୍‌ତର ଲାହୋରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି। ଉର୍ଦ୍ଦୁ କବି ଫଏଜ ଅହମ୍ମଦ ଫଏଜଙ୍କ ସ୍ମୃତିରେ ଆୟୋଜିତ ସପ୍ତମ ଫଏଜ ଉତ୍ସବର ଭିଡିଓ ଭାଇରାଲ ହୋଇଛି। ଏଠାରୁ ଶାନ୍ତିର ବାର୍ତ୍ତା ନେଇ ଯିବା ସହ ପାକିସ୍ତାନ ଏକ ସକାରାତ୍ମକ, ବନ୍ଧୁତ୍ୱପୂର୍ଣ୍ଣ ଓ ପ୍ରିୟ ଦେଶ ବୋଲି ଭାରତୀୟମାନଙ୍କୁ କହିବାକୁ ଶ୍ରୋତାମାନେ ଅଖତରଙ୍କୁ କହିବାରୁ ସେ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଅଖତର କହିଥିଲେ, ଆମେ ପରସ୍ପରକୁ ଦୋଷ ଦେବା ଉଚିତ ନୁହେଁ, କାରଣ ଏହାଦ୍ୱାରା ସମସ୍ୟାର ସମାଧାନ ହେବ ନାହିଁ। ଉତ୍ତେଜନାପୂର୍ଣ୍ଣ ବାତାବରଣକୁ ଶୀତଳ କରିବାକୁ ହେବ ବୋଲି ୭୮ ବର୍ଷୀୟ ଗୀତିକାର କହିଥିଲେ। ମୁମ୍ବାଇରେ ଆକ୍ରମଣ କରିବାକୁ ନରୱେ କିମ୍ବା ଇଜିପ୍ଟରୁ ଆକ୍ରମଣକାରୀ ଆସି ନ ଥିଲେ। ସେମାନେ ଆପଣମାନଙ୍କ ଦେଶରେ ମୁକ୍ତରେ ବୁଲୁଛନ୍ତି। ଯଦି ଜଣେ ହିନ୍ଦୁସ୍ତାନୀଙ୍କ ହୃଦୟରେ ଆପତ୍ତି ରହିଛି, ତେବେ ସେଥିରେ ଆପଣମାନେ ଅପମାନିତ ଅନୁଭବ କରିବା ଉଚିତ ନୁହେଁ। ନୁସରତ ଫତେହ ଅଲି ଖାନ, ମେହଦି ହାସନଙ୍କ ଭଳି ପାକିସ୍ତାନ କଳାକାରଙ୍କୁ ଭାରତରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ହେଲେ ପାକିସ୍ତାନ ଲତା ମଙ୍ଗେସ୍‌କରଙ୍କ ପାଇଁ କେବେ କୌଣସି ଶୋ' ଆୟୋଜନ କରିନାହିଁ ବୋଲି ଅଖତର କହିଥିଲେ।

# ସୁପ୍ରିମକୋର୍ଟ ଶୁଣାଣିର ଲାଇଭ୍ ଟ୍ରାନ୍ସକ୍ରିପ୍‌ଶନ

ନୂଆଦିଲ୍ଲୀ,୨୧।୨

ସୁପ୍ରିମକୋର୍ଟରେ ମଙ୍ଗଳବାର ପ୍ରଥମ ଥର ପାଇଁ ପରୀକ୍ଷାମୂଳକ ଭାବେ ଶୁଣାଣି ପ୍ରତିଲେଖର ସିଧା ପ୍ରସାରଣ (ଲାଇଭ୍ ଟ୍ରାନ୍ସକ୍ରିପ୍‌ଶନ) କରାଯାଇଛି। ଏଥିପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର କରାଯାଇଥିଲା। ଏହାଦ୍ୱାରା ଶୁଣାଣିକୁ ପ୍ରତିଲିଖନ କରାଯାଇ ସୁପ୍ରିମକୋର୍ଟ ୱେବ୍‌ସାଇଟରେ ଅପ୍‌ଲୋଡ୍ ପୂର୍ବରୁ ଯାଞ୍ଚ ପାଇଁ ଆଇନଜୀବୀମାନଙ୍କୁ ପ୍ରଦାନ କରାଯିବ। ନିର୍ବାଚନ କମିଶନ ଏକନାଥ ଗୋଷ୍ଠୀଙ୍କୁ ଶିବସେନା ନାମ ଓ ନିର୍ବାଚନୀ ଚିହ୍ନ ପ୍ରଦାନ କରିବା ନିଷ୍ପତ୍ତି ଉପରେ ମାମଲାର ଶୁଣାଣି ବେଳେ ପାଇଲଟ୍ ଭିତ୍ତିରେ ଲାଇଭ୍ ଟ୍ରାନ୍ସକ୍ରିପ୍‌ଶନ କରାଯାଇଥିଲା। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ କୋର୍ଟ ରୁମ୍‌ରେ ସିଧା ପ୍ରସାରଣର ଶୁଭାରମ୍ଭ ହୋଇଥିଲା। ଶୁଣାଣି ବେଳେ ସିଜେଆଇ ଆଇନଜୀବୀମାନଙ୍କୁ ନୂଆ ଅଭିଜ୍ଞତା ସମ୍ପର୍କରେ ବୁଝାଇଥିଲେ। ମାମଲାଗୁଡ଼ିକରେ କିପରି ଯୁକ୍ତି ଉପସ୍ଥାପନ କରାଯାଉଛି ଆଇନ ସ୍କୁଲରେ ପଢୁଥିବା ପିଲାମାନେ ତାହା ଜାଣିବାରେ ଏହି ବ୍ୟବସ୍ଥା ସହାୟକ ହେବ। ଏହାଦ୍ୱାରା ଯୁକ୍ତିର ସ୍ଥାୟୀ ରେକର୍ଡ ରହିବ ଏବଂ ଆଇନ ମହାବିଦ୍ୟାଳୟଗୁଡ଼ିକ ଏହାର ବିଶ୍ଳେଷଣ କରିପାରିବେ ବୋଲି ସିଜେଆଇ କହିଥିଲେ।

### ହତ୍ୟା ପାଇଁ ଏକନାଥଙ୍କ ପୁଅ ସୁପାରି ଦେଇଥିଲେ: ସଞ୍ଜୟ


ମୁମ୍ବାଇ, ୨୧।୨

ଉଦ୍ଧବ ଗୋଷ୍ଠୀ ଏମ୍‌ପି ସଞ୍ଜୟ ରାଉତଙ୍କୁ ହତ୍ୟା ପାଇଁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ପୁଅ ଶ୍ରୀକାନ୍ତ ଶିନ୍ଦେ ଥାଣେର ଜଣେ କଣ୍ଟ୍ରାକ୍ଟ କିଲରଙ୍କୁ ସୁପାରି ଦେଇଥିବା ସେ ମଙ୍ଗଳବାର ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ସଞ୍ଜୟ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍‌ଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖିଛନ୍ତି। ରାଜ୍ୟରେ ନେତାମାନଙ୍କ ଉପରେ ଆକ୍ରମଣ ଘଟଣା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏ ପ୍ରକାର ଘଟଣା ରୋକିବା ନେଇ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# ଇନ୍ଦିରା ଗାନ୍ଧୀ ମୋ ବାପାଙ୍କୁ ସଚିବ ପଦରୁ ହଟାଇଥିଲେ: ଜୟଶଙ୍କର

ନୂଆଦିଲ୍ଲୀ,୨୧।୨

ଏକ ଅମଲା ପରିବାରରୁ ଆସିଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ୨୦୧୯ରେ ଅଚାନକ ଏବଂ ଆଶାତୀତ ଭାବେ ରାଜନୈତିକ ସୁଯୋଗ ପାଇଥିଲେ ବୋଲି ମଙ୍ଗଳବାର ଏକ ସାକ୍ଷାତ୍‌କାରରେ କହିଛନ୍ତି। ୧୯୮୦ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ କ୍ଷମତାକୁ ଫେରିବା ପରେ ପରେ ତାଙ୍କ ବାପା ଡ. କେ. ସୁବ୍ରମଣ୍ୟମ୍‌ଙ୍କୁ ପ୍ରତିରକ୍ଷା ଉତ୍ପାଦନ ସଚିବ ପଦରୁ ବହିଷ୍କାର କରିଥିଲେ। ରାଜୀବ ଗାନ୍ଧୀଙ୍କ ସମୟରେ ସୁବ୍ରମଣ୍ୟମ୍‌ଙ୍କୁ ଅଣଦେଖା କରି ତାଙ୍କଠାରୁ ଜୁନିୟର ଜଣେ ଅଫିସରଙ୍କୁ କ୍ୟାବିନେଟ ସଚିବ କରାଯାଇଥିଲା। ଜୟଶଙ୍କର କିପରି ପ୍ରଶାସନିକ ସେବାରୁ ରାଜନୀତିକୁ ଆସିଲେ ସେ ସମ୍ପର୍କରେ ସାକ୍ଷାତ୍‌କାରରେ କହିଛନ୍ତି।


ଏସ୍. ଜୟଶଙ୍କର


କେ. ସୁବ୍ରମଣ୍ୟମ୍

ସେ ସବୁବେଳେ ସର୍ବଶ୍ରେଷ୍ଠ ଅଫିସର ହେବା ଏବଂ ବହିର୍ବ୍ୟାପାର ସଚିବ ପଦକୁ ପଦୋନ୍ନତି ପାଇବାକୁ ଆଗ୍ରହୀ ଥିଲେ। ୨୦୧୫ ଜାନୁୟାରୀରୁ ୨୦୧୮ ଜାନୁୟାରୀ ପର୍ଯ୍ୟନ୍ତ ସେ ବହିର୍ବ୍ୟାପାର ସଚିବ ଭାବେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ସେ ଚାଇନା ଓ ଆମେରିକାରେ ଭାରତୀୟ ଦୂତାବାସରେ ଉଚ୍ଚ ପଦବୀରେ ଥିଲେ। ତାଙ୍କ ବାପା କେ. ସୁବ୍ରମଣ୍ୟମ ଭାରତର ଅନ୍ୟତମ ଖ୍ୟାତନାମା ଜାତୀୟ ସୁରକ୍ଷା ରଣନୀତିକାର ଥିଲେ, ଯାହାଙ୍କର ୨୦୧୧ରେ ପରଲୋକ ହୋଇଥିଲା। ତାଙ୍କ ବାପା ୧୯୭୯ରେ ଜନତା ସରକାରରେ ସମ୍ଭବତଃ ସର୍ବକନିଷ୍ଠ ସଚିବ ନିଯୁକ୍ତ ହୋଇଥିଲେ ଏବଂ ୧୯୮୦ରେ ତାଙ୍କୁ ପ୍ରତିରକ୍ଷା ଉତ୍ପାଦନ ସଚିବ କରାଯାଇଥିଲା। ସେହିବର୍ଷ ଇନ୍ଦିରା ପୁନଃ ନିର୍ବାଚିତ ହେବା ପରେ ସୁବ୍ରମଣ୍ୟମ ପ୍ରଥମ ସଚିବ ଭାବେ ବିଦା ହୋଇଥିଲେ। ଏହା ପରେ ତାଙ୍କ ବାପା ଆଉ ସଚିବ ହୋଇ ନ ଥିଲେ। ଜୟଶଙ୍କରଙ୍କ ବଡ଼ଭାଇ ସଚିବ ହେବାବେଳେ ତାଙ୍କ ବାପା ବହୁତ ଗର୍ବ ଅନୁଭବ କରିଥିଲେ। ବାପାଙ୍କ ପରଲୋକ ପରେ ଜୟଶଙ୍କର ସଚିବ ନିଯୁକ୍ତ ହୋଇଥିଲେ। ୨୦୧୮ରେ ବହିର୍ବ୍ୟାପାର ସଚିବ ପଦରୁ ଅବସର ନେବା ପରେ ସେ ଏକ ନୂଆ ଜୀବନ ଆରମ୍ଭ କରିବେ ବୋଲି ଭାବିଥିଲେ। କିନ୍ତୁ ପରେ ତାଙ୍କୁ ଟାଟା ସନ୍ସରେ କାର୍ଯ୍ୟ କରିବାର ସୁଯୋଗ ମିଳିଲା ଏବଂ ୨୦୧୯ରେ ଅଚାନକ ରାଜନୈତିକ ସୁଯୋଗ ଆସିଲା ବୋଲି ଜୟଶଙ୍କର କହିଛନ୍ତି। ତେବେ ସେ ରାଜନୈତିକ ଜୀବନ ପାଇଁ ପୂର୍ବରୁ ପ୍ରସ୍ତୁତ ନ ଥିଲେ ବୋଲି କହିଛନ୍ତି।

### ମୋଦି ଏଲ୍ଏସିକୁ ସେନା ପଠାଇଥିଲେ, ରାହୁଲ ନୁହନ୍ତି

ପୂର୍ବ ଲଦାଖ ଅନ୍ତର୍ଗତ ଏଲ୍ଏସିରେ ଚାଇନାର ଅତିକ୍ରମଣକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଆସୁଥିବାବେଳେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏହାର ସମାଲୋଚନା କରିଛନ୍ତି। ଚାଇନା ସୈନ୍ୟଙ୍କୁ ମୁକାବିଲା ଲାଗି କଂଗ୍ରେସ ନେତା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)କୁ ସୈନ୍ୟ ପଠାଇ ନ ଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଠାଇଥିଲେ ବୋଲି ସେ କହିଛନ୍ତି। ୧୯୬୨ରେ କ'ଣ ଘଟିଥିଲା ବିରୋଧୀ ଦଳ ତାହାର ଅନୁଧ୍ୟାନ କରୁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ସୀମାନ୍ତ ଭିତ୍ତିଭୂମିର ଉନ୍ନତି ପାଇଁ ମୋଦି ସରକାର ବଜେଟରେ ୫ ଗୁଣା ବ୍ୟୟବରାଦ କରିଛନ୍ତି। ଗତବର୍ଷ ଚାଇନା ପଙ୍ଗୋଙ୍ଗ ହ୍ରଦ ଉପରେ ବ୍ରିଜ୍ ନିର୍ମାଣ କରିବାକୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ କେନ୍ଦ୍ରକୁ ସମାଲୋଚନା କରୁଛନ୍ତି। ତେବେ ୧୯୬୨ ଯୁଦ୍ଧ ପରଠାରୁ ଚାଇନା ଉକ୍ତ ଅଞ୍ଚଳକୁ ବେଆଇନ ଭାବେ ଦଖଲ କରି ରଖିଥିବା ଜୟଶଙ୍କର କହିଛନ୍ତି।

କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୁପ କରନାହିଁ। -ଶ୍ରୀଅରବିନ୍ଦ

# ବିଦ୍ୟାର୍ଥୀ ଆତ୍ମହତ୍ୟା

ଏବେ ଆରମ୍ଭ ହୋଇଛି ପରୀକ୍ଷା ଋତୁ। ଅଧିକ ନମ୍ବର ରଖିବା ଲାଗି ପିଲାମାନଙ୍କ ଉପରେ ମାତାପିତା, ଅଭିଭାବକଙ୍କଠାରୁ ଆରମ୍ଭକରି ଶିକ୍ଷୟିତ୍ରୀଶିକ୍ଷକ ଚାପ ପକାଇବାରେ ବ୍ୟସ୍ତ। ସାଧାରଣ ପାଠକୁ ଦେଖିଲେ ଯିଏ ଯେତେ ନମ୍ବର ରଖିପାରିବେ ସିଏ ସେତେ ବଡ଼ ଶିକ୍ଷାନୁଷ୍ଠାନରେ ପଢ଼ିପାରିବେ। ଯଦି ଡାକ୍ତରୀ ବା ଇଞ୍ଜିନିୟରିଂ ପଢ଼ିବା ଲାଗି ସିଟ୍ ପାଇବା ସକାଶେ ହେଉଥିବା ପ୍ରତିଯୋଗିତା ବିଷୟ ଦେଖାଯାଏ, ସେଥିରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା। ପ୍ରତିଯୋଗିତାରେ ଧାଉଁଥିବା ପିଲାମାନଙ୍କ ମୁଣ୍ଡକୁ ଏପରି ବିଗାଡ଼ି ଦିଆଯାଇଛି ଯେ, ଯେମିତି ଏହି ପରୀକ୍ଷାରେ ସେମାନେ ବିଫଳ ହୋଇଗଲେ ଜୀବନ ଅସାର ହୋଇଯିବ। ସେଥିପାଇଁ ବିଦ୍ୟାର୍ଥୀ ପ୍ରାଣପଣେ ଚେଷ୍ଟା କରୁଛନ୍ତି। ଯଦି କୌଣସି ପିଲା ଗଣିତ କିମ୍ବା ବିଜ୍ଞାନରେ ଦକ୍ଷ ନ ଥିବ, ତଥାପି ତାକୁ ମାତାପିତା ବିଜ୍ଞାନ ବିଷୟ ନେଇ ପଢ଼ିବାକୁ ବାଧ କରୁଛନ୍ତି। ସବୁ ସ୍ତରରେ ଅଭିଭାବକମାନେ ଚାପ ପକାଇବାରେ ଧୂରନ୍ଧର। କ୍ୱଚିତ ମା'ବାପା ଅଛନ୍ତି, ଯେଉଁମାନେ ପିଲାଙ୍କ ଉପରେ ପଡୁଥିବା ଚାପ ସମ୍ପର୍କରେ ସଚେତନ ଏବଂ ନିଆଁରେ ଘିଅ ଢାଳନ୍ତି ନାହିଁ। ଏଭଳି ପରିପ୍ରେକ୍ଷୀରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରୁ ନ ଥିବା ପିଲା ଅନେକ କ୍ଷେତ୍ରରେ ଆତ୍ମହତ୍ୟାର ପନ୍ଥା ବାଛି ନେଉଛନ୍ତି।

ରାଜସ୍ଥାନର କୋଟାକୁ ଦେଶର କୋଚିଂ ରାଜଧାନୀ ବୋଲି କୁହାଯାଉଛି। ଏଠାରେ ବିଶେଷକରି ଇଞ୍ଜିନିୟରିଂ ଓ ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବା ସକାଶେ ହେଉଥିବା ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ ଲାଗି ବାର୍ଷିକ ପ୍ରାୟ ଦେଢ଼ ଲକ୍ଷ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରୁଥିବା ଖବର ମିଳୁଛି। କିନ୍ତୁ ବିଗତ କିଛି ବର୍ଷ ହେବ କୋଟାରେ ସର୍ବାଧିକ ବିଦ୍ୟାର୍ଥୀ ପଢ଼ା ଚାପରେ ଆତ୍ମହତ୍ୟା କରୁଥିବା ରିପୋର୍ଟ ପଦାକୁ ଆସିଛି। କୋଟାରେ ଜାନୁୟାରୀ ୨୦୧୯ରୁ ଡିସେମ୍ବର ୨୦୨୨ ମଧ୍ୟରେ ୫୨ ଜଣ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି। ସେଥିମଧ୍ୟରୁ ବିଭିନ୍ନ କୋଚିଂ ସେଣ୍ଟରରେ ନାମ ପଞ୍ଜୀକରଣ କରିଥିବା ପ୍ରତିଯୋଗୀଙ୍କ ସଂଖ୍ୟା ରହିଛି ୨୭। ତେବେ ସେଠାକାର କୋଚିଂ କେନ୍ଦ୍ରରୁ ୨୦୨୨ରେ ସର୍ବାଧିକ ୧୫ ଜଣ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ୨୧ ଫେବୃୟାରୀରେ ରାଜସ୍ଥାନ ବିଧାନସଭାରେ ସଦସ୍ୟ ପାନା ଚାନ୍ଦ ମେଘୱାଲ ଏହି ବିଷୟ ଉଠାଇବା ପରେ ସରକାର ଚେତିଛନ୍ତି। ଏକ ଲିଖିତ ଉତ୍ତରରେ ସରକାର ଜଣାଇଛନ୍ତି ଯେ, ସମ୍ପୃକ୍ତ ସମସ୍ୟାକୁ ଟାଳିବା ଲାଗି ଏକ ଆଇନ ଅଣାଯିବ। ସ୍ଥିତିର ଗମ୍ଭୀରତାକୁ ଦେଖି ସରକାର ଆଇନ ଆଣିବା ସକାଶେ ରାଜି ହେବା ଭଲ କଥା। କିନ୍ତୁ ଆତ୍ମହତ୍ୟା କରୁଥିବା ପିଲାମାନଙ୍କ ଉପରେ କେଉଁଭଳି ଚାପ ପଡୁଛି ଏବଂ ତାହାର ପ୍ରତିକାର କିଭଳି ଭାବେ କରାଯାଇପାରିବ, ସେ ସମ୍ପର୍କରେ ଅନୁଧ୍ୟାନ କରାଯିବାର ଚାହିଦା ଅଧିକ। କେବଳ ଗୋଟିଏ ଆଇନ ବିଧାନସଭାରେ ଗୃହୀତ ହୋଇଗଲେ ପିଲାଙ୍କ ଉପରେ ଚାପ ହ୍ରାସ ହେବ ନାହିଁ କିମ୍ବା ଆତ୍ମହତ୍ୟା କମିବା ଭଳି ମନେ ହେଉନାହିଁ। ଆଇନ ଅପେକ୍ଷା ମାତାପିତା, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଶେଷକରି ବିଦ୍ୟାର୍ଥୀଙ୍କୁ ସଚେତନ କରାଯିବା ଦରକାର। ଏଠାରେ ଆଉ ଏକ ଦିଗକୁ ଦେଖିଲେ ଭାରତରେ ପିଲାମାନଙ୍କୁ ଘୋଷା ପାଠରେ ଅଭ୍ୟସ୍ତ କରାଇ ଦିଆଯାଉଛି। ସମ୍ଭବତଃ ସେଥିପାଇଁ ଅଭିନବତ୍ୱ ଓ ଗବେଷଣା କ୍ଷେତ୍ରରେ ଭାରତ ପଛୁଆ ରହିଯାଉଛି। ତେଣୁ ଚିନ୍ତାଧାରାରେ ପରିବର୍ତ୍ତନ ଆସିବା ନିତାନ୍ତ ଦରକାର।

ଆଇନ ଅପେକ୍ଷା ମାତାପିତା, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଶେଷକରି ବିଦ୍ୟାର୍ଥୀଙ୍କୁ ସଚେତନ କରାଯିବା ଦରକାର। ଏଠାରେ ଆଉ ଏକ ଦିଗକୁ ଦେଖିଲେ ଭାରତରେ ପିଲାମାନଙ୍କୁ ଘୋଷା ପାଠରେ ଅଭ୍ୟସ୍ତ କରାଇ ଦିଆଯାଉଛି। ସମ୍ଭବତଃ ସେଥିପାଇଁ ଅଭିନବତ୍ୱ ଓ ଗବେଷଣା କ୍ଷେତ୍ରରେ ଭାରତ ପଛୁଆ ରହିଯାଉଛି। ତେଣୁ ଚିନ୍ତାଧାରାରେ ପରିବର୍ତ୍ତନ ଆସିବା ନିତାନ୍ତ ଦରକାର।

## ଚିରନ୍ତନୀ

ଏ ବନ ଛାୟେ ଯା'ନ୍ତି ଚଳି
ଦିଓଟି ପ୍ରିୟ ସଖୀ
ସହଜ ଗତି ଗ୍ରାମର ବାଳା
ଏ ପଥେ ପାଦ ରଖି।

-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | 1 | 3 | | | 4 | | |
| | 8 | 3 | | | 7 | | | |
| 4 | | | | | | | 2 | |
| | | | | | | 6 | 5 | |
| 1 | | | | | | | | |
| | 3 | 8 | | 6 | 1 | | | 4 |
| 5 | | | | | | 9 | 8 | 7 |
| 8 | 2 | | | | | | | |
| | | 9 | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 7 | 2 | 1 | 3 | 9 | 4 | 8 |
| 3 | 4 | 2 | 8 | 7 | 9 | 6 | 1 | 5 |
| 9 | 1 | 8 | 4 | 6 | 5 | 2 | 3 | 7 |
| 4 | 9 | 1 | 5 | 3 | 7 | 8 | 6 | 2 |
| 2 | 6 | 5 | 9 | 8 | 1 | 3 | 7 | 4 |
| 7 | 8 | 3 | 6 | 2 | 4 | 1 | 5 | 9 |
| 5 | 3 | 6 | 7 | 9 | 2 | 4 | 8 | 1 |
| 8 | 2 | 4 | 1 | 5 | 6 | 7 | 9 | 3 |
| 1 | 7 | 9 | 3 | 4 | 8 | 5 | 2 | 6 |

ଗତକାଲିର ଉତ୍ତର

# ପରୀକ୍ଷା ପାଇଁ ପ୍ରସ୍ତୁତି



ଡ. ସତ୍ୟକାମ ମହାପାତ୍ର

ଚଳିତବର୍ଷ ଫେବୃୟାରୀ ମାସଠାରୁ ଆମ ରାଜ୍ୟରେ ବିଭିନ୍ନ ପରୀକ୍ଷା ଆରମ୍ଭ ହେଉଛି। ଏଥିନିମନ୍ତେ ପ୍ରତ୍ୟେକ ପରୀକ୍ଷାର୍ଥୀ ଜୋରସୋରରେ ପ୍ରସ୍ତୁତି କରୁଛନ୍ତି। ପରୀକ୍ଷାର୍ଥୀମାନେ ପରୀକ୍ଷା ପାଇଁ ଯେତିକି ବ୍ୟସ୍ତ ସେମାନଙ୍କର ଅଭିଭାବକ ମଧ୍ୟ ସେତିକି ବ୍ୟସ୍ତ ଓ ଚିନ୍ତିତ। କାରଣ ପରୀକ୍ଷାର ଫଳାଫଳ ଉପରେ ଭବିଷ୍ୟତର ପାଠପଢ଼ା ଓ ଚାକିରି ବହୁତ ପରିମାଣରେ ନିର୍ଭର କରିଥାଏ। ପରୀକ୍ଷାରେ ସଫଳ ହେବାପାଇଁ ଠିକ୍ ଯୋଜନା ମୁତାବକ ପ୍ରସ୍ତୁତି କରିବାକୁ ପଡ଼ିଥାଏ। ଏହି ପ୍ରସ୍ତୁତି ପ୍ରକ୍ରିୟା ପାଇଁ ପରୀକ୍ଷାର୍ଥୀଙ୍କ ସହିତ ଅଭିଭାବକଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ।

ପରୀକ୍ଷାର୍ଥୀଙ୍କ ପାଇଁ ପରାମର୍ଶ ରହିଛି। ପରୀକ୍ଷା ପାଇଁ ପ୍ରସ୍ତୁତି ସମୟରେ ପାଠପଢ଼ିବା ନିମନ୍ତେ କାର୍ଯ୍ୟସୂଚୀ ପ୍ରସ୍ତୁତ କରନ୍ତୁ। ନିଜର ଶିକ୍ଷକ, ମାତାପିତା ଓ ବଡ଼ ଭାଇଭଉଣୀଙ୍କ ସହ ଆଲୋଚନା କରି ନିଜ ପାଠ ପଢ଼ିବାର ଯୋଜନା କରନ୍ତୁ। ସେହି କାର୍ଯ୍ୟସୂଚୀ ଅନୁସାରେ ସଂଗଠିତ ଓ ଯୋଜନା ମୁତାବକ ପଢ଼ନ୍ତୁ। ଯେଉଁ ବିଷୟ କଷ୍ଟ ଲାଗୁଥିବ ତାକୁ ଅଧିକ ସମୟ ଦିଅନ୍ତୁ। ତାକୁ ବାରମ୍ବାର ଅଭ୍ୟାସ (ରିଭିଜନ) କରନ୍ତୁ। ପାଠକୁ ଭାଗ ଭାଗ କରି ପଢ଼ିଲେ ଭଲ। ଫଳରେ ପାଠ ଅଧିକ ମନେରହିବ। ନିଜ ସହପାଠୀଙ୍କ ସହ ବିଭିନ୍ନ ବିଷୟ ଆଲୋଚନା କରି ପଢ଼ିଲେ ପାଠ ବୁଝିବା ଓ ମନେରଖିବାରେ ସୁବିଧା ହୋଇଥାଏ। କୌଣସି ବିଷୟରେ କିଛି ବୁଝା ପଡୁ ନ ଥିଲେ ତାକୁ ହେୟ ଜ୍ଞାନ ନ କରି ନିଜ ଶିକ୍ଷକ, ମାତାପିତା କିମ୍ବା ସହପାଠୀଙ୍କର ସାହାଯ୍ୟ ନିଅନ୍ତୁ।

ଲଗାତର ଘଣ୍ଟା ଘଣ୍ଟା ଧରି ପାଠ ପଢ଼ନ୍ତୁ ନାହିଁ। ଏହାଦ୍ୱାରା ପାଠରେ ଏକାଗ୍ରତା ରହେ ନାହିଁ। ତେଣୁ ୪୫ ମିନିଟ୍‌ରୁ ୧ ଘଣ୍ଟା ପଢ଼ିଲା ପରେ କିଛି ସମୟ ବିରତି ନିଅନ୍ତୁ। ଏହି ସମୟରେ ମନକୁ ଶାନ୍ତି ଦେଲା ଭଳି କିଛି କାମ କରନ୍ତୁ। ଯଥା ମଧୁର ସଙ୍ଗୀତ ଶୁଣନ୍ତୁ, ପରିବାରର ଲୋକମାନଙ୍କ ସହିତ କଥା ହୁଅନ୍ତୁ। ପାଠକୁ ଘୋଷି ପଢ଼ିବା ପରିବର୍ତ୍ତେ ବୁଝି କରି ପଢ଼ିଲେ ସହଜରେ ମନେରହେ। ରାତିରେ ଡେରି ପର୍ଯ୍ୟନ୍ତ ପଢ଼ନ୍ତୁ ନାହିଁ। ରାତିରେ ଶୀଘ୍ର ଶୋଇ ସକାଳୁ ଜଲ୍‌ଦି ଉଠନ୍ତୁ। ସକାଳୁ ମନ ସ୍ଥିର ଓ ଶାନ୍ତ ଥାଏ। ଏହି ସମୟରେ ପାଠ ପଢ଼ିଲେ ମନେରଖିବାର ସମ୍ଭାବନା ଅଧିକ ଥାଏ। ମଧ୍ୟାହ୍ନ ଓ ରାତ୍ରିଭୋଜନ ଖାଇବାର ୩୦ ମିନିଟ୍ ପର ପର୍ଯ୍ୟନ୍ତ ପଢ଼ନ୍ତୁ ନାହିଁ। ଏହି ସମୟରେ ବିଶ୍ରାମ ନିଅନ୍ତୁ। କାରଣ ଉକ୍ତ ସମୟରେ ମସ୍ତିଷ୍କକୁ ରକ୍ତ ସଂଚାଳନ କମିବା ସହ ପାକସ୍ଥଳୀକୁ ବଢ଼ି ଯାଇଥାଏ; ଯାହା ଫଳରେ ପାଠ ପଢ଼ିଲେ ଠିକ୍‌ରେ ମନେରୁହେ ନାହିଁ।

ପାଠ ପଢୁ ଥିଲାବେଳେ ଅନେକ ପିଲାଙ୍କୁ ଲାଗିଥାଏ ଯେ ଏତେ ପଢ଼ିଲା ପରେ ମଧ୍ୟ କିଛି ମନେରହୁ ନାହିଁ। ମାତ୍ର ଏହା ଏକ ସାଧାରଣ ଅନୁଭୂତି। ଏପରି ପ୍ରାୟ ସମସ୍ତଙ୍କୁ ଲାଗିଥାଏ। ଏହାପାଇଁ ବ୍ୟସ୍ତ ନ ହୋଇ ଧୈର୍ଯ୍ୟ ଧରନ୍ତୁ। ପ୍ରତ୍ୟେକ ବିଷୟକୁ ବାରମ୍ବାର ରିଭିଜନ(ପୁନର୍ଭ୍ୟାସ) କରନ୍ତୁ। ଗୋଟିଏ କଥା ଜାଣି ରଖିବାକୁ ହେବ ଯେ କୌଣସି ଔଷଧ ଦ୍ୱାରା ସ୍ମରଣ ଶକ୍ତି ବଢ଼ାଇ ହେବ ନାହିଁ। ପାଠ ମନେରଖିବା ପାଇଁ ଅଧିକ ପରିଶ୍ରମ ହିଁ ଏକମାତ୍ର ବାଟ। ପାଠ ପଢ଼ିଲା ବେଳେ ଅନେକ ପିଲାଙ୍କ ମନରେ ଚିନ୍ତା ଆସିଥାଏ ଯେ ପରୀକ୍ଷା କେମିତି ହେବ, କେତେ ନମ୍ବର ରହିବ। ଏସବୁକୁ ନେଇ ମନରେ ଆଶଙ୍କା ଓ ଭୟ ମଧ୍ୟ ଆସିଥାଏ; ଯାହାକୁ ସାଧାରଣ ଭାଷାରେ ଏଙ୍ଗ୍‌ଜାଇଟି ବା ଟେନ୍‌ସନ କୁହାଯାଏ। ଏସବୁ ମନରେ ଆସିଲେ ବ୍ୟସ୍ତ ହୁଅନ୍ତୁ ନାହିଁ, ବରଂ ଏହାଦ୍ୱାରା ପରୀକ୍ଷାରେ ପ୍ରଦର୍ଶନ ବଢ଼ିଥାଏ। ପରୀକ୍ଷାରେ ସମୟର ଠିକ୍ ପରିଚାଳନା କରିବା ନିମନ୍ତେ ପୂର୍ବରୁ ଯୋଜନା ପ୍ରସ୍ତୁତ କରନ୍ତୁ। କେଉଁ ପ୍ରଶ୍ନକୁ କେତେ ସମୟ ଦେବେ ତାହା ପୂର୍ବରୁ ସ୍ଥିର କରନ୍ତୁ। ମଡେଲ ପ୍ରଶ୍ନପତ୍ର କଲାବେଳେ ଏସବୁ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ। ପୂର୍ବ ବର୍ଷର ପ୍ରଶ୍ନପତ୍ରକୁ ପ୍ରଦତ୍ତ ସମୟ ମଧ୍ୟରେ କରିବାର ଅଭ୍ୟାସ କରନ୍ତୁ।



ପରୀକ୍ଷା ପ୍ରସ୍ତୁତି ସମୟରେ ମୋବାଇଲ ଫୋନ, କମ୍ପ୍ୟୁଟର ଓ ସୋସିଆଲ ମେଡିଆ (ଫେସ୍‌ବୁକ, ହାଟ୍‌ସଆପ) ଓ ଭି ଗେମ୍‌ଠାରୁ ଦୂରେଇ ରୁହନ୍ତୁ। ଏସବୁ ମନକୁ ବିଚଳିତ କରିଥାଏ, ପାଠପଢ଼ାରେ ଏକାଗ୍ରତା କମିଥାଏ ଓ ରାତିରେ ଭଲ ନିଦ ହୋଇ ନ ଥାଏ। ମନରେ କୌଣସି ନକାରାତ୍ମକ ଚିନ୍ତା ଆସିଲେ ନିଜ ଆତ୍ମୀୟ ଲୋକଙ୍କୁ ଏ ବିଷୟରେ ଜଣାନ୍ତୁ। ନିଜ ମନର କଥାକୁ ନିଜ ମାତାପିତାଙ୍କ ସହିତ ଆଲୋଚନା କରନ୍ତୁ। ନିୟମିତ ଭାବରେ ପ୍ରତିଦିନ ଦୁଇ ଥର ୧୫ରୁ ୩୦ ମିନିଟ ପର୍ଯ୍ୟନ୍ତ ଦୀର୍ଘ ଓ ଗଭୀର ନିଃଶ୍ୱାସ ପ୍ରଶ୍ୱାସ (ଡିପ୍ ବ୍ରିଦିଙ୍ଗ ଏକ୍ସରସାଇଜ) ନିଅନ୍ତୁ। ଏହାଦ୍ୱାରା ମସ୍ତିଷ୍କକୁ ରକ୍ତ ସଂଚାଳନ ବଢ଼ିଥାଏ ଓ ଏକାଗ୍ରତା ବୃଦ୍ଧି ପାଇଥାଏ। ସମୟ ମିଳିଲେ ଯୋଗ ଅଭ୍ୟାସ ମଧ୍ୟ କରନ୍ତୁ। ପରୀକ୍ଷା ପୂର୍ବଦିନ ରାତିରେ ଅନିଦ୍ରା ହୋଇ ପଢ଼ନ୍ତୁ ନାହିଁ। ଏହା ଫଳରେ ପରୀକ୍ଷା ସମୟରେ ଥକା ଓ ନିଦ ମଧ୍ୟ ଲାଗିପାରେ। ତେଣୁ ପରୀକ୍ଷା ପୂର୍ବ ରାତିରେ ଶୀଘ୍ର ଶୋଇ ପଡ଼ନ୍ତୁ। ଅତିକମ୍‌ରେ ୬ ଘଣ୍ଟା ଶୁଅନ୍ତୁ। ମନକୁ ଦୃଢ଼ ରଖନ୍ତୁ। ନିଜ ଉପରେ ଆତ୍ମବିଶ୍ୱାସ ରଖନ୍ତୁ।

ସେହିଭଳି ପରୀକ୍ଷା ସମୟରେ ଅଭିଭାବକଙ୍କ ପାଇଁ କିଛି ପରାମର୍ଶ ଅଛି। ନିଜ ପିଲାର ମାନସିକ ଦକ୍ଷତା ଅନୁସାରେ ହିଁ ତାହାଠାରୁ ଫଳ ଆଶା କରନ୍ତୁ। ପରୀକ୍ଷାରେ କେତେ ପ୍ରତିଶତ ନମ୍ବର ଆଣିବ ସେଥିନିମନ୍ତେ ପରୀକ୍ଷା ପୂର୍ବରୁ ପିଲା ଉପରେ ଅତ୍ୟଧିକ ଚାପ ପକାନ୍ତୁ ନାହିଁ। ଏହାଦ୍ୱାରା ପିଲା ସବୁବେଳେ ମାନସିକ ଚାପଗ୍ରସ୍ତ ରହିବ ଓ ପରୀକ୍ଷାରେ ନିଜ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରିବ ନାହିଁ। ପିଲାର ଖରାପ ପ୍ରଦର୍ଶନକୁ ନେଇ ତାକୁ ଉପହାସ କିମ୍ବା ହତୋତ୍ସାହିତ କରନ୍ତୁ ନାହିଁ। ଏହାଦ୍ୱାରା ପିଲାର ମନୋବଳ ଭାଙ୍ଗି ଯାଏ। ପିଲାକୁ ସବୁବେଳେ ଉତ୍ସାହିତ କରନ୍ତୁ, ସକାରାତ୍ମକ ମନୋଭାବ ସୃଷ୍ଟି ପାଇଁ ଚେଷ୍ଟା କରନ୍ତୁ। ପିଲାକୁ ପ୍ରତ୍ୟେକ ଦିନ ଯଥେଷ୍ଟ ଶୋଇବାକୁ ଦିଅନ୍ତୁ। ଅତି କମ୍‌ରେ ୬ରୁ ୮ ଘଣ୍ଟା ଶୋଇବାକୁ ଦିଅନ୍ତୁ। ମସ୍ତିଷ୍କକୁ ଉପଯୁକ୍ତ ଆରାମ ନ ମିଳିଲେ ସ୍ମରଣ ଶକ୍ତି ଓ ଏକାଗ୍ରତା କମିଯାଇଥାଏ। ପିଲାକୁ ସୁଷମ ଓ ପୁଷ୍ଟିସାରଯୁକ୍ତ ଖାଦ୍ୟ ଠିକ୍ ସମୟରେ ଖାଇବାକୁ ଦିଅନ୍ତୁ। ଖାଦ୍ୟ ଖାଇବାରେ ବିଳମ୍ବ ହେଲେ ରକ୍ତରେ ଶର୍କରା ମାତ୍ରା କମି ଯାଇଥାଏ (ହାଇପୋଗ୍ଲାଇସେମିଆ)। ଫଳରେ ସ୍ମରଣଶକ୍ତି କମିଯାଏ। ପିଲାକୁ ପାଠ ସହିତ କିଛି ସମୟ ଖେଳ କିମ୍ବା ହାଲ୍‌କା ଶାରୀରିକ ପରିଶ୍ରମ ଓ ଅନ୍ୟ କିଛି ମନୋରଞ୍ଜକ କାମ କରିବାକୁ ଦିଅନ୍ତୁ; ଯାହାଫଳରେ ମସ୍ତିଷ୍କକୁ କିଛି ସମୟ ଆରାମ ମିଳିଥାଏ। ପୁଣି ପାଠ ପଢ଼ିଲେ ଏକାଗ୍ରତା ବଢ଼ିଥାଏ।

ନିଜ ପିଲାକୁ ଅନ୍ୟ କୌଣସି ପିଲାସହିତ ତୁଳନା କରନ୍ତୁ ନାହିଁ। ଏହାଫଳରେ ପିଲା ଉପରେ ଅଯଥା ମାନସିକ ଚାପ ପଡ଼ିଥାଏ ଓ ତାହାର ପାଠ ଉପରୁ ଏକାଗ୍ରତା କମିଯାଇଥାଏ। ପିଲା ଯଦି ମାତାପିତାଙ୍କୁ କିଛି କହିବାକୁ ଚାହୁଁଥାଏ, ତେବେ ତା' ମନର କଥାକୁ ଧୈର୍ଯ୍ୟର ସହିତ ଶୁଣନ୍ତୁ। ଘରେ ଶାନ୍ତ ଓ ସକାରାତ୍ମକ ପରିବେଶ ରଖନ୍ତୁ। ଅଭିଭାବକମାନେ ପିଲାର ପରୀକ୍ଷା ସମୟରେ ନିଜେ ଅତ୍ୟଧିକ ମାନସିକ ଚାପଗ୍ରସ୍ତ ବା ଚିନ୍ତିତ ହୁଅନ୍ତୁ ନାହିଁ। କାରଣ ପିଲା ଆପଣଙ୍କୁ ଚିନ୍ତିତ ଦେଖିଲେ ସେ ମଧ୍ୟ ଦୁଃଖ ଅନୁଭବ କରିବ। ତେଣୁ ଆପଣ ଅତ୍ୟଧିକ ଚିନ୍ତିତ ହୁଅନ୍ତୁ ନାହିଁ। କଠିନ ପରିଶ୍ରମ, ଗଭୀର ଅଧ୍ୟବସାୟ, ଠିକ ଯୋଜନା ମୁତାବକ ପ୍ରସ୍ତୁତି ଓ ଅଭିଭାବକଙ୍କ ସହଯୋଗ ଦ୍ୱାରା ପ୍ରତ୍ୟେକ ପରୀକ୍ଷାର୍ଥୀ ନିଶ୍ଚିତ ଭାବରେ ସଫଳତା ହାସଲ କରିପାରିବେ।

ମାନସିକ ରୋଗ ବିଶେଷଜ୍ଞ
ମୋ- ୮୮୯୫୨୯୩୯୯୭

# ବୃଦ୍ଧାଶ୍ରମ ବନାମ ଯୌଥ ପରିବାର



ହରିଶଙ୍କର ମିଶ୍ର

ଯୌଥ ପରିବାର ଆମ ସଂସ୍କୃତି, ଯେଉଁଠି ଅନ୍ୟୂନ ତିନି ପିଢ଼ିର ସଦସ୍ୟ ଏକତ୍ର ସହାବସ୍ଥାନ କରିଥାନ୍ତି। ପରିବାରର ବୟସ୍କ ବ୍ୟକ୍ତିଙ୍କୁ ମୁଖ୍ୟ ଭାବେ ଗ୍ରହଣ କରାଯାଏ। ତାଙ୍କର ଅଭିଜ୍ଞତାସମ୍ପନ୍ନ ପରାମର୍ଶ ଓ ସୁଚିନ୍ତିତ ନିଷ୍ପତ୍ତି ଘରର ପ୍ରତ୍ୟେକଙ୍କ ପାଇଁ ସମାନ ଏବଂ ସମସ୍ତ ସମସ୍ୟା ସମାଧାନ ପାଇଁ ସହାୟକ ହୋଇଥାଏ। ପରସ୍ପର ପ୍ରତି ନିରନ୍ତର ସ୍ନେହ ସହଯୋଗ ରହିଥିବା ସେପରି ପରିବାରକୁ ବୈକୁଣ୍ଠ ସହ ତୁଳନା କରାଯାଏ। ସେହି ପରିବାରର ପ୍ରତ୍ୟେକ ସଦସ୍ୟ ସମ୍ପୂର୍ଣ୍ଣ ପରିବାରକୁ ନିଜର ମନେକରି ଥାଆନ୍ତି। ଆଗେ ବିଦ୍ୟାଳୟ ପାଠ୍ୟକ୍ରମରେ ଯୌଥ ପରିବାରର ସକାରାତ୍ମକ ଦିଗ ଆଧାରିତ ଗଳ୍ପ ଓ ଉଦାହରଣ ସ୍ଥାନ ପାଉଥିଲା, ଯାହା ସ୍ପଷ୍ଟ କରେ ଯେ ଏହା ଆମର ପରମ୍ପରା ମଧ୍ୟ ଥିଲା। ସ୍ୱାର୍ଥ, ତ୍ୟାଗ ଓ ସାମୂହିକ ସଦିଚ୍ଛା, ପାରସ୍ପରିକ ସହଯୋଗ ହେଉଛି ଯୌଥ ପରିବାରର ମୂଳମନ୍ତ୍ର। ବହୁବର୍ଷ ପୂର୍ବରୁ ଗ୍ରାମରେ କେହି ପରିବାରରୁ ଭିନ୍ନ ହେଲେ ସମାଜ ଆଖିରେ ନିନ୍ଦିତ ହେଉଥିଲା। ସମୟକ୍ରମେ ଯେଉଁମାନେ ରୋଜଗାର ଉଦ୍ଦେଶ୍ୟ ବା ଚାକିରି ପାଇ ସହରାଭିମୁଖୀ ହେଲେ ତନ୍ମଧ୍ୟରୁ ଅନେକେ ଅତ୍ୟନ୍ତ ସାର୍ଥପର ହୋଇଗଲେ। ନିଜର ଗୋଟିଏ ବା ଦୁଇଟି ସନ୍ତାନଙ୍କୁ ଉଚ୍ଚଶିକ୍ଷା ଦେଇ ସମାଜରେ ପ୍ରତିଷ୍ଠିତ କରାଇବା ଇଚ୍ଛା ସେମାନଙ୍କୁ ନିଜ ବାପା ମା'ଙ୍କଠାରୁ ଦୂରେଇ ଦେଲା।

ବୟସର ଅପରାହ୍ନ ଛୁଇଁସାରିଥିବା ପ୍ରତ୍ୟେକ ବ୍ୟକ୍ତି ପରିବାର ସଦସ୍ୟମାନଙ୍କ ସେବା ସହାୟତା ଆଶା କରିଥାନ୍ତି। ତାହା ଯୋଗାଇଦେବା ଆମର ସାମାଜିକ କର୍ତ୍ତବ୍ୟ ମଧ୍ୟ। କିନ୍ତୁ ଯେଉଁମାନେ ଅତୀତରେ ବୃଦ୍ଧ ବାପା ମା' ଓ ପରିବାରର ଅନ୍ୟ ସଦସ୍ୟଙ୍କୁ ଗାଁରେ ଛାଡ଼ି ସହରକୁ ଆସିଥିଲେ ଏବେ ସେମାନଙ୍କ ପୁଅ ଝିଅ ଉଚ୍ଚ ବେତନ ପାଇଁ ବାପା ମାଆଙ୍କଠାରୁ ବହୁଦୂର ବା ବିଦେଶରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି ଏବଂ ସେମାନେ ବୟସର ଅପରାହ୍ନରେ ସ୍ୱକର୍ମ ଅର୍ଜିତ ଫଳ ସ୍ୱରୂପ ଅଧିକ ନିଃସଙ୍ଗ ଜୀବନ ବିତାଉଛନ୍ତି। ଗାଁରେ ସେମାନଙ୍କ ବାପା ମା'ଙ୍କୁ ପରିବାରର ଅନ୍ୟ ସଦସ୍ୟ, ଗ୍ରାମବାସୀଙ୍କ ସହଯୋଗ ମିଳୁଥିଲା; ଯାହାକି ସହରରେ ପାଇବା ସମ୍ଭବ ନୁହେଁ। ଏହା ପାଶ୍ଚାତ୍ୟ ସଭ୍ୟତା ଅନୁକରଣର କରୁଣ ପରିଣତି। ପ୍ରଯୁକ୍ତି ବିଦ୍ୟାର ଉନ୍ନତି ଯୋଗୁ ସେମାନେ କେବଳ ନିଜ ପୁଅ ବୋହୂ ବା ନାତି ନାତୁଣୀଙ୍କ ସହ ସମ୍ପର୍କ ଦୃଶ୍ୟ ଶ୍ରାବ୍ୟରେ ସୀମିତ ରଖି ଆତ୍ମସନ୍ତୋଷ ପାଉଛନ୍ତି। କିନ୍ତୁ ସେମାନଙ୍କ ଅନ୍ତର୍ବେଦନା ନା କହିପାରୁଛନ୍ତି ନା ସହିପାରୁଛନ୍ତି। ପୁଅ ବୋହୂଙ୍କ ସେବାରୁ ବଞ୍ଚିତ ଯୋଗୁ ସେମାନେ ଭଡ଼ା ସେବିକାଙ୍କୁ ନିଯୁକ୍ତ କରୁଛନ୍ତି। କିଛି ଶାରୀରିକ ଅସୁସ୍ଥ ବ୍ୟକ୍ତିଙ୍କ ଠିକଣା ଜରାଶ୍ରମ ହୋଇଯାଇଛି। ଏହା ଯୋଗୁ ସେବା ଯୋଗାଣ ଓ ଜରାଶ୍ରମ ମଧ୍ୟ କିଛି ବ୍ୟକ୍ତିଙ୍କ ପାଇଁ ଆୟକାରୀ ବ୍ୟବସାୟ ହୋଇଯାଇଛି। ଏଥିପାଇଁ ରାଜ୍ୟ ଓ ବିଦେଶୀ ସହାୟତା ମିଳୁଥିବା ଜଣାଯାଏ। ଏବେ ସରକାର ପ୍ରତ୍ୟେକ ବ୍ଲକରେ ବୃଦ୍ଧାଶ୍ରମ ଖୋଲିବାକୁ ନିଷ୍ପତ୍ତି ନେଇଥିବାର ଖବର ପ୍ରକାଶ ପାଇଛି। ଏଠାରେ ପ୍ରଶ୍ନ ଆସେ ଯେ ବୃଦ୍ଧାଶ୍ରମ କାହିଁକି ଓ କାହାପାଇଁ? ଆମ ପୁରାଣ ବା ଧର୍ମଶାସ୍ତ୍ରରେ ଜରାଶ୍ରମର ସୂଚନା ନାହିଁ। ଦେଶ ସ୍ୱାଧୀନତାର ୭୫ବର୍ଷ ପାଳନ କରୁଥିବା ବେଳେ ଆମର ସଂସ୍କୃତିସମ୍ପନ୍ନ ରାଜ୍ୟରେ ପରମ୍ପରା ପରିବର୍ତ୍ତେ ପାଶ୍ଚାତ୍ୟ ସଭ୍ୟତାକୁ ଆପଣାଇ ଜରାଶ୍ରମ ବ୍ୟବସ୍ଥା ଅନେକ ବୟସ୍କଙ୍କୁ ସେମାନଙ୍କ ପରିବାରରୁ ନିଶ୍ଚିତ ଦୂରେଇ ଦେବ ଏବଂ ଆଧୁନିକତାକୁ ଆଦରି ଗୁରୁଜନଙ୍କ ସେବା ପ୍ରତି ବିମୁଖ ହେଉଥିବା ପୁଅ ବୋହୂଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ।



ଆମର ଲୋକ ଚରିତ୍ର ଏତେ କଳୁଷିତ ଯେ ଏହି ବ୍ୟବସ୍ଥା ପାରିବାରିକ କଳହ, ବୟସ୍କ ବ୍ୟକ୍ତିଙ୍କୁ ଉଦ୍ଦେଶ୍ୟମୂଳକ ଅବହେଳା ଓ ନିର୍ଯାତନାର କାରଣ ହେବ। ଏହା ମଧ୍ୟ ସରକାରଙ୍କ ନିଜ ନିୟମର ପରିପନ୍ଥୀ ହେବ। କାରଣ ଆମ ରାଜ୍ୟରେ ମାତାପିତା ଏବଂ ବରିଷ୍ଠ ନାଗରିକଙ୍କ ଚଳଣି ଓ କଲ୍ୟାଣ ନିୟମ ୨୦୦୯ ବଳବତ୍ତର ରହିଛି। ବରଂ ସେଇ ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରାଯାଇ ଅବହେଳା କରୁଥିବା ରୋଜଗାରକ୍ଷମ ପୁଅମାନଙ୍କୁ ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ ଅନେକ ବୃଦ୍ଧାବୃଦ୍ଧଙ୍କୁ ସନ୍ତୁଷ୍ଟ କରାଇବ। ସରକାର ଏହା ପରିବର୍ତ୍ତେ ବାର୍ଦ୍ଧକ୍ୟକୁ ରାଜନୈତିକ ଅସ୍ତ୍ରକରି ସେମାନଙ୍କ ପାଇଁ ଯେଉଁ ଭତ୍ତା ବ୍ୟବସ୍ଥା କରିଛନ୍ତି ତାହା ଅନେକଙ୍କ ପାଇଁ ନିର୍ଦ୍ଦିଷ୍ଟ ଆୟ ହୋଇଥିବାବେଳେ ପ୍ରକୃତ ନିରାଶ୍ରୟମାନଙ୍କ ଲାଗି ପର୍ଯ୍ୟାପ୍ତ ହେଉନାହିଁ। ଏଯାବତ୍ ରାଜ୍ୟରେ ୪୪ଲକ୍ଷ ବୃଦ୍ଧାବୃଦ୍ଧଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇଛି। ୧୯୮୭ରେ ରାଜ୍ୟରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ନିରାଶ୍ରୟ ବୃଦ୍ଧାବୃଦ୍ଧ ଓ ବିଧବାଙ୍କ ସହାୟତା ପାଇଁ ଭତ୍ତା ବ୍ୟବସ୍ଥା କରାଯାଇଥିଲା। ମାସିକ ୪୦ଟଙ୍କା ଓ ପରେ ୬୦ଟଙ୍କାର ଏହି ଭତ୍ତା ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିବାରୁ ବ୍ୟବସ୍ଥାରେ ସ୍ୱଚ୍ଛତା ଥିଲା। ୧୯୯୦ରେ ରାଜ୍ୟରେ ଜନତାଦଳ ସରକାର ଗଠିତ ହେଲା। ମୁଖ୍ୟମନ୍ତ୍ରୀ ବିଧବାଙ୍କର ବୟସ ନ ଥାଏ କହି ପ୍ରତି ବିଧବାଙ୍କୁ ଏହି ସହାୟତା ଘୋଷଣା କଲେ ଏବଂ ଯୋଜନା ବ୍ଲକ ପ୍ରଶାସନ ଅଧୀନକୁ ଆସିଲା। ତା'ପରେ ପ୍ରତିମାସରେ ଅସହାୟଙ୍କ ସଂଖ୍ୟା ବଢ଼ିଚାଲିଲା। ଏଯାବତ୍ ଏହି ଯୋଜନାରେ ହିତାଧିକାରୀ ଅପେକ୍ଷା ଅଧିକ ଉପକୃତ ହୋଇଛନ୍ତି ଅନେକ ଦଲାଲ ଓ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀ। ଅନେକ ସମୟରେ ଏଥିରେ ପାରିବାରିକ ଅଶାନ୍ତି ଦାପ୍ତରିକ କେଲେଙ୍କାରୀ, ମୃତ ବ୍ୟକ୍ତିଙ୍କୁ ଭତ୍ତା ବଣ୍ଟନ ଭଳି ରୋଚକ ଖବର ଗଣମାଧ୍ୟମରେ ପ୍ରକାଶ ପାଇଆସୁଛି। ଏପରି କି ରୋଜଗାରକ୍ଷମ ପୁଅମାନେ ମା' ବାପାଙ୍କ ଭତ୍ତା ପାଇଁ ବହୁ ହଜାର ଅର୍ଥ ବ୍ୟୟ କରି ହାଇକୋର୍ଟରେ ମାମଲା ବି କରୁଛନ୍ତି। ଏବେ ପ୍ରତ୍ୟେକ ହିତାଧିକାରୀଙ୍କୁ ମାସିକ ୫୦୦ ଟଙ୍କା ଏବଂ ୮୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ୭୦୦ ଟଙ୍କା ଭତ୍ତା ଦିଆଯାଉଛି। ଏଥିପାଇଁ ୪୪ଲକ୍ଷ ହିତାଧିକାରୀଙ୍କ ଲାଗି ମାସିକ ୨୪୦ କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଯଦି ନିରପେକ୍ଷ ତଦନ୍ତ କରାଯାଇ ରୋଜଗାରକ୍ଷମ ପୁଅ ଥିବା ବ୍ୟକ୍ତିଙ୍କ ଭତ୍ତା ପ୍ରତ୍ୟାହାର ଏବଂ ସେଇ ପୁଅମାନଙ୍କୁ ସମସ୍ତ ସରକାରୀ ସୁଯୋଗରୁ ବଞ୍ଚିତ କରି ପୂର୍ବୋକ୍ତ ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରାଯାଏ ତେବେ ପ୍ରକୃତ ଓ ଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ୨୦ ବା ୩୦ଶତାଂଶକୁ ହ୍ରାସ ପାଇବ। ସରକାର ବୃଦ୍ଧାଶ୍ରମ ଖୋଲିବା ପରିବର୍ତ୍ତେ ଯୌଥ ପରିବାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କଲେ ସମାଜରେ ବୃଦ୍ଧାବୃଦ୍ଧମାନେ ଅବହେଳିତ ହେବେ ନାହିଁ। ବରଂ ଏହା ଭବିଷ୍ୟତ ପାଇଁ ଉଦାହରଣ ହୋଇଯିବ।

୧୧୩, ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

## ଏଇ ଭାରତରେ

ବିମାନରେ ବୋମା ଥିବାର ମିଛ କଲ୍ କରି ଗିରଫ ହେବା ଘଟଣା ସାମ୍ନାକୁ ଆସିଛି ହାଇଦ୍ରାବାଦସ୍ଥିତ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ। ଗିରଫ ବ୍ୟକ୍ତି ଜଣକ ହେଉଛନ୍ତି ୫୯ ବର୍ଷୀୟ ସେନା କର୍ମଚାରୀ ଆଜମେର ଭଦ୍ରାଇ। ସେ ମିଲିଟାରି ଇଞ୍ଜିନିୟରିଂ ସର୍ଭିସର ସୁପରିଣ୍ଟେଣ୍ଡେଟ ଇଞ୍ଜିନିୟର ଭାବେ କାର୍ଯ୍ୟରତ। ଆଜମେର ହାଇଦ୍ରାବାଦରୁ ଇଣ୍ଡିଗୋ ଫ୍ଲାଇଟ ଯୋଗେ ଚେନ୍ନାଇ ଯିବାର ଥିଲା। କିନ୍ତୁ ସେ ବିଳମ୍ବରେ ଆସିବାରୁ ତାଙ୍କୁ ବିମାନରେ ଯିବା ଲାଗି ଅନୁମତି ଦିଆଯାଇ ନ ଥିଲା। ପ୍ରଥମେ ସକାଳ ୫.୧୫ରେ ଫ୍ଲାଇଟ ମିସ୍ କରିବା ପରେ ୧୦.୧୫ ଫ୍ଲାଇଟରେ ଯିବାର ଥିଲା। କିନ୍ତୁ ସେ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସହ ଝଗଡ଼ାରେ ଲିପ୍ତ ହୋଇ ସେଥିରେ ବି ଯାଇପାରି ନ ଥିଲେ। ପରେ ଷ୍ଟେଶନ ହାଉସ ଅଧିକାରୀ (ଏସ୍ଏଚ୍ଓ)ଙ୍କ ସହ ଯୁକ୍ତି କରିଥିଲେ ଓ ଫ୍ଲାଇଟ ବନ୍ଦ କରିବାକୁ ଧମକ ଦେଇଥିଲେ। ୬-ଇ ୬୧୫୧ ବିମାନରେ ବମ୍ ଥିବା ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ ଯୋଗେ ଜଣାଇ ବିମାନ ଉଡ଼ାଣ ବନ୍ଦ କରିବାକୁ କହିଥିଲେ। ପରେ ବିମାନବନ୍ଦରର ଏସ୍ଏଚ୍ଓ ବମ୍ ଥ୍ରେଟ ଆସେସ୍‌ମେଣ୍ଟ କମିଟିକୁ ସତର୍କ କରିବା ପରେ ବିମାନ ଉଡ଼ାଣ ବନ୍ଦ ରହିଥିଲା। ପୋଲିସ କଲ୍ ସମ୍ପର୍କରେ ଅନୁଧ୍ୟାନ କରିବା ପରେ ଆଜମେର ଏଭଳି ଧମକ ଦେଇଥିଲେ ବୋଲି ଜାଣିପାରିଥିଲା। ଆଜମେର ମଧ୍ୟ ମାନିଯାଇଥିଲେ। ପରେ ତାଙ୍କୁ ଏୟାରକ୍ରାଫ୍ଟ ଆକ୍ଟ ଉଲ୍ଲଂଘନ ଓ ମିଥ୍ୟା ଧମକ ଦେଇଥିବା ଅଭିଯୋଗରେ ଗିରଫ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଫେବୃୟାରୀ ୧୯୯୮

- ଉତ୍ତରପ୍ରଦେଶରେ କଲ୍ୟାଣ ସିଂଙ୍କ ନେତୃତ୍ୱାଧିନ ଭାଜପା ସରକାର ସଂଖ୍ୟାଲଘୁ ହେବା ପରେ ଲୋକତାନ୍ତ୍ରିକ କଂଗ୍ରେସର ନେତା ଜଗଦମ୍ବିକା ପାଲଙ୍କ ନେତୃତ୍ୱରେ ଏକ ନୂତନ ସରକାର ଗଠନ।
- ଚଳଚ୍ଚିତ୍ରର ସୁପ୍ରସିଦ୍ଧ ଚରିତ୍ର ଅଭିନେତା ଓମ୍‌ପ୍ରକାଶଙ୍କ ୭୮ ବର୍ଷ ବୟସରେ ପରଲୋକ।
- ଭାରତର ପୂର୍ବତନ ଅଲିମ୍ପିଆନ ବାପୁ ନିମଲଙ୍କ ୯୪ ବର୍ଷ ବୟସରେ ଦେହାନ୍ତ।

## ପାଠକ ଶ୍ରେଷ୍ଠ ବିଚାରକ

### ତୈଳ ଦର ବୃଦ୍ଧି କାହିଁକି

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାର ଉଭୟଙ୍କ ଯୋଗୁ ଆଜି ଡିଜେଲ ଓ ପେଟ୍ରୋଲ ଦାମ୍ ଆକାଶ ଛୁଇଁଛି। ତେଲ ଦର ବଢ଼ିବା ସଙ୍ଗେ ସଙ୍ଗେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ିଯାଉଛି। ପରିବାପତ୍ର, ଫଳ ଓ ରାଶନ ସବୁକିଛି ମହଙ୍ଗା ହୋଇଯାଉଛି। କୁହାଯାଉଛି, କେନ୍ଦ୍ର ଓ ରାଜ୍ୟ ସରକାର ଉଭୟେ ପୁଞ୍ଜିପତିଙ୍କୁ ଲାଭବାନ୍ କରିବା ପାଇଁ ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ଉପରେ ଆଙ୍କୁଶ ଲଗାଉନାହାନ୍ତି। କେନ୍ଦ୍ର ସରକାର ପୁଞ୍ଜିପତିଙ୍କ ଲାଭ ପାଇଁ ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟିରେ ପଞ୍ଜୀକୃତ କରୁନାହାନ୍ତି। ଭାରତରେ ପେଟ୍ରୋଲ ଏବଂ ଡିଜେଲର ଦର ବୃଦ୍ଧି ଉପରେ ରୋକ ଲଗାଇବା ପାଇଁ ସରକାରଙ୍କୁ ପେଟ୍ରୋଲ ଏବଂ ଡିଜେଲ କୁ ଜିଏସ୍‌ଟିରେ ସାମିଲ କରିବାକୁ ପଡ଼ିବ। କିନ୍ତୁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର କେବେହେଲେ ଚାହିଁବେନାହିଁ। କାରଣ ଉଭୟ ସରକାର ପୁଞ୍ଜିପତିଙ୍କଠାରୁ ନିର୍ବାଚନ ସମୟରେ ଚାନ୍ଦା ନେଇଥାନ୍ତି। ସରକାର ମିଡିଲ ଇଷ୍ଟ ଦେଶଗୁଡ଼ିକୁ ତେଲ ଦର କମେଇବା ପାଇଁ କେବେହେଲେ ଅନୁରୋଧ କରି ନାହାନ୍ତି। ଓଡ଼ିଶାରେ ଅଧିକ ଦର ଦେଇ ତେଲ କିଣିବା ଯେମିତି ଗ୍ରାହକଙ୍କ ମୁଣ୍ଡରେ ବଜ୍ର ପଡ଼ିଛି। ଯଦି ସରକାର ପେଟ୍ରୋଲରେ ଏକ୍ସାଇଜ ଡ୍ୟୁଟି କମ୍ କରିବେ ତା'ହେଲେ ସାଧାରଣ ଗ୍ରାହକ ଶସ୍ତାରେ ପେଟ୍ରୋଲ ଓ ଡିଜେଲ ପାଇପାରିବେ।

-କାଳି ଦାସ, ବ୍ରହ୍ମପୁର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କଂଗ୍ରେସ ବିଧାୟକ ଦଳ ବୈଠକ**

ଭୁବନେଶ୍ୱର,(ବ୍ୟୁରୋ): କଂଗ୍ରେସ ବିଧାୟକ ଦଳ ବୈଠକ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୈଠକ ପରେ ସୂଚନା ଦେଇ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ବୁଧବାର ପ୍ରଶ୍ନକାଳ ଅଛି। ଏହାର ଆରମ୍ଭରୁ ନବ ଦାସ ହତ୍ୟାକାଣ୍ଡ କଥା ଉଠାଯିବ। ତେବେ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ଧାନମଣ୍ଡିରୁ ଧାନ ନ ଉଠିବା, ଚାଷୀମାନେ ଧାନ କମ୍ ଦାମ୍‌ରେ ବାହାରେ ବିକ୍ରି କରିବା ଏବଂ ନାରୀ ନିର୍ଯାତନା ଆଦି ପ୍ରସଙ୍ଗରେ ଦଳ ଜୋରଦାର ବିରୋଧ କରିବ ବୋଲି ସେ କହିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୨୪ରେ ସରକାରର ନେତୃତ୍ୱ ନେବ କଂଗ୍ରେସ: ଖାର୍ଗେ

ନୂଆଦିଲ୍ଲୀ,୨୧।୨

୨୦୨୪ ଲୋକ ସଭା ନିର୍ବାଚନ ପରିପ୍ରେକ୍ଷୀରେ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ପାଇଁ ଆଲୋଚନା ଜାରି ରହିଥିବାବେଳେ ଆସନ୍ତା ବର୍ଷ କେନ୍ଦ୍ରରେ ବିରୋଧୀ ମେଣ୍ଟ କ୍ଷମତାକୁ ଆସିବ ଏବଂ କଂଗ୍ରେସ ଏହାର ନେତୃତ୍ୱ ନେବ ବୋଲି ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର କହିଛନ୍ତି। ରାୟପୁରରେ କଂଗ୍ରେସର ମହାସମ୍ମିଳନୀ ପୂର୍ବରୁ ଖାର୍ଗେଙ୍କ ଏଭଳି ବିବୃତିରୁ ବିରୋଧୀ ମେଣ୍ଟ ଗଠନ ନେଇ ଦଳ ବଡ଼ ନିଷ୍ପତ୍ତି ନେଇପାରେ ବୋଲି କୁହାଯାଉଛି।

ନାଗାଲାଣ୍ଡର ଚୁମୁକେଡିମାଠାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ଖାର୍ଗେ ଭାଜପାକୁ କଡ଼ା ସମାଲୋଚନା କରିଥିଲେ। ଗୈରିକ ଦଳ ବିଧାୟକମାନଙ୍କ ଉପରେ ଚାପ ପକାଇ କର୍ଣାଟକ, ମଣିପୁର, ଗୋଆ ଏବଂ ମଧ୍ୟପ୍ରଦେଶରେ ନିର୍ବାଚିତ ସରକାରକୁ ଭାଙ୍ଗିଥିବା ସେ ଅଭିଯୋଗ କରିଥିଲେ। ଭାଜପା ଗୋଟିଏ ପଟେ ଗଣତନ୍ତ୍ର ଏବଂ ସମ୍ବିଧାନ କଥା କହୁଥିବାବେଳେ ଅଗଣତାନ୍ତ୍ରିକ କାର୍ଯ୍ୟ କରୁଛି ଓ ସମ୍ବିଧାନକୁ ଅନୁସରଣ କରୁନାହିଁ। ମୋଦି ଏକାକୀ ସାରା ଦେଶକୁ ସାମ୍ନା କରିପାରିବେ ବୋଲି ଏକାଧିକ ଥର ଗର୍ବରେ କହିଛନ୍ତି। କୌଣସି ଗଣତାନ୍ତ୍ରିକ ବ୍ୟକ୍ତି ଏଭଳି କହିପାରିବେ ନାହିଁ ବୋଲି ଖାର୍ଗେ କହିଛନ୍ତି। ଲୋକେ ଆପଣଙ୍କୁ ନିର୍ବାଚିତ କରିଛନ୍ତି ଏବଂ ୨୦୨୪ରେ ଉଚିତ୍ ଶିକ୍ଷା ଦେବେ ବୋଲି ମୋଦିଙ୍କୁ ଲକ୍ଷ୍ୟ କରି କଂଗ୍ରେସ ଅଧ୍ୟକ୍ଷ କହିଥିଲେ। ୨୦୨୪ରେ କଂଗ୍ରେସ ନେତୃତ୍ୱରେ ବିରୋଧୀ ମେଣ୍ଟ ସରକାର କ୍ଷମତାକୁ ଆସିବ। ଏଥିପାଇଁ କଂଗ୍ରେସ ଅନ୍ୟ ଦଳଗୁଡ଼ିକ ସହ ଆଲୋଚନା ଚଳାଇଛି। ତେବେ ଖାର୍ଗେଙ୍କ କଥାରୁ ସ୍ପଷ୍ଟ ହୋଇଛି କଂଗ୍ରେସ ଅନ୍ୟମାନଙ୍କ ସହ ହାତ ମିଳାଇବା ଲାଗି ଆଲୋଚନା ଜାରି ରଖିଛି। ମେଣ୍ଟ ନିର୍ବାଚନ ପୂର୍ବରୁ ହେବ କି ପରେ ତାହା ସ୍ପଷ୍ଟ ହୋଇନାହିଁ।

## କଂଗ୍ରେସ କ୍ଷମତାକୁ ଆସିଲେ ଦୁର୍ନୀତି ବି ଆସିଥାଏ: ନଡ୍ଡା

**ବେଙ୍ଗାଲୁରୁ,୨୧।୨:** ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି। କଂଗ୍ରେସ ଯେତେବେଳେ ବି କ୍ଷମତାକୁ ଆସେ, ଦୁର୍ନୀତି ଏହା ସହିତ ଆସିଥାଏ। ସେଠାରେ ଭୋଟ ବ୍ୟାଙ୍କ ମଧ୍ୟ ରାଜନୀତି ଆସେ ବୋଲି ବେଙ୍ଗାଲୁରୁଠାରେ ମଙ୍ଗଳବାର ନଡ୍ଡା ଅଭିଯୋଗ କରିଛନ୍ତି। ତେବେ କର୍ଣାଟକର ବିକାଶ ପାଇଁ ଭାଜପାର ଡବଲ ଇଞ୍ଜିନ ସରକାରକୁ ପୁଣି ଥରେ ନିର୍ବାଚିତ କରିବାକୁ ସେ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି।

# ଧର୍ମେନ୍ଦ୍ର, ଜୟନାରାୟଣଙ୍କ ଆଡ଼କୁ ତଦନ୍ତ ଯାଉଛି: ପ୍ରମିଳା

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ନବ ଦାସ ହତ୍ୟା ଘଟଣାକୁ ନେଇ ବିଜେଡି ଏବଂ ଭାଜପା ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ବିଧାନସଭାର ବଜେଟ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବେଳେ ଏହି ଘଟଣା ଏବେ ଉଗ୍ରରୂପ ଧାରଣ କରିଛି। ଉଭୟ ଦଳର ନେତା ପରସ୍ପର ବିରୋଧରେ ବ୍ୟକ୍ତିଗତ ଆକ୍ଷେପ କରିବାକୁ ମଧ୍ୟ ପଛାଉ ନାହାନ୍ତି।



ପ୍ରମିଳା ମଲ୍ଲିକ

ନବ ଦାସଙ୍କ ହତ୍ୟା ଘଟଣାରେ ବିରୋଧୀ ଦଳ ନେତାଙ୍କ ବୟାନ ପରେ ବିଜେଡି ନେତ୍ରୀ ତଥା ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ପୂର୍ବରୁ ଗଞ୍ଜାମ ଓ ବରଗଡ଼ ଜିଲାରେ ଘଟିଥିବା କେତେକ ରାଜନୈତିକ ହତ୍ୟାକାଣ୍ଡରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ସମ୍ପୃକ୍ତି ଥିବାର ପ୍ରମାଣ ମିଳିଛି। ପଦ୍ମପୁର ଉପନିର୍ବାଚନ ବେଳେ ନବ ଦାସଙ୍କୁ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଧମକ ଦେଉଥିବା ଉଭୟ ଭାଜପାର ବରିଷ୍ଠ ନେତା ନିଜକୁ ବଞ୍ଚାଇବା ଲାଗି ମନଗଢ଼ା କାହାଣୀ ଗପୁଛନ୍ତି। ସମସ୍ତେ ଜାଣନ୍ତି ଜୟନାରାୟଣ ଜଣେ ଅଭ୍ୟାସଗତ ଅପରାଧୀ। ସେ ଏକ ହତ୍ୟା ମାମଲାରେ ଦୀର୍ଘଦିନ ଜେଲରେ ରହିବା ପରେ ଦେହ ଖରାପର ଆଳ ଦେଖାଇ ଜାମିନରେ ଆସିଛନ୍ତି। ୨୦୧୭ ସେପ୍ଟେମ୍ବର ୧୬ରେ ଗଞ୍ଜାମ ଜିଲା ଛତ୍ରପୁରରେ ଘଟିଥିବା ବହୁଚର୍ଚ୍ଚିତ ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାର ଅଭିଯୁକ୍ତମାନେ ଫେରାର ହୋଇ ଉତ୍ତରାଖଣ୍ଡର ଏକ ସରକାରୀ ଗେଷ୍ଟ ହାଉସରେ ଆଶ୍ରୟ ନେଇଥିଲେ। କଲ୍ ରେକର୍ଡ ଯାଞ୍ଚରୁ ଜଣାପଡ଼ିଥିଲା, ଏହି ହତ୍ୟା ଅଭିଯୁକ୍ତଙ୍କୁ ଓଡ଼ିଶାରୁ ଫେରାର କରାଇବା ଏବଂ ଉତ୍ତରାଖଣ୍ଡ ନେଇ ସରକାରୀ ଗେଷ୍ଟ ହାଉସରେ ରଖିବାର ସବୁ ବ୍ୟବସ୍ଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହିଁ କରିଥିଲେ। ପଦ୍ମପୁର ଉପନିର୍ବାଚନ ସମୟରେ ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ସାଙ୍ଗଠନିକ ଦକ୍ଷତା ଓ କଠିନ ପରିଶ୍ରମ ଦେଖି ଭାଜପା ଜାଣି ସାରିଥିଲା ଯେ ସେମାନେ ଏଠାରେ ଅତ୍ୟନ୍ତ ଦୟନୀୟ ଭାବେ ହାରିବାକୁ ଯାଉଛନ୍ତି। ସେତେବେଳେ ସେ ନବ ଦାସଙ୍କୁ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଧମକଦେବାକୁ ପଛାଇ ନ ଥିଲେ। ଏବେ ନବ ଦାସଙ୍କ ହତ୍ୟା ମାମଲାରେ ଜୟନାରାୟଣ ମିଶ୍ର ଓ ଧର୍ମେନ୍ଦ୍ର ପ୍ରଧାନ ଜାଣି ସାରିଛନ୍ତି ଯେ କ୍ରାଇମବ୍ରାଞ୍ଚ ତଦନ୍ତ ସେମାନଙ୍କ ଆଡ଼କୁ ଯାଉଛି। ସେଥିପାଇଁ ସେମାନେ ଏହି ହତ୍ୟାକାଣ୍ଡକୁ ନେଇ ପ୍ରତିଦିନ ମନଗଢ଼ା କାହାଣୀ ଶୁଣାଉଛନ୍ତି ବୋଲି ପ୍ରମିଳା ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ପ୍ରମିଳାଙ୍କ ବୟାନ ଉପରେ ପ୍ରତିକ୍ରିୟା ରଖି ଭାଜପା ନେତ୍ରୀ ସୋନାଲି ସାହୁ କହିଛନ୍ତି, ରାଜ୍ୟର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ସ୍କୁଲ ପିଲାଙ୍କ ଖାଦ୍ୟ ଦୁର୍ନୀତି କରିଥିଲେ, ଯାହାର ମୂଲ୍ୟ ୭୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏଥିଲାଗି ୨୦୧୧ରେ ମନ୍ତ୍ରୀମଣ୍ଡଳରୁ ଯିଏ ତଡ଼ା ଖାଇଥିଲେ ସେହି ସଇତାନଙ୍କ ମୁହଁରେ ଏବେ ବେଦପାଠ ଶୁଣିବାକୁ ମିଳୁଛି। ନିଜ ଚାକିରି ବଞ୍ଚାଇବା ଲାଗି ଯେଉଁ ଦଳ ପାଇଁ ଓକିଲାତି କରୁଛନ୍ତି ସେହି ଦଳ ଦିନେ ତାଙ୍କୁ ତଡ଼ିଦେଇଥିଲା। ବିଜେଡି ନେତା ପ୍ରତାପ ଜେନା ୨ଟି ହତ୍ୟା ମାମଲାରେ ସମ୍ପୃକ୍ତ ଅଛନ୍ତି ବୋଲି ଅଭିଯୋଗ ଆସିଛି। ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କ ବିରୋଧରେ ପରକୀୟା ପ୍ରୀତିର କଥା ଆସିଲା ପରେ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଆଜି ପ୍ରଶ୍ନବାଚୀ ସୃଷ୍ଟି କରିଛି। ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ସେ ସମୟର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ନାମ ଆସିଲା। ଯଦି ସୋନାଲିକା ଆପଣଙ୍କ ଝିଅ ହୋଇଥାନ୍ତା ତେବେ କ'ଣ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କୁ ଛାଡ଼ିଦେଇ ଥାଆନ୍ତେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଯେଉଁ ୨ଟି ଘଟଣାର ଅଭିଯୋଗ ଉଠାଇଛନ୍ତି ଛତ୍ରପୁର ମାମଲାରେ ପୋଲିସର ଚାର୍ଜଶିଟ୍‌ରେ କ'ଣ ଲେଖାହୋଇଛି, ପୋଲିସ ଡିଜିଙ୍କୁ ପଚାରିବୁଝନ୍ତୁ। ବ୍ଲକ୍‌ରୋଜ୍ ମାମଲାରେ କୋଟି କୋଟି ଟଙ୍କାର ଯେଉଁ ଦୁର୍ନୀତି ହୋଇଥିଲା, ତୁମର ବଡ଼ ନେତା ବୋଲାଉଥିବା ପ୍ରଣବ ପ୍ରକାଶ ଦାସଙ୍କ ସମ୍ପୃକ୍ତି କେତେ ଅଛି, ତାଙ୍କୁ ଥରେ ପଚାରନ୍ତୁ। ୫-ଟି ସଚିବ କେଉଁ କାର୍ଯ୍ୟରେ ଲିପ୍ତ ଅଛନ୍ତି ଏବଂ କେଉଁ କାର୍ଯ୍ୟ କରୁଛନ୍ତି ଥରେ ନିଜକୁ ପଚାରି ତାହାର ଉତ୍ତର ଖୋଜନ୍ତୁ ବୋଲି ସୋନାଲି କହିଛନ୍ତି।

## ନବ ଦାସ ହତ୍ୟାକାଣ୍ଡ ଘଟଣା
### ସଇତାନ ମୁହଁରେ ବେଦପାଠ: ସୋନାଲି

# କେନ୍ଦ୍ର ଅବହେଳା ମୁଖ୍ୟ ପ୍ରସଙ୍ଗ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଆୟୋଜିତ ବିଜେଡି ବିଧାୟକ ଦଳ ବୈଠକ।

## ବିଜେଡି ବିଧାୟକ ଦଳ ବୈଠକ

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ବିରୋଧୀଙ୍କୁ ମୁକାବିଲା କରିବା ପାଇଁ ଶାସକ ବିଜେଡି ରଣନୀତି ପ୍ରସ୍ତୁତ କରିଛି। କେନ୍ଦ୍ରୀୟ ଅବହେଳା ଓ ପାତରଅନ୍ତର ନୀତିକୁ ବିଜେଡି ମୁଖ୍ୟ ପ୍ରସଙ୍ଗ କରିବାକୁ ନିଷ୍ପତ୍ତି ନେଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ପ୍ରଦାନକୁ ଯେଉଁଭଳି ଢଙ୍ଗରେ ମନା କଲେ ତାହା ପ୍ରତିଟି ଓଡ଼ିଆଙ୍କ ମନରେ ଦୁଃଖ ଦେଇଛି। ଏସବୁକୁ ଗୃହରେ ଉତ୍ଥାପନ କରିବାକୁ ବିଜେଡି ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ କରିଛି।

ମଙ୍ଗଳବାର ପୂର୍ବାହ୍ନରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଶେଷରେ ଶାସକ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି କହିଥିଲେ, ବିରୋଧୀ ଦଳ ପକ୍ଷରୁ ଯେଉଁ ପ୍ରସଙ୍ଗ ଉତ୍ଥାପନ ହେବ ତା'ର ଉତ୍ତର ଦେବାକୁ ସରକାର ପ୍ରସ୍ତୁତ ଅଛନ୍ତି। କେନ୍ଦ୍ରୀୟ ଅବହେଳାକୁ ବିଜେଡି ମୁଖ୍ୟ ପ୍ରସଙ୍ଗ କରିବ। ଏଥିସହ ପ୍ରଧାନମନ୍ତ୍ରୀ କୃଷି ବୀମା ଯୋଜନା, ଚାଉଳ କୋଟା କମାଇବା, କୋଇଲା ରୟାଲ୍‌ଟି ସଂଶୋଧନ, କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଛାଡ଼, ଏମ୍‌ଏସ୍ ସ୍ୱାମୀନାଥନ୍ କମିଟି ରିପୋର୍ଟ ଆଧାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି ଆଦି ଦାବି ପ୍ରସଙ୍ଗକୁ ଉଠାଇବୁ। କେନ୍ଦ୍ର ସରକାର ଓଡ଼ିଶା ପ୍ରତି ବାରମ୍ବାର ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଥିଲାବେଳେ କେନ୍ଦ୍ର ଏହାର ସ୍ଥାୟୀ ପ୍ରତିକାର ପାଇଁ ଗୁରୁତ୍ୱ ଦେଉନାହିଁ। କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ବିଗତ ବର୍ଷରେ ପ୍ରାୟ ୭୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନୁଦାନ କାଟିଛନ୍ତି। ରେଲୱେ କ୍ଷେତ୍ରରେ କେନ୍ଦ୍ର ସରକାର ଦୀର୍ଘ ଦିନ ଧରି ଅବହେଳା କରି ଆସୁଛନ୍ତି। ଏସବୁ ପ୍ରସଙ୍ଗ ବିଧାନସଭାରେ ଉଠାଯିବ ବୋଲି ମୁଦୁଲି କହିଛନ୍ତି।

## ନବ ଦାସ ବିଜେଡିରେ ଯୋଗଦେବା ପରେ ଅନ୍ତର୍ଦ୍ୱନ୍ଦ୍ୱ ଜଣାପଡ଼ିଯାଇଥିଲା: ନରସିଂହ

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ନବ ଦାସଙ୍କ ହତ୍ୟା ଘଟଣାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପୁଣି ନୂଆ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ନବଙ୍କୁ ହତ୍ୟା ଏକ ସୁଚିନ୍ତିତ ଷଡଯନ୍ତ୍ର। ହୁଏତ ଏହି କଥାରେ ବ୍ୟକ୍ତିଗତ କାରଣ କିଛି ରହିଥିଲା। ନବ ଦାସ ବିଜେଡିରେ ଯୋଗଦେବା ପରେ ଯେଉଁ ଅନ୍ତର୍ଦ୍ୱନ୍ଦ୍ୱ ହେଲା ସେକଥା ବ୍ରଜରାଜନଗର ଉପନିର୍ବାଚନରେ ଜଣାପଡ଼ିଯାଇଥିଲା। ରାଜନୈତିକ ଉଦ୍ଦେଶ୍ୟରେ ବି ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ନରସିଂହ କହିଛନ୍ତି।

## ଏତେଦିନ ପରେ କିଏ ଫଟୋ ଛାଡ଼ିଲା ତଦନ୍ତ ହେଉ: ବିରୋଧୀ

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ନବ ଦାସଙ୍କ ହତ୍ୟା ଘଟଣାର ୨୩ ଦିନ ପରେ ଗୋପାଳ କେମିତି ମାରିଲା ତାହା ଏବେ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ଏବେ ରାଜନୀତି ସରଗରମ ହୋଇଛି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ଏହି ହତ୍ୟାକାଣ୍ଡ ପ୍ରାୟୋଜିତ। ୨ଦିନ ହେଲା ଫଟୋ ଆସିବା ପରେ ନବ ଦାସଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି। ରାଜ୍ୟ ସରକାର ଏଥିରେ ସମ୍ପୃକ୍ତ ଥିବା ମଧ୍ୟ ସ୍ପଷ୍ଟ ହେଉଛି ବୋଲି ସେ କହିଛନ୍ତି। ପୂର୍ବତନ ପିସିସି ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା କହିଛନ୍ତି, ଯିଏ ଏହି ଫଟୋ ଭାଇରାଲ କରୁ ଏବଂ ଯେଉଁ ବାଟରେ ଏହି ଫଟୋଟି ବାହାରକୁ ଆସୁ, କ୍ରାଇମବ୍ରାଞ୍ଚ ଦେଖାଉ ବା ବାହାରେ ବି ଯିଏ ଦେଖାଉ ଏହା ନିଶ୍ଚିତ ଭାବେ ସନ୍ଦେହ ଘେରକୁ ଯିବ। କାରଣ ୨୪ ଦିନ ମଧ୍ୟରେ କାହିଁକି ଏହା ପଦାକୁ ଆସୁ ନ ଥିଲା ବିଧାନସଭା ଥିବାବେଳେ କାହିଁକି ଏହାକୁ ଦେଖାଗଲା। ଯିଏ ଏହି ଫଟୋ ଭାଇରାଲ କରିଛି ତାଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଦରକାର ବୋଲି ଜୟଦେବ କହିଛନ୍ତି। ଏ ପ୍ରସଙ୍ଗରେ ବରିଷ୍ଠ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, କ୍ରାଇମବ୍ରାଞ୍ଚ ଠିକ୍ ବାଟରେ ତଦନ୍ତ ଚଳାଇଛି। ତଦନ୍ତକୁ ଦିଗହରା ଏବଂ ଏହାକୁ ରାଜନୀତୀକରଣ କରିବା ଲାଗି ଯେଉଁଭଳି ଭାବେ ବିରୋଧୀ ଦଳ ପକ୍ଷରୁ ଚେଷ୍ଟା କରାଯାଉଛି ତାହା ନ କରାଯାଇ ତଦନ୍ତରେ କ୍ରାଇମବ୍ରାଞ୍ଚକୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ ବୋଲି ସେ କହିଛନ୍ତି।


# Classified Everyday
0674-2580101, 2549949



MATRIMONIAL

BRIDE WANTED

Wanted a fair qualified Karan working bride, preferably in PSU Banks/Central Government, of age 25-28years, height-5'4"min for a Bhubaneswar based Karan B.Tech and MBA groom working as officer in a PSU Bank, age31 years, height -5'8". Contact -9437115533. D-2797

GROOM WANTED

Govt. ଚାକିରିଆ ଖୋର୍ଦ୍ଧାରେ ଏକୁଟିଆ ରହୁଥିବା Divorce କରଣ ଝିଅଙ୍କୁ ଯେ କୌଣସି ଜାତିର ଘରଜ୍ୱାଇଁ ଦରକାର। 6371298869. D-2799

Government Teacher, Age-36, Divorce କରଣ ଝିଅଙ୍କ ପାଇଁ anycaste ବରପାତ୍ର ଦରକାର। 7077495623. D-2828



REAL ESTATE

SALE

Bhubaneswarର Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494. D-2693

14-gunthas plot for sale at just 200mtrs away from AIIMS hospital, Patrapada, Bhubaneswar. Located at prime location on 100feet main road. Suitable for Residential or Commercial projects. Price- 35 lakhs per guntha. Non negotiable. Only genuine buyers. Contact: 9880193309. D-74512

**Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667.** D-2628

କଟକ-ଭୁବନେଶ୍ୱର Twincityର ମଧ୍ୟଭାଗରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି, ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-74822

ଭୁବନେଶ୍ୱର-ପୁରୀ **Bypass** ସାଇ ମନ୍ଦିର **NH side** ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୂଳିଆ ନିକଟରେ ତୁରନ୍ତ ଘର କଲାଭଳି ଘରବାରି **plot 30ft.** ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ମିଳୁଛି। **9937450545.** D-74813

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ଛକଠାରୁ 7K.M. ଦୂରରେ Bank Loan ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9437003399, 8908017863. D-74820

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821

**4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399.** D-2773

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818


2BHK/ 3BHK flat for sale near Hanspal, Balianta, Bhubaneswar. Ready within Dec. 2023 (Rera & BDA approval) Contact: 7381087905, 7381087906. D-74514

**Bhubaneswar Gita/ Gandhi College/ Cultural University** ପାଖରେ ଥିବା **BDA Housing project** କୁ ଲାଗି **sqft.-650/- plot** କିଣନ୍ତୁ। **9348767829, 9040317195.** D-74814



BUSINESS

ଘରେ ବସି Part time matter forwarding କାମ କରି 9000/- ରୁ 36000/- ରୋଜଗାର କରନ୍ତୁ। 8763722330. D-2825



FOR RENT

Commercial space North-East facing of 3500sqft. to 14000sqft. for rent at Kesura near SBI Colony, Bhubaneswar convenient for Nursing-Home, Bank, Institute, Water, Lift, Parking & all Modern amenities. Contact. 9861010084. D-2823



Healthcare

Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74643

Newly open full body massage, ladies and gents. 9040171280. D-74645

**Full Body massage by experience therapist @999 only- 9078484455 (Bhubaneswar).** D-2791

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2761

**Relax, Refresh your Body, Mind at Saikrupa Spa with best therapies. 8984068077.** D-2744

Full body massage, refresh, relaxed by expert lady therapist. 8480939300. D- 2824

Newly open SPA positively health benefit with expert. Contact: 8984068198. D-74517

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

All types body massage with hiprofile smart lady, room services available. 9937833100. D-71366

LOST

ମୁଁ ଶ୍ରୀ ପ୍ରଶାନ୍ତ କୁମାର ପାତ୍ର, ପି- ବୁଧରାମ ପାତ୍ର, ବର୍ତ୍ତମାନ ଠିକଣା: ସା- ପ୍ଲଟ୍ ନଂ.- 379/1732 ଖଣ୍ଡାଗର, ପୋ- ମହିଧରପଡ଼ା, ଥାନା- କଟକ ସଦର, ଜି- କଟକ ସୂଚିତ କରିବାକୁ ଚାହୁଁଛି ଯେ ତା୨୪।୦୮।୨୦୨୨ରିଖରେ ମୁଁ ଜାଣିବାକୁ ପାଇଲି ଯେ ମୋ ଅଜାଣତରେ ଗାଡ଼ିରୁ କିମ୍ବା ମୋ ଖଣ୍ଡାଗରସ୍ଥିତ ବାସଭବନରୁ ବ୍ୟାଙ୍କ ସଞ୍ଚୟ ଖାତା ନଂ.- 30769292778 ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର କିଛି ସ୍ୱାକ୍ଷରିତ ଚେକ୍ ଏବଂ ଆକ୍ସିସ୍ ବ୍ୟାଙ୍କ ଖାତା ନଂ.- 917020072446112 ସ୍ୱାକ୍ଷରିତ ଚେକ୍ କିଏ ଜାଣିଶୁଣି ନେଇଯାଇଛି କିମ୍ବା ହଜିଯାଇଛି। କେହି ଏହାର ସନ୍ଧାନ ପାଇଲେ 9777244808ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୨୮୨୯

AFFIDAVIT

By virtue of an affidavit before Executive Magistrate, Cuttack, I have changed my name from Sabitri Rout to Sabitri Mishra, W/o-Gayadhar Mishra, At- Dhaligadhia, Po.- Sandado, PS.- Khaira, Dist.- Balasore. Henceforth I shall be known as Sabitri Mishra for all purposes. D-2830

I, KANAKLATA SAHOO, W/o ROHIT MOHANTY, R/o Village-Kantia, PO-Villigram, Nimapada, Puri, Odisha-752106 have changed my name to LILI MOHANTY. D-2819

By virtue of an affidavit before Notary, Bhubaneswar, I Bulu Mallick, S/o. Radhashyam Mallick, Village: Dhudisahi, P.O.: Ardaulia, P.S.: Mangalpur, District: Jajpur declare that my Son's name is Baibhav Kumar Mallick, but his name has been wrongly mentioned as "Biswomitra Mallick" in his Birth Certificate vide Regd. No. 16365/2019. Henceforth, my son shall be known as Baibhav Kumar Mallick for all purposes.

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଫାଇନାନ୍ସ

ପର୍ସନାଲ, ବ୍ୟବସାୟ, କୃଷି, ଶିକ୍ଷା, ଗୃହ, ପ୍ରପର୍ଟି, ମାଛଚାଷ, କୁକୁଡ଼ା ପାଳନ, ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ମିଳିବ, ସୁଧ=4% ଅନ୍‌ଲାଇନ୍ ସୁବିଧା

Mob:7653803952
WP-7656825035

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ମନେପଡ଼ନ୍ତି
ଏକାଦଶାହ ଉପଲକ୍ଷେ



୰ଲକ୍ଷ୍ମୀନାରାୟଣ ଦାସ
ଟଙ୍କପାଣିରୋଡ଼, ଭୁବନେଶ୍ୱର
ଆବିର୍ଭାବ : ୦୧.୧୨.୧୯୪୯, ତିରୋଧାନ : ୧୨.୦୨.୨୦୨୩

ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ଆଶୀର୍ବାଦ ଓ ଆଦର୍ଶ ଆମର ପାଥେୟ ହେଉ।

-: ଶୋକସନ୍ତପ୍ତ :-
ପତ୍ନୀ-ଝୁନି, ଝିଅ-ପିଙ୍କି, ଜ୍ୱାଇଁ-ସୋନୁ ପୁଅ-ବାପୁନ, ବୋହୂ-ଲିରା ବନ୍ଧୁ ଏବଂ ଆତ୍ମୀୟସ୍ୱଜନ।
ଧ-୭୪୫୧୬

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ସାନିଆଙ୍କ କ୍ୟାରିୟର ଶେଷ

**ନୂଆଦିଲ୍ଲୀ, ୨୧।୨ (ପି.ଟି.):** ଭାରତର ଭେଟେରାନ୍ ଟେନିସ୍ ଖେଳାଳି ସାନିଆ ମିର୍ଜାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ। ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍‌ରେ ପରାଜୟ ସହିତ ସେ ତାଙ୍କ ସ୍ୱର୍ଣ୍ଣିମ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସାନିଆ ୨୦୨୨ ସିଜନରେ ଟେନିସ୍ ଛାଡ଼ିବେ ବୋଲି ଘୋଷଣା କରିଥିଲେ। କିନ୍ତୁ କହୁଣି ଆଘାତ କାରଣରୁ ୟୁଏସ୍ ଓପନ ଖେଳିପାରି ନ ଥିଲେ। ଫଳରେ ୨୦୨୩ରେ ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍ ପରେ ଅବସର ନେବାକୁ ଘୋଷଣା କରିଥିଲେ। ମାଡିସନ୍ କିଙ୍ଗ୍‌ଙ୍କୁ ସାଥୀ କରି ଖେଳୁଥିବା ସାନିଆ ମହିଳା ଡବଲ୍ସ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଛନ୍ତି। ସାନିଆ-ମାଡିସନଙ୍କ ଯୋଡି ୪-୬, ୦-୬ ସେଟରେ ରୁଷିଆନ୍ ଯୋଡି ଭେରୋନିକା କୁଦେରମେଟୋଭା ଓ ଲିଉଡମିଲା ସାମସୋନୋଭାଙ୍କ ନିକଟରୁ ପରାଜିତ ହୋଇଥିଲେ। ପ୍ରଥମ ସେଟ୍ ୪-୪ରେ ରହିଥିବା ବେଳେ ସାନିଅ-ମାଡିସନ ପଛୁଆ ହୋଇ ଯାଇଥିଲେ। ପ୍ରଥମ ରାଉଣ୍ଡ ପରାଜିତ ହେବା ପରେ ଦ୍ୱିତୀୟ ରାଉଣ୍ଡକୁ ରୁଷୀୟ ଯୋଡି ସହଜରେ ଜିତି ନେଇଥିଲେ। ୨୦୦୩ରେ କ୍ୟାରିୟର ଆରମ୍ଭ କରିଥିବା ସାନିଆ ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟୀ ହୋଇଛନ୍ତି। ମହିଳା ଡବଲ୍ସ ଓ ମିକ୍ସଡ ଡବଲ୍ସରେ ସେ ୩ଟି ଲେଖାଏ ଗ୍ରାଣ୍ଡସ୍ଲାମ ଜିତିଛନ୍ତି। ୩୬ ବର୍ଷୀୟା ସାନିଆ ପାକିସ୍ତାନ କ୍ରିକେଟର ଶୋଏବ ମଲିକଙ୍କୁ ବିବାହ କରିବା ପରେ ଦଶନ୍ଧି ହେବ ଦୁବାଇରେ ଅବସ୍ଥାନ କରି ଆସୁଛନ୍ତି। ୩ଟି ଯାକ ଡବଲ୍ସ ଟାଇଟଲ ସେ ସ୍ୱିଜରଲାଣ୍ଡର ମାର୍ଟିନା ହିଙ୍ଗିସଙ୍କ ସହିତ ବିଜୟୀ ହୋଇଥିଲେ। ଏହା ବ୍ୟତିତ ମିକ୍ସଡ ଡବଲ୍ସରେ ମହେଶ ଭୂପତିଙ୍କ ସହିତ ଅଷ୍ଟ୍ରେଲିଆନ୍ ଓପନ ଓ ଫ୍ରେଞ୍ଚ ଓପନ ଜିତିଥିବା ବେଳେ ବ୍ରୁନୋ ସୋରେସଙ୍କ ସହିତ ୟୁଏସ୍ ଓପନ ବିଜୟୀ ହୋଇଥିଲେ।ଏକମାତ୍ର ଭାରତୀୟ ମହିଳା ଖେଳାଳି ଭାବରେ ସାନିଆ ଡବଲ୍ସରେ ନମ୍ବର ୱାନ୍ ଓ ସିଙ୍ଗଲ୍ସରେ ଟପ୍-୧୦୦ରେ ସାମିଲ ହୋଇଥିଲେ। ଟେନିସରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସାନିଆଙ୍କୁ ୨୦୦୪ରେ ଅର୍ଜ୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୦୬ରେ ପଦ୍ମଶ୍ରୀ, ୨୦୧୫ରେ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଏବଂ ୨୦୧୬ରେ ପଦ୍ମଭୂଷଣ ପୁରସ୍କାର ପ୍ରଦାନ କରାଯାଇଥିଲା।

**ସଫଳତା**

- ସିଙ୍ଗଲ୍ସ ଟାଇଟଲ -୧
- ଡବଲ୍ସ/ମିକ୍ସଡ ଡବଲ୍ସ-୪୩
- ସିଙ୍ଗଲ୍ସ ବିଜୟ ପରାଜୟ- ୨୭୧-୧୬୧(୬୨.୭%)
- ଡବଲ୍ସ/ମିକ୍ସଡ ଡବଲ୍ସ ବିଜୟ ପରାଜୟ-୫୩୧-୨୪୨(୬୮.୭%)
- ଶ୍ରେଷ୍ଠ ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ-୨୭
- ଶ୍ରେଷ୍ଠ ଡବଲ୍ସ ର୍‍ୟାଙ୍କିଙ୍ଗ-୧
- କ୍ୟାରିୟର ଗ୍ରାଣ୍ଡସ୍ଲାମ-୬
- ଡବଲ୍ସ ଗ୍ରାଣ୍ଡସ୍ଲାମ-୩ (ୱିମ୍ବଲଡନ(୨୦୧୫), ୟୁଏସ୍ ଓପନ୍(୨୦୧୫), ଅଷ୍ଟ୍ରେଲିଆନ ଓପନ(୨୦୧୬)
- ମିକ୍ସଡ ଡବଲ୍ସ ଗ୍ରାଣ୍ଡସ୍ଲାମ-୩ (ୟୁଏସ୍ ଓପନ୍ (୨୦୧୪), ଅଷ୍ଟ୍ରେଲିଆନ ଓପନ(୨୦୦୯), ଫ୍ରେଞ୍ଚ ଓପନ(୨୦୧୨))
- କ୍ୟାରିୟର ପୁରସ୍କାର ରାଶି- ୭୨,୧୫,୯୮୪ ଡଲାର



## ଡିମିତ୍ରି ଡିମିଟ୍ରୁକାସ୍ ଭାରତୀୟ ବକ୍ସିଂ ଦଳର କୋଚ୍

**ନୂଆଦିଲ୍ଲୀ,୨୧।୨(ପି.ଟି):** ଭାରତୀୟ ବକ୍ସିଂ ଫେଡେରେଶନ (ବିଏଫ୍‌ଆଇ) ପକ୍ଷରୁ ଡିମିତ୍ରି ଡିମିଟ୍ରୁକାସ୍‌ଙ୍କୁ ଭାରତୀୟ ବକ୍ସିଂ ଦଳର କୋଚ ଭାବରେ ନିଯୁକ୍ତ କରାଯାଇଛି। ଆସନ୍ତା ଦୁଇ ବର୍ଷ ପାଇଁ ଡିମିତ୍ରିଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ବିଗତ ୧୨ ବର୍ଷ ଧରି ଡିମିତ୍ରି ଆଇରିଶ୍ ଆଥଲେଟିକ୍ ବକ୍ସିଂ ଆସୋସିଏଶନର ହାଇ ପର୍ଫମାନ୍ସ କୋଚ୍ ଭାବରେ କାର୍ଯ୍ୟ କରୁଛନ୍ତି। ଆଗକୁ ଆସୁଥିବା ବିଭିନ୍ନ ଟୁର୍ନାମେଣ୍ଟ ଓ ବିଶ୍ୱ ଚାମ୍ପିୟନଶିପ୍‌ରେ ଡିମିତ୍ରି ଭାରତୀୟ ଦଳର ଦାୟିତ୍ୱ ନେବେ। ଭାରତ ବର୍ତ୍ତମାନ ବିଶ୍ୱର ବକ୍ସିଂ ପାୱାର ହାଉସ୍ ଭାବରେ ବିବେଚିତ ହେଉଛି। ଏପରି ସମୟରେ ଭାରତର ଦାୟିତ୍ୱ ମିଳିଥିବାରୁ ମୁ ଅତ୍ୟନ୍ତ ଖୁସି ବୋଲି କହିଛନ୍ତି ଡିମିତ୍ରି ଡିମିଟ୍ରୁକାସ୍। ଏହି ନିଯୁକ୍ତି ଉପରେ ନିଜର ବୟାନ ରଖିଛନ୍ତି ବିଏଫ୍‌ଆଇ ସଭପତି ଅଜୟ ସିଂ। ଆଇରିଶ୍ ଆଥଲେଟିକ୍ ବକ୍ସିଂ ଆସୋସିଏଶନ ସହିତ କାମ କରି ୪୭ ବର୍ଷୀୟ ଡିମିତ୍ରି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ଏହା ସହିତ ଡିମିତ୍ରିଙ୍କ ଅଧୀନରେ ଭାରତ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ସଫଳ ହେବା ନେଇ ଅଜୟ ସିଂ ଆଶା କରିଛନ୍ତି।

## ବୃହତ୍ ବିଜୟ ସହ ଶୀର୍ଷରେ ଇଂଲଣ୍ଡ

**ମହିଳା ଟି୨୦ କ୍ରିକେଟ ବିଶ୍ୱକପ**

କେପ୍ ଟାଉନ, ୨୧।୨

ଆଇସିସି ମହିଳା ଟି୨୦ କ୍ରିକେଟ ବିଶ୍ୱକପର ଗ୍ରୁପ୍ 'ବି' ଶେଷ ମ୍ୟାଚରେ ଇଂଲଣ୍ଡ ୧୧୪ ରନରେ ପାକିସ୍ତାନକୁ ପରାସ୍ତ କରିଛି। ଫଳରେ ଏହି ଦଳ ୪ ମ୍ୟାଚରୁ ୮ ପଏଣ୍ଟ ପାଇ ଗ୍ରୁପ୍‌ରେ ଶୀର୍ଷସ୍ଥାନ ଦଖଲ କରିଛି। ଭାରତ ସମାନ ସଂଖ୍ୟକ ମ୍ୟାଚ ଖେଳିଥିଲେ ହେଁ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଫଳରେ ଏହି ଗ୍ରୁପ୍‌ରୁ ଶୀର୍ଷ ୨ ଦଳଭାବେ ଇଂଲଣ୍ଡ ଓ ଭାରତ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଭାରତ ପ୍ରଥମ ସେମିଫାଇନାଲରେ ଗୁରୁବାର ଟାଇଟଲ ଫେଭରାଇଟ ଅଷ୍ଟ୍ରେଲିଆକୁ ଭେଟିବ। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଇଂଲଣ୍ଡ ୨୦ ଓଭରରେ ୫ ଉଇକେଟ ହରାଇ ୨୧୩ ରନ କରିଥିଲା। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦଳ ୩୩ ରନରେ ୨ଟି ଉଇକେଟ ହରାଇଥିଲେ ହେଁ ନାତାଲି ସ୍କିଭର-ବ୍ରଣ୍ଟଙ୍କ ବିସ୍ଫୋରକ ୮୧ (୪୦ ବଲ, ୧୨ ଚୌକା, ୧ ଛକା) ରନ ସହାୟତାରେ ଦଳ ବଡ଼ ସ୍କୋର ଛିଡ଼ା କରିଥିଲା। ଡାନି ୱାଟ ୩୩ ବଲ୍‌ରୁ ୫୯ (୭ ଚୌକା, ୨ ଛକା) ଓ ଆମି ଜୋନ୍ସ ୩୧ ବଲ୍‌ରୁ ୪୭ (୫ ଚୌକା, ୧ ଛକା) ରନ କରିଥିଲେ। ପାକିସ୍ତାନ ବୋଲରଙ୍କ ମଧ୍ୟରେ ଫତିମା ସାନା ୨ଟି ଏବଂ ସାଦିଆ ଇକବାଲ, ନିଦା ଦର ଓ ତୁବା ହାସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୧୪ ରନ ବିଜୟ ଲକ୍ଷ୍ୟରେ ପାକିସ୍ତାନ ୨୦ ଓଭରରେ ୯ ଉଇକେଟ ହରାଇ ୯୯ ରନ କରିବାକୁ ସକ୍ଷମ ହୋଇଥିଲା। ତୁବା ହାସନ ସର୍ବାଧିକ ୨୮ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ କାଥରିନ ସ୍କିଭର-ବ୍ରଣ୍ଟ ଓ ଚାର୍ଲି ଡିନ୍ ୨ଟି ଲେଖାଏ ଏବଂ ନାତାଲି ସ୍କିଭର-ବ୍ରଣ୍ଟ, ସାରା ଗ୍ଲେନ ଓ ସୋଫି ଏକଲେଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ନାତାଲି ସ୍କିଭର-ବ୍ରଣ୍ଟ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।



ପ୍ଲେୟର ଅଫ ଦି ମ୍ୟାଚ ନାତାଲି ସ୍କିଭର-ବ୍ରଣ୍ଟ।

## ପୃଥ୍ୱୀ ଶ'ଙ୍କ ନାମରେ ମାମଲା ରୁଜୁ କଲେ ସପ୍‌ନା

ମୁମ୍ବାଇ,୨୧।୨

ଭାରତୀୟ କ୍ରିକେଟର ପୃଥ୍ୱୀ ଶ'ଙ୍କ ନାମରେ ମାମଲା ରୁଜୁ କରିଛନ୍ତି ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ସପ୍‌ନା ଗିଲ୍। ମଙ୍ଗଳବାର ମୁମ୍ବାଇର ଏକ ସେସନ୍ସ କୋର୍ଟରୁ ସପ୍‌ନାଙ୍କୁ ଜାମିନ ମିଳିବା ପରେ ସେ ପୃଥ୍ୱୀ ଶ'ଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ପୃଥ୍ୱୀ ଶ' ଓ ଅନ୍ୟମାନେ ତାଙ୍କର ସମ୍ମାନ ହାନି କରିବା ସହିତ ଅସଦାଚରଣ କରିଥିବା ନେଇ ଅଭିଯୋଗ ଆସିଛି। ପୃଥ୍ୱୀ ମାରଣାସ୍ତ୍ର ସହିତ ତାଙ୍କୁ ଆକ୍ରମଣ କରିଥିବା ନେଇ ମଧ୍ୟ ସେ ଅଭିଯୋଗ କରିଛନ୍ତି। ସପ୍‌ନାଙ୍କ ଏଫ୍‌ଆଇଆର୍ ଆଧାରରେ ପୋଲିସ ଆଇପିସିର ଧାରା ୩୪, ୧୨୦ ଏ, ୧୪୪, ୧୪୬, ୧୪୮, ୧୪୯, ୩୨୩, ୩୨୪, ୩୫୧, ୩୫୪ ଓ ୫୦୯ରେ ମାମଲା ରୁଜୁ କରିଛି। ଏହାସହିତ ମୋଟର ଭେହିକିଲ ଆକ୍ଟ ୧୯୮୮ର ଧାରା ୧୮୪ ଅନୁଯାୟୀ ମଧ୍ୟ ଏକ ମାମଲା ରୁଜୁ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଗୁରୁବାର ସେଲ୍‌ଫି ଉଠାକୁ କେନ୍ଦ୍ର କରି ଝଗଡ଼ାର ଭିଡିଓ ଭାଇରାଲ ହେବା ପରେ ଓଶିୱାରା ପୋଲିସ ସପ୍‌ନାଙ୍କୁ ଗିରଫ କରିଥିଲା। ମୁମ୍ବାଇ ବିମାନବନ୍ଦର ନିକଟବର୍ତ୍ତୀ ଏକ ବିଳାସପୂର୍ଣ୍ଣ ହୋଟେଲରେ ପୃଥ୍ୱୀ ରହିଥିବା ବେଳେ ଶୋଭିତା ଠାକୁର ଏବଂ ସପନା ଗିଲ୍ ସେଲ୍‌ଫି ପାଇଁ ନିକଟକୁ ଆସିଥିଲେ। ସେଲ୍‌ଫି ନେବା ପରେ ମଧ୍ୟ ଅଧିକ ଫଟୋ ଉଠାଇବା ପାଇଁ ଉଭୟ ପୃଥ୍ୱୀଙ୍କୁ ଛାଡି ନ ଥିଲେ। ହୋଟେଲ କର୍ମଚାରୀଙ୍କ ନିକଟରେ ଅଭିଯୋଗ ପରେ ଉଭୟଙ୍କୁ ବାହାର କରାଯାଇଥିଲା। ପୃଥ୍ୱୀ ହୋଟେଲରୁ ବାହାରିବା ପରେ ଉଭୟ ଅନ୍ୟମାନଙ୍କ ସହିତ ମିଶି ଗାଡିକୁ ପିଛା କରିଥିଲେ। ଏକ ବେସ୍ ବଲ ବ୍ୟାଟରେ ଆକ୍ରମଣ କରିବା ସହିତ ଗାଡିର ୱିଣ୍ଡ ସିଲ୍ଡ ଭାଙ୍ଗି ଦେଇଥିଲେ। ପୃଥ୍ୱୀଙ୍କ ସାଙ୍ଗ ଆଶିଷ ଯାଦବ ଏନେଇ ଥାନାରେ ଏକ ମାମଲା ରୁଜୁ କରିଥିଲେ। ଉଭୟ ଶୋଭିତା ଏବଂ ସପ୍‌ନା ୫୦ ହଜାର ଟଙ୍କା ଦାବି କରିଥିବା ବେଳେ ପଇସା ନ ମିଳିଲେ ମିଛ ମାମଲାରେ ଫସାଇବାକୁ ଧମକ ଦେଇଥିବା ଏଫ୍‌ଆଇଆରରେ ଉଲ୍ଲେଖ ରହିଥିଲା। ତେବେ ସପ୍‌ନା ଓ ଶୋଭିତା ଅଭିଯୋଗକୁ ଖଣ୍ଡନ କରିବା ସହିତ ପୃଥ୍ୱୀ ଶ' ନିଶାରେ ଥିଲେ ବୋଲି କହିଛନ୍ତି। ଏପରି କି କୋର୍ଟରେ ସପ୍‌ନା କହିଥିଲେ ପୃଥ୍ୱୀ ଶ' କିଏ ମୁଁ ଜାଣିନି ଆଉ ମୁଁ ସେଲ୍‌ଫି ନେବାକୁ ପ୍ରୟାସ ବି କରି ନ ଥିଲି। ଏହି ମାମଲାରେ ଓଶିୱାରା ପୋଲିସ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୪ ଜଣ ଫେରାର ଅଛନ୍ତି। ମଙ୍ଗଳବାର ଆଶିଷ ଦ୍ୱିତୀୟ ଥର ପୋଲିସ ନିକଟରେ ହାଜର ହୋଇଛନ୍ତି। ସପ୍‌ନା ଗିଲ୍ ତାଙ୍କୁ ହତ୍ୟା ଧମକ ଦେଉଥିବା ନେଇ ସେ ଅଭିଯୋଗ କରିଛନ୍ତି।

**ସେଲ୍‌ଫି ବିବାଦ**



ସପ୍‌ନା ଗିଲ୍

**ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍**

## ୧୦ ମିଟର ରାଇଫଲରେ ରୁଦ୍ରାଂଶଙ୍କୁ ସ୍ୱର୍ଣ୍ଣ

**କାଇରୋ,୨୧।୨(ପି.ଟି)**

ବିଶ୍ୱ ଚାମ୍ପିୟନ ରୁଦ୍ରାଂଶ ପାଟିଲ ପୁରୁଷ ୧୦ ମିଟର ଏୟାର ରାଇଫଲ ବର୍ଗରେ ଜିତିଛନ୍ତି ସ୍ୱର୍ଣ୍ଣ ପଦକ। କାଇରୋରେ ଅନୁଷ୍ଠିତ ବିଶ୍ୱ ଶୁଟିଂ ଚାମ୍ପିୟନଶିପରେ ମଙ୍ଗଳବାର ପାଟିଲ ସ୍ୱର୍ଣ୍ଣ ଜିତିବା ସହିତ ଭାରତର ଆଧିପତ୍ୟ ଜାରି ରହିଛି। ୩ ସ୍ୱର୍ଣ୍ଣ ସହିତ ଭାରତ ବର୍ତ୍ତମାନ ୪ଟି ପଦକ ହାସଲ କରିଛି। ସ୍ୱର୍ଣ୍ଣ ପଦକ ମୁକାବିଲାରେ ଜର୍ମାନୀର ମାକ୍ସିମିଲାନ ଅଲବ୍ରିଚ୍‌ଙ୍କୁ ୧୬-୮ରେ ପରାସ୍ତ କରିଛନ୍ତି ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ରୁଦ୍ରାଂଶ। ର୍‍ୟାଙ୍କିଙ୍ଗ ରାଉଣ୍ଡରେ ରୁଦ୍ରାଂଶ ୨୬୨ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ଥିବା ବେଳେ ଅଲବ୍ରିଚ୍ ୨୬୦.୬ ପଏଣ୍ଟ ସ୍କୋର କରିଥିଲେ। ଏହା ପୂର୍ବରୁ କ୍ୱାଲିଫାଇଂ ରାଉଣ୍ଡରେ ସେ ୬୨୯.୩ ପଏଣ୍ଟ ସ୍କୋର କରି ସପ୍ତମ ସ୍ଥାନରେ ରହି ଫାଇନାଲ ରାଉଣ୍ଡ ପାଇଁ ଯୋଗ୍ୟତା ହାସଲ କରିଥିଲେ। ଏହି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦିବ୍ୟାଂଶ ସିଂ ପନୱାର ଓ ହୃଦୟ ହଜାରିକା ଅଳ୍ପକେ ଯୋଗ୍ୟତା ଅର୍ଜନରୁ ବଞ୍ଚିତ ହୋଇଥିଲେ। ଏହା ପୂର୍ବରୁ ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ବର୍ଗରେ ଆର. ନର୍ମଦା ନିତିନ ଓ ରୁଦ୍ରାଂଶ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ୧୦ ମିଟର ଏୟାର ପିସ୍ତଲ ବର୍ଗରେ ବରୁଣ ତୋମାର ବ୍ରୋଞ୍ଜ ବିଜୟୀ ହୋଇଥିବା ବେଳେ ରିଦିମ୍ ସାଙ୍ଗୱନ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୨୨/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Wednesday, February 22/2023 | Page 16 | ₹ 7.00 | DHENKANAL

## ୧୦୦୦ କୋଟିରେ ଶାହରୁଖଙ୍କ 'ପଠାନ୍'

ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ମୁଭି 'ପଠାନ୍' ବିଶ୍ୱବ୍ୟାପୀ ୧୦୦୦ କୋଟି କ୍ଲବରେ ସାମିଲ ହୋଇଛି; ଯାହାକି ଭାରତରେ ୫ମ ଚଳଚ୍ଚିତ୍ର ହୋଇପାରିଛି।

୦୬

୦୮

## ଟେଷ୍ଟ ସିରିଜରୁ ଓହରିଲେ ୱାର୍ନର

ଆହତ ସମସ୍ୟା ଯୋଗୁ ଭାରତ ବିପକ୍ଷ ଚଳିତ ଟେଷ୍ଟ ସିରିଜର ଅବଶିଷ୍ଟ ମ୍ୟାଚରୁ ଓହରି ଯାଇଛନ୍ତି ଅଷ୍ଟ୍ରେଲିଆ ଓପନର ଡେଭିଡ ୱାର୍ନର।







ପୂର୍ବତନ ମନ୍ତ୍ରୀ ନବ ଦାସଙ୍କୁ ଅତି ନିକଟରୁ ଗୁଳି କରୁଥିବାର ଏକ ଫଟୋ ସୋମବାର ସୋସିଆଲ୍ ମିଡିଆରେ ଭାଇରାଲ ହେବା ପରେ ମଙ୍ଗଳବାର ଆଉ ଏକ ୫ ସେକେଣ୍ଡର ଭିଡିଓ ବିଭିନ୍ନ ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ଯେଉଁଥିରେ ନବଙ୍କ କାର୍ ନିକଟକୁ ଅଭିଯୁକ୍ତ ଏଏସ୍ଆଇ ଗୋପାଳ ଦାସ ଆସୁଥିବାର ଦୃଶ୍ୟ ରହିଛି।

# ୪ ବର୍ଷର ଶିଶୁକୁ ଝୁଣି ମାରିଦେଲେ କୁକୁର

**ହାଇଦ୍ରାବାଦ,୨୧।୨**

ହାଇଦ୍ରାବାଦରେ ରବିବାର ସନ୍ଧ୍ୟାରେ ୪ ବର୍ଷର ଶିଶୁପୁତ୍ରକୁ ବୁଲା କୁକୁର ଝୁଣି ମାରିଦେଇଛନ୍ତି। ମୃତ ଶିଶୁ ନିଜାମାବାଦର ଗଙ୍ଗାଧରଙ୍କ ପୁଅ ପ୍ରଦୀପ ବୋଲି ଜଣାପଡ଼ିଛି। ତାଙ୍କ ପରିବାର ବାଗ୍ ଆମ୍ବେରପେଟ୍‌ର ଏରୁକୁଲା ବସ୍ତିରେ ରହୁଥିବାବେଳେ ଗଙ୍ଗାଧର ଏକ ଅଟୋମୋବାଇଲ ୱାର୍କଶପ୍‌ରେ ୱାଚ୍‌ମ୍ୟାନ ଭାବେ କାର୍ଯ୍ୟ କରନ୍ତି। ଘଟଣା ଦିନ ଗଙ୍ଗାଧର ତାଙ୍କର ଦୁଇ ପୁଅଙ୍କୁ କାର୍ଯ୍ୟସ୍ଥଳକୁ ଆଣିଥିଲେ। ସେ ସେମାନଙ୍କୁ ବାହାରେ ଖେଳିବାକୁ ଛାଡ଼ିଦେଇ ୱାର୍କଶପ୍‌ରେ କାର୍ଯ୍ୟରତ ଥିଲେ। କିଛି ସମୟ ପରେ ପୁଅର କାନ୍ଦ ଶୁଣି ସେ ଧାଇଁଯାଇ ୩ଟି କୁକୁର ଆକ୍ରମଣ କରୁଥିବା ଦେଖିଥିଲେ। ସେ କୁକୁରଙ୍କୁ ଘଉଡ଼ାଇ ପୁଅକୁ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ। ତେବେ ସେଠାରେ ଡାକ୍ତରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ପ୍ରଦୀପଙ୍କର ମୃତ୍ୟୁ ଘଟିଥିଲା। ସିସିଟିଭି କ୍ୟାମେରାରେ କଏଦ ହୋଇଥିବା କୁକୁର ଆକ୍ରମଣ ☞ପୃଷ୍ଠା-୨



# ଯୁଦ୍ଧ ପାଇଁ କ୍ଷେପଣାସ୍ତ୍ର ପ୍ରସ୍ତୁତ

## ଆମେରିକା ସହ ଆଣବିକ ଚୁକ୍ତି ରଦ୍ଦ କଲେ ପୁଟିନ୍

**ମସ୍କୋ,୨୧।୨**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆମେରିକା ସହ ସ୍ୱାକ୍ଷରିତ ଶେଷ ଆଣବିକ ଅସ୍ତ୍ର ନିୟନ୍ତ୍ରଣ ଚୁକ୍ତିକୁ ମଙ୍ଗଳବାର ରଦ୍ଦ କରିଦେଇଛନ୍ତି। ଏଥିସହ ନୂଆ ଭୂପୃଷ୍ଠଭିତ୍ତିକ ରଣନୈତିକ ଆଣବିକ ଅସ୍ତ୍ରଗୁଡ଼ିକୁ ଯୁଦ୍ଧ ପାଇଁ ପ୍ରସ୍ତୁତ କରି ରଖିଥିବା ନେଇ ୱାଶିଂଟନକୁ ସେ ଧମକ ଦେଇଛନ୍ତି।

୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିଜ ସେନାକୁ ୟୁକ୍ରେନ୍ ଉପରେ 'ସ୍ୱତନ୍ତ୍ର ସାମରିକ ଅପରେଶନ୍' ଚଳାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯୁଦ୍ଧକୁ ବର୍ଷେ ପୂରିବାକୁ ଯାଉଥିବାବେଳେ ସୋମବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କିଭ୍ ଗସ୍ତ କରି ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଅତିରିକ୍ତ ୫୦୦ ନିୟୁତ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ଯୋଗାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାର ଦିନକ ପରେ ପୁଟିନ୍ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି, ନ୍ୟୁ ଷ୍ଟ୍ରାଟେଜିକ୍ ଆର୍ମ୍ସ ରିଡକ୍ସନ୍ ଟ୍ରିଟି (ଷ୍ଟାର୍ଟ)ରେ ନିଜ ସହଭାଗିତାକୁ ରଦ୍ଦ ପାଇଁ ରୁଷିଆ ବାଧ୍ୟ ହୋଇଛି। କାରଣ ଆଣବିକ ପରୀକ୍ଷଣ ପାଇଁ ୱାଶିଂଟନରେ କେତେଜଣ ବ୍ୟକ୍ତି ଯୋଜନା କରୁଛନ୍ତି। ଆବଶ୍ୟକ ହେଲେ ରୁଷିଆର ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ଆଣବିକ ସହଯୋଗ ମଧ୍ୟ କ୍ଷେପଣାସ୍ତ୍ର ପରୀକ୍ଷା ଲାଗି ପ୍ରସ୍ତୁତ ହେବା ଉଚିତ। ଅବଶ୍ୟ ଆମେ ପ୍ରଥମେ ଏପରି କରିବୁ ନାହିଁ। କିନ୍ତୁ ଯଦି ଆମେରିକା ପରୀକ୍ଷଣ କରେ ତେବେ ☞ପୃଷ୍ଠା-୨



ଫେଡେରାଲ ଆସେମ୍ବ୍ଲିରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍।

### ନ୍ୟୁ ଷ୍ଟାର୍ଟ କ'ଣ

ଉଭୟ ରୁଷିଆ ଓ ଆମେରିକା ନିକଟରେ ଶୀତଳଯୁଦ୍ଧ ବେଳର ବହୁ ଆଣବିକ ଅସ୍ତ୍ର ବର୍ତ୍ତମାନ ମଧ୍ୟ ମହଜୁଦ ରହିଛି। ୨୦୧୦ ଏପ୍ରିଲ ୮ରେ ସ୍ୱାକ୍ଷରିତ ଷ୍ଟ୍ରାଟେଜିକ୍ ଆର୍ମ୍ସ ରିଡକ୍ସନ୍ ଟ୍ରିଟି (ଷ୍ଟାର୍ଟ) ଅନୁସାରେ ସେସବୁର ସଂଖ୍ୟା ସୀମିତ ରଖିବା ପାଇଁ ସହମତି ପ୍ରକାଶ ପାଇଥିଲା। ସେଥିରେ କିଛି ପରିବର୍ତ୍ତନ ଅଣାଯିବା ପରେ ୨୦୧୧ ଫେବୃୟାରୀ ୫ରେ ଏହା କାର୍ଯ୍ୟକାରୀ ହୋଇଥିଲା। ୨୦୨୧ରେ ଉକ୍ତ ଚୁକ୍ତିର ଅବଧି ଶେଷ ହୋଇଥିବାବେଳେ ଆଉ ୫ ବର୍ଷ ବୃଦ୍ଧି କରାଯାଇଥିଲା। ୨୦୨୬ରେ ଶେଷ ହେବାକୁ ଥିବା ନ୍ୟୁ ଷ୍ଟାର୍ଟ ରାଜିନାମା ଅନୁସାରେ ଉଭୟ ପକ୍ଷ ନିଜ ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ ମିଶାଇଲ, ବୁଡ଼ାଜାହାଜ କ୍ଷେପଣାସ୍ତ୍ର ଏବଂ ଭାରି ବମ୍ବର ସଂଖ୍ୟା ୧,୫୫୦ରେ ସୀମିତ ରଖିବେ ବୋଲି ସହମତି ପ୍ରକାଶ କରିଥିଲେ।




# ୭ ଜିଲାର ୪୨ ବ୍ଲକ ଅଞ୍ଚଳ ଲବଣାକ୍ତ

■ ଲବଣତା ଅନ୍ତଃପ୍ରବେଶ ନିୟନ୍ତ୍ରଣ ବିଫଳ
■ ୬ ବ୍ଲକ ସମ୍ପୂର୍ଣ୍ଣ, ୩୬ ବ୍ଲକରେ ଆଂଶିକ ଲବଣାକ୍ତ
■ ଚାନ୍ଦବାଲି ବ୍ଲକରେ ସର୍ବାଧିକ ୬୨,୦୪୪ ହେକ୍ଟର ଭୂତଳ ନିମ୍ନମାନର

**ଯାଜପୁର ଅଫିସ,୨୧।୨**

ରାଜ୍ୟର ୭ଟି ଉପକୂଳ ଜିଲାରେ ଲବଣତା ଅନ୍ତଃପ୍ରବେଶ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି। ଭୂତଳ ଜଳ ବିଭାଗ ବା ଗ୍ରାଉଣ୍ଡ ୱାଟର ଡିପାର୍ଟମେଣ୍ଟ(ଜିଡବ୍ଲ୍ୟୁଡି) ନିର୍ଦ୍ଦେଶାଳୟ ପକ୍ଷରୁ ୧୯୯୫ ରୁ ୨୦୦୧ ମଧ୍ୟରେ ଉପକୂଳବର୍ତ୍ତୀ ଜିଲାଗୁଡିକରେ ଲବଣତା ସଂକ୍ରାନ୍ତରେ ସର୍ଭେ ହୋଇଥିଲା। ୨୦୦୧ରେ ଏହି ସର୍ଭେ ଉପରେ ଚୂଡାନ୍ତ ରିପୋର୍ଟ ପ୍ରକାଶ ପାଇଥିଲାବେଳେ ୨୦୧୭ରେ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକରେ ଏକ ସ୍ୱତନ୍ତ୍ର ସର୍ଭେ ହୋଇଥିଲା। ଉକ୍ତ ରିପୋର୍ଟରେ ଉପକୂଳବର୍ତ୍ତୀ ଅଞ୍ଚଳର ୬ଟି ବ୍ଲକ ସମ୍ପୂର୍ଣ୍ଣ ଏବଂ ୩୬ଟି ବ୍ଲକ ଆଂଶିକ ଲବଣାକ୍ତ ହୋଇଥିବା ସ୍ପଷ୍ଟ ହୋଇଥିଲା। ଏଥିରେ ଭଦ୍ରକ ଜିଲାର ଚାନ୍ଦବାଲି ବ୍ଲକରେ ସର୍ବାଧିକ ୬୨,୦୪୪ ହେକ୍ଟର ଭୂତଳ ଜଳ ଅତି ନିମ୍ନମାନର ବୋଲି ଜଣାପଡିଥିଲା। ହେଲେ ଏହି ସର୍ଭେ ରିପୋର୍ଟକୁ ୨୨ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ବିଭାଗୀୟ ପଦକ୍ଷେପ ନୈରାଶ୍ୟଜନକ ହୋଇଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ପାନୀୟ ଏବଂ ଜଳସେଚନ ସମସ୍ୟାରେ ଛନ୍ଦି ହେଉଥିବା ମତପ୍ରକାଶ ପାଇଛି।

ଜଳସମ୍ପଦ ବିଭାଗରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ବାଲେଶ୍ୱର ଜିଲାର ବାହାଙ୍ଗା, ବାଲେଶ୍ୱର, ବାଲିଆପାଳ, ବସ୍ତା, ଭୋଗରାଇ ଓ ରେମୁଣା ବ୍ଲକରେ ଆଂଶିକ ଲବଣାକ୍ତ ଥିବା ଜଣାପଡିଛି। ସେହିପରି ଭଦ୍ରକ ଜିଲାର ଚାନ୍ଦବାଲି ବ୍ଲକ ସମ୍ପୂର୍ଣ୍ଣ ଲବଣାକ୍ତ ହୋଇଥିବାବେଳେ ବାସୁଦେବପୁର, ଧାମନଗର ଓ ତିହିଡି, ଗଞ୍ଜାମ ଜିଲାର ଛତ୍ରପୁର, ଚିକିଟି, ଗଞ୍ଜାମ, ଖଲିକୋଟ ଓ ରଙ୍ଗେଇଲୁଣ୍ଡା, ଜଗତ୍‌ସିଂହପୁର ଜିଲାର ଏରସମା ବ୍ଲକ ସମ୍ପୂର୍ଣ୍ଣ ଲବଣାକ୍ତ ହୋଇଥିବାବେଳେ ବାଲିକୁଦା, କୁଜଙ୍ଗ ଓ ନୂଆଗାଁ, ଯାଜପୁର ଜିଲାର ବରି, ବିଞ୍ଝାରପୁର ଓ ଦଶରଥପୁର, କେନ୍ଦ୍ରାପଡା ଜିଲାର ମହାକାଳପଡ଼ା, ମାର୍ଶାଘାଇ, ରାଜକନିକା ଓ ରାଜନଗର ବ୍ଲକ ସମ୍ପୂର୍ଣ୍ଣ ଭାବେ ଲବଣାକ୍ତ ଅଞ୍ଚଳ ଭାବେ ଚିହ୍ନଟ ହୋଇଛି। ଜିଲାର ଆଳି, ଡେରାବିଶ, ଗରଦପୁର, କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ଆଂଶିକ ଲବଣାକ୍ତ ରହିଛି।




ଲବଣାକ୍ତ ଅଞ୍ଚଳର ମାନଚିତ୍ର

ଅନ୍ୟପକ୍ଷେ ପୁରୀ ଜିଲାର ଅସ୍ତରଙ୍ଗ, ବ୍ରହ୍ମଗିରି, ଡେଲାଙ୍ଗ, ଗୋପ, କାକଟପୁର, କଣାସ, କୃଷ୍ଣପ୍ରସାଦ, ନିମାପଡା, ପିପିଲି, ପୁରୀ ଓ ସତ୍ୟବାଦୀ ବ୍ଲକ ଅଞ୍ଚଳରେ ଆଂଶିକ ଲବଣତା ରହିଛି। ଯାଜପୁର ଜିଲା ବରୀ ବ୍ଲକର ବ୍ରାହ୍ମଣୀ, ବିରୁପା ଓ ଗେଙ୍ଗୁଟି ଦୀପାଞ୍ଚଳ ଲବଣାକ୍ତ ଥିବାରୁ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଠାରେ ମାଟି ଅଳ୍ପ ଖୋଳିଲେ ଲୁଣି ପାଣି ବାହାରୁଛି। ୪୨୦୯ ହେକ୍ଟର ଅଞ୍ଚଳରେ ପାଣି ପିଇ ହେଉନି କିମ୍ବା ଚାଷବାସ କାର୍ଯ୍ୟରେ ବ୍ୟବହାର ହୋଇ ପାରୁନାହିଁ। ଫଳରେ ଏହି ବ୍ଲକର ରତ୍ନଗିରି, ମନ୍ଦାରୀ, ଅମଠପୁର ଓ ଶେରପୁର ପଞ୍ଚାୟତର ପ୍ରାୟ ୪୦ ହଜାର ଲୋକ ପାଣି ପାଇଁ ଡହଳବିକଳ ହେଉଛନ୍ତି। ସେହିପରି ବିଞ୍ଝାରପୁର ବ୍ଲକର ୬୪୫୮ ହେକ୍ଟର ଏବଂ ଦଶରଥପୁର ବ୍ଲକର ୮୭୦୦ ହେକ୍ଟର ଅଞ୍ଚଳରେ ଲବଣତା ବ୍ୟାପିଛି। ଏହିସବୁ ସମସ୍ୟାର ସମାଧାନ କରିବା ପାଇଁ ରାଜ୍ୟ ଜଳ ସମ୍ପଦ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍ଏସ୍) ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ମିଳୁଥିଲେ ହେଁ ଏଯାଏ କିଛି ସଫଳତା ମିଳି ପାରିନାହିଁ। ବରୀ ବ୍ଲକର ଲୁଣିଆ ପାଣି ସମସ୍ୟାର ସମାଧାନ କରିବାକୁ ଜମି ଅଧିଗ୍ରହଣ ମୁଖ୍ୟ ପ୍ରତିବନ୍ଧକ ସାଜିଥିବାବେଳେ ସେଠାରେ ଅଣ୍ଡର ଗ୍ରାଉଣ୍ଡ ପାଇପ ଲାଇନ(ୟୁଜିପିଏଲ୍) ସିଷ୍ଟମ ଜରିଆରେ ଜଳଯୋଗାଣ କରିବାକୁ ପ୍ରସ୍ତାବ ହୋଇଛି। ଅନ୍ୟ ଲବଣାକ୍ତ ଅଞ୍ଚଳରେ ବୈଜ୍ଞାନିକ ପଦ୍ଧତିରେ ସମସ୍ୟାର ସମାଧାନ କରିବାକୁ ପଦକ୍ଷେପ ନିଆଯାଉଥିବା ବିଭାଗ ପକ୍ଷରୁ କୁହାଯାଉଛି। ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ସୁବ୍ରତ କୁମାର ପଣ୍ଡାଙ୍କ ପତ୍ର ଅନୁସାରେ ଚୌଧୁର୍ଯ୍ୟଗଡ, ଟିକିରି, କୁଶଭଦ୍ରା ଏବଂ ବାଲିଗୁଆଳି ଅଞ୍ଚଳରେ ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର ଜରିଆରେ ଲବଣାକ୍ତ ହ୍ରାସ କରିବାକୁ ପ୍ରସ୍ତାବ ରହିଛି। ଏହାସହ ବାଲିଆପାଳ, ଭୋଗରାଇ, ଧାମନଗର, ନାଉଗାଁ, ଦଶରଥପୁର, ବିଞ୍ଝାରପୁର, ଆଳି, ଗରଦପୁର, କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ ଓ କାକଟପୁର ବ୍ଲକରେ ରିଚାର୍ଜ ସେଫ୍ଟ ବା ପୁନଃଭରଣ ସୁଡଙ୍ଗ ନିର୍ମାଣ କରାଯାଇଛି। ଏହାବାଦ୍ ଭୂତଳ ଜଳ ବୃଦ୍ଧିକରିବାକୁ ଛାତ ଏବଂ ଅରୁଆ ନାମରେ ୨ଟି ଯୋଜନାକୁ ମଞ୍ଜୁର ମିଳିଛି।

# ପରୀକ୍ଷାମୂଳକ ଭାବେ ଗଡ଼ିଲା ଯାତ୍ରୀବାହୀ ଟ୍ରେନ୍



ଅନୁଗୋଳ-ସୁକିନ୍ଦା ରେଳ ଲାଇନ୍‌ରେ ପରୀକ୍ଷାମୂଳକ ଭାବେ ଯାତ୍ରୀବାହୀ ଟ୍ରେନ୍ ଗଡୁଛି।

**ଅନୁଗୋଳ-ସୁକିନ୍ଦା ରେଳ ଲାଇନ**

**କାମାକ୍ଷାନଗର, ୨୧।୨ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଦେଇ ଯାଇଥିବା ଅନୁଗୋଳ-ସୁକିନ୍ଦା ରେଳ ଲାଇନ୍ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂର୍ବରୁ ଏହି ରେଳଲାଇନ୍‌ରେ ମାଲବାହୀ ଟ୍ରେନ୍ ପରୀକ୍ଷାମୂଳକ ଭାବେ ଚଳା ଯାଇଥିବା ବେଳେ ମଙ୍ଗଳବାର ପରୀକ୍ଷାମୂଳକ ଭାବେ ଯାତ୍ରୀବାହୀ ଟ୍ରେନ ଗଡ଼ିଛି। ଇଷ୍ଟକୋଷ୍ଟ ରେଳ ନିର୍ବାହୀ ନିର୍ଦ୍ଦେଶକ ସରୋଜ କୁମାର ପାତ୍ର ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ପ୍ରକାଶ ଯେ, ୧୯୯୬ ମସିହାରେ ଅନୁଗୋଳ-ସୁକିନ୍ଦା ୯୫ କି.ମି. ରେଳ ଲାଇନ୍‌ର ଶିଳାନ୍ୟାସ କରାଯାଇଥିଲା। ଭାରତ ସରକାରଙ୍କ ରେଳ ବିକାଶ ନିଗମର ଆର୍ଥିକ ସହାୟତା ତଥା ସହଯୋଗରେ ବାଣିଜ୍ୟ ଓ ଯାତାୟାତ ସୁବିଧା ପାଇଁ ଅନୁଗୋଳ ଜିଲା ବୁଢ଼ାପଙ୍କ ଷ୍ଟେଶନରୁ କାମାକ୍ଷାନଗର ଦେଇ ଯାଜପୁର ଜିଲା ବାଘୁଆପାଳ (ଟମକା) ଷ୍ଟେଶନ ପର୍ଯ୍ୟନ୍ତ ୬୭ କିଲୋମିଟର ରେଳଲାଇନ୍ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇଛି। ଗତ ୩୦ ତାରିଖରେ ଏହି ଲାଇନ୍‌ରେ ପରୀକ୍ଷାମୂଳକ ଭାବେ ମାଲବାହୀ ଟ୍ରେନ୍ ଚଳାଯାଇଥିଲା। ସେହିପରି ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ଇଷ୍ଟକୋଷ୍ଟ ରେଳ ବିକାଶ ନିଗମର ନିର୍ବାହୀ ନିର୍ଦ୍ଦେଶକ ପାତ୍ର ବୁଢ଼ାପଙ୍କ ଷ୍ଟେଶନଠାରେ ଉପସ୍ଥିତ ରହି ଏହି ପରୀକ୍ଷାମୂଳକ ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ। ରେଳ ସଂଯୋଗର ମୁଖ୍ୟ ପ୍ରକଳ୍ପ ପରିଚାଳକ ପ୍ରଦୀପ କୁମାର ମହାନ୍ତି, ସାଧାରଣ ପ୍ରକଳ୍ପ ପରିଚାଳକ କିଶୋରୀ ମୋହନ ମିଶ୍ର, ପୂର୍ବତଟ ରେଳ ପଥର ମୁଖ୍ୟ ସୁରକ୍ଷା ଅଧିକାରୀ, ମୁଖ୍ୟ ଧାରଣା ଯନ୍ତ୍ରୀ, ମୁଖ୍ୟ ବିଦ୍ୟୁତ୍ ସମ୍ପ୍ରସାରଣ ଯନ୍ତ୍ରୀ, ମୁଖ୍ୟ ସଙ୍କେତ ଯନ୍ତ୍ରୀ, କାମାକ୍ଷାନଗର ଦାୟିତ୍ୱରେ ଥିବା ରେଳ ପ୍ରକଳ୍ପ ପରିଚାଳକ ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସିଗ୍‌ନାଲ ଗୃହ, ରେଳ ଧାରଣା ନିରୀକ୍ଷଣ ଓ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ପରିଦର୍ଶନ କରିବା ପରେ ସେହି ଟ୍ରେନରେ ବାଘୁଆପାଳ ଷ୍ଟେଶନ ଅଭିମୁଖେ ଯାତ୍ରା କରିଥିଲେ। କାମାକ୍ଷାନଗର ଦେଇ ଯାତ୍ରୀବାହୀ ଟ୍ରେନ ଚଳାଚଳ ଆରମ୍ଭ ହୋଇଥିବାରୁ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି। ବିଭିନ୍ନ ସ୍ଥାନରେ ଲୋକେ ଠିଆ ହୋଇ ଯାତ୍ରୀବାହୀ ଟ୍ରେନ୍ ଚଳାଚଳକୁ ସ୍ୱାଗତ କରିଥିଲେ।

# ଜଳୁଛି ସଂରକ୍ଷିତ ଜଙ୍ଗଲ

**ବାରିପଦା ଅଫିସ/ସାରସକଣା, ୨୧।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଞ୍ଚଳର ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହୋଇଛି। ଗ୍ରୀଷ୍ମ ପ୍ରବାହ ଓ ପବନର ବେଗ ବୃଦ୍ଧି ଯୋଗୁ ନିଆଁ ଅଣାୟତ୍ତ ହୋଇପଡ଼ିଛି। ମଙ୍ଗଳବାର ମଧ୍ୟାହ୍ନରେ ବାଙ୍ଗିରିପୋଷି ରେଞ୍ଜ ଅଧୀନ ଘିଆଯୋଡ଼ି ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିଲା। ବନ କର୍ମଚାରୀ ଓ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ୪୯ନଂ. ଜାତୀୟ ରାଜପଥର ଝାରପୋଖରିଆ ଟୋଲ୍ ପ୍ଲାଜା ସନ୍ନିକଟ ସଂରକ୍ଷିତ ଜଙ୍ଗଲରେ ଏହି ନିଆଁ ଲାଗିଛି। ଶୁଖିଲାପତ୍ରଗୁଡ଼ିକ ହୁତ୍ ହୁତ୍ ହୋଇ ଜଳିବା ଦ୍ୱାରା ଜଙ୍ଗଲ ମଧ୍ୟରେ ନିଆଁ ମାଡ଼ି ଚାଲିଛି। ବଡ଼ ବଡ଼ ଗଛ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ଦମକଳ ବାହିନୀକୁ ଖବର ଦେଇଥିଲେ। ବନ, ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ନିଆଁ ଲିଭାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ବାଙ୍ଗିରିପୋଷି ରେଞ୍ଜର ମହେଶ୍ୱର ସିଂଙ୍କୁ ପଚାରିବାରୁ ଅଧା ହେକ୍ଟର ଜଙ୍ଗଲ ନିଆଁ ଲାଗିଥିବା ଅନୁମାନ କରାଯାଉଛି ଓ ସନ୍ଧ୍ୟା ସୁଦ୍ଧା ନିଆଁକୁ ଆୟତ୍ତ କରାଯାଇଥିବା ସେ କହିଛନ୍ତି। ସେହିପରି ବେତନଟୀ ରେଞ୍ଜ ଅଧୀନ ତୁଙ୍ଗାଧୁଆ ଶାଗବାଡ଼ିଆ ସଂରକ୍ଷିତ ଜଙ୍ଗଲରେ ମଧ୍ୟ ନିଆଁ ଲାଗି ବ୍ୟାପକ ନଷ୍ଟ ହୋଇଛି।



ଘିଆଯୋଡ଼ି ସଂରକ୍ଷିତ ଜଙ୍ଗଲରେ ଲାଗିଥିବା ନିଆଁ ।

# ବିଡିଓଙ୍କ ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ମାନବିକତା ଭୁଲିଗଲେ ବିଡିଓ, ଡ୍ରାଇଭରଙ୍କ ଆତ୍ମସମର୍ପଣ**

**ପାରଳାଖେମୁଣ୍ଡି, ୨୧।୨ (ଡି.ଏନ୍.ଏ)**

ଗଜପତି ଜିଲା ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ଯାଜପୁର-ପୁଡ଼ୋଣୀ ଜାତୀୟ ରାଜପଥର ଧାମଣିଗାଁ ନିକଟରେ ମୋହନା ବିଡିଓଙ୍କ ଗାଡ଼ି ଧକ୍କାରେ ମଙ୍ଗଳବାର ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଷାଣି ବ୍ଲକ ସାତମାଇଲର ବ୍ୟବସାୟୀ ଟି. ପ୍ରଭାକର ରାଓ। ତେବେ ଦୁର୍ଘଟଣା ପରେ ବିଡିଓ ବାଇକ୍ ଚାଳକଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ମାନବିକତା ଭୁଲିଯାଇ ଘଟଣାସ୍ଥଳରୁ ପଳାଇଯିବାକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ପ୍ରକାଶ ଯେ, ଟି. ପ୍ରଭାକର ରାଓ ଏକ ବାଇକ୍‌ରେ ପାରଳାଖେମୁଣ୍ଡି ଆସୁଥିବା ବେଳେ ମୋହନାରୁ ଆସୁଥିବା ବିଡିଓ ତପସ୍ୱିନୀ ହାଁସଦାଙ୍କ କାର୍ (ଓଡି୦୨ସିସି-୩୮୧୯) ତାଙ୍କ ପଛପଟୁ ଧକ୍କା ଦେଇଥିଲା। ପ୍ରଭାକର ପ୍ରାୟ ୧୦ଫୁଟ୍ ଉପରକୁ ଉଠି କଚାଡ଼ି ହୋଇ ପଡ଼ିବା ପରେ ୧୫ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ହୋଇଯାଇଥିଲେ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଦୁର୍ଘଟଣା ପରେ ବିଡିଓଙ୍କ ଡ୍ରାଇଭର ଗାଡ଼ି ନ ଅଟକାଇ ଦ୍ରୁତଗତିରେ ପଳାଇ ଯାଇଥିଲେ। ଆଦର୍ଶ ଥାନା ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ପରେ କାର୍ ଡ୍ରାଇଭର ବିଡିଓଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଛାଡ଼ି ଥାନାରେ ଆତ୍ମସମର୍ପଣ କରିଥିଲେ। ବିଡିଓଙ୍କର ଏପରି ମାନବିକତାଶୂନ୍ୟ ଆଚରଣକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ମୃତ ପ୍ରଭାକରଙ୍କ ସମ୍ପର୍କୀୟମାନେ ଠିକ ନ୍ୟାୟ ନ ମିଳିଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଜିଲାପାଳ ଲିଙ୍ଗରାଜ ପଣ୍ଡା ଏହି ଘଟଣା ପାଇଁ ଶୋକ ପ୍ରକାଶ କରି ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ଶବ ସତ୍କାର ପାଇଁ ୨ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏଥିସହିତ ପ୍ରଭାକରଙ୍କ ପୁଅଙ୍କୁ ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟ ପରିବହନ ଅଥରିଟିଙ୍କଠାରୁ କ୍ଷତିପୂରଣ ବାବଦରେ ସୋଲାଟିୟମ ଫଣ୍ଡରୁ ୨ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ବୋଲି ଜିଲାପାଳ କହିଛନ୍ତି।



ମୃତକ ଟି. ପ୍ରଭାକର ରାଓ

# ଜଣେ ଯୁବତୀଙ୍କ ସହ ୫ ଗିରଫ

**କୋରାପୁଟ, ୨୧।୨(ସ୍ୱ.ପ୍ର.)**

ଉତ୍ତରପ୍ରଦେଶର ଆମେଢ଼ା ଗ୍ରାମର ଜଣେ ଡ୍ରାଇଭରଙ୍କୁ କୋରାପୁଟରେ ଅପହରଣ କରି ତାଙ୍କୁ ଖଲାସ ପାଇଁ ୨୫ ଲକ୍ଷ ଟଙ୍କା ମାଗିବା ଘଟଣାର ପର୍ଦ୍ଦାଫାଶ କରିଛି କୋରାପୁଟ ଟାଉନ ପୋଲିସ। ଏହି ଘଟଣାରେ ସମ୍ପୃକ୍ତ

**ଉତ୍ତରପ୍ରଦେଶର ଡ୍ରାଇଭରଙ୍କୁ କୋରାପୁଟରେ ଅପହରଣ ଘଟଣା**

ଜଣେ ଯୁବତୀଙ୍କ ସହ ୫ ଜଣଙ୍କୁ ଗିରଫ କରାଯାଇଥିବା ନେଇ ମଙ୍ଗଳବାର ଏସ୍‌ପି ଅଭିନବ ସୋନକାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କୋରାପୁଟ ସହରର ମନୋଜ ଖୋସ୍‌ଲା(୨୭), ପିଣ୍ଟୁ ଖୋରା(୨୪), ଅନୀଲ ଟାକିରି(୩୦), ଜୟପୁର ସହରର ହୀନା ପ୍ରବୀଣ (୧୮)ଙ୍କ ସହ ଛତିଶଗଡ଼ ଜଗଦଲପୁରରୁ ଜନ ମହମ୍ମଦ(୨୮)। ସେମାନଙ୍କଠାରୁ ପୋଲିସ ୬ଟି ମୋବାଇଲ ଓ ୨୩ ହଜାର ଟଙ୍କା ଜବତ କରିଛି। ଏବେ ମଧ୍ୟ ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ଅତିଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

# ଲୁଟ୍ ୧ ଲକ୍ଷ ଟଙ୍କା ଫେରିପାଇଲେ ମହିଳା

■ଅନ୍ତଃରାଜ୍ୟ ଲୁଟେରା ଆସ୍କାରୁ ଗିରଫ
■ଜବତ ଟଙ୍କା ଫେରସ୍ତ ଦେଲେ ଏସ୍‌ପି
■୫ ଦିନ ମଧ୍ୟରେ ନ୍ୟାୟ ମିଳିଥିବାରୁ ଦେଲେ ଧନ୍ୟବାଦ

**ଢେଙ୍କାନାଳ ଅଫିସ,୨୧।୨**

ଦୁର୍ବୃତ୍ତମାନେ ଲୁଟି ନେଇଥିବା ୧ ଲକ୍ଷ ଟଙ୍କା ଫେରିପାଇଛନ୍ତି ଢେଙ୍କାନାଳ ସହର କାରିଗର ସାହିର ସୁନନ୍ଦା ରାଉତ। ମଙ୍ଗଳବାର ଅପରାହ୍ନ ୧ଟା ବେଳେ ଜିଲା ପୋଲିସ କାର୍ଯ୍ୟାଳୟରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କଠାରୁ ଉକ୍ତ ଅର୍ଥ ଗ୍ରହଣ କରିବା ପରେ ଖୁସିରେ ଆତ୍ମହରା ହୋଇପଡ଼ିଛନ୍ତି ସୁନନ୍ଦା। ଲୁଟ୍ ଘଟଣାର ମାତ୍ର ୫ ଦିନ ମଧ୍ୟରେ ଦୁର୍ବୃତ୍ତଙ୍କ ନିକଟରେ ପୋଲିସ ପହଞ୍ଚିବା ସହ ଲୁଟ୍ ଟଙ୍କା ଜବତ କରି ତାଙ୍କୁ ଫେରସ୍ତ ଦେଇଥିବାରୁ ଏଥିପାଇଁ ସେ ଢେଙ୍କାନାଳ ଏସ୍‌ପି ଓ ଟାଉନ ଥାନା ପୋଲିସକୁ ଧନ୍ୟବାଦ ଜଣାଇଛନ୍ତି।

ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମହାପାତ୍ର କହିଛନ୍ତି, ଢେଙ୍କାନାଳ ସହର କାରିଗର ସାହିର ହେମନ୍ତ ରାଉତ ଓ ତାଙ୍କ ସ୍ତ୍ରୀ ସୁନନ୍ଦା ଗତ ୧୬ ତାରିଖ ମଧ୍ୟାହ୍ନ ସାଢ଼େ ୧୨ଟାରେ ସହରସ୍ଥିତ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବଜାର ଶାଖାରୁ ୧ଲକ୍ଷ ଟଙ୍କା ଉଠାଇ ସ୍କୁଟିରେ ଘରକୁ ଫେରୁଥିଲେ। ସମ୍ପୃକ୍ତ ଦମ୍ପତି ଆନନ୍ଦ ବଜାର ଅଞ୍ଚଳରେ ହୋଇଥିବାବେଳେ ହଠାତ୍ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ସୁନନ୍ଦାଙ୍କ ହାତରୁ ଟଙ୍କା ଥିବା ପଲିଥିନ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ସ୍କୁଟିରୁ ଖସିପଡି ଆହତ ହୋଇଥିବା ସୁନନ୍ଦା ଏ ନେଇ ଟାଉନ ଥାନାରେ ଅଭିଯୋଗ କରିବା ପରେ ନଂ. ୧୦୧।୨୩ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରିବା ପରେ ଟାଉନ ଥାନା ପୋଲିସ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ଖବରପାଇ ଗଞ୍ଜାମ ଜିଲା ଆସ୍କା ଥାନା ପୋଲିସ ସହାୟତାରେ ପାକଳାପଲି ଗ୍ରାମରୁ ଅଭିଯୁକ୍ତ ସୁରେଶ ଦାସ(୩୬)ଙ୍କୁ ଗିରଫ କରିଥିଲା। ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ଉକ୍ତ ଗ୍ରାମର ଏ. ରଣଜିତ ରାଓ ଫେରାର ଅଛନ୍ତି। ଦୁଇ ଅଭିଯୁକ୍ତ ଏରାଗୋରା ଗ୍ୟାଙ୍ଗର ସଦସ୍ୟ। ଉଭୟଙ୍କ ନାମରେ କଳାହାଣ୍ଡି ସମେତ ରାଜ୍ୟର ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଛି। ଏଥିସହ ଗତ ନଭେମ୍ବର ୪ରେ ଗଁଦିଆ ଥାନା ଅଞ୍ଚଳରେ ଏକ ଲୁଟ୍ ଘଟଣାରେ ଏମାନେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଜୋରଦାର ଉଦ୍ୟମ ଜାରି ରହିଛି। ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର, ଏସ୍‌ଆଇ ଶାନ୍ତନୁ କୁମାର ପ୍ରଧାନ ପ୍ରମୁଖ ଆସ୍କା ଥାନା ପାକଳାପଲି ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଲୁଟ୍ ହୋଇଥିବା ୧ ଲକ୍ଷ ଟଙ୍କା ସହ ଏକ ବାଇକ୍ (ନଂ. ଓଡି.୩୨-ଡି-୦୧୬୪) ଗିରଫ ଅଭିଯୁକ୍ତଙ୍କଠାରୁ ଜବତ କରାଯାଇଛି। ଲୁଟ୍‌ର ଶିକାର ହୋଇଥିବା ମହିଳାଙ୍କୁ ଡକାଯାଇ ଉକ୍ତ ୧ ଲକ୍ଷ ଟଙ୍କା ଫେରାଇ ଦିଆଯାଇଛି ବୋଲି ଏସ୍‌ପି ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ ଓ ଭବାନୀ ଶଙ୍କର ଉଦ୍‌ଗାତା, ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଓ ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଲୁଟ୍‌ର ଶିକାର ହୋଇଥିବା ସୁନନ୍ଦା ରାଉତଙ୍କୁ ଜବତ ୧ ଲକ୍ଷ ଟଙ୍କା ଫେରସ୍ତ କରୁଛନ୍ତି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର।

ପ୍ରଥମ ପୃଷ୍ଠାରୁ...

## ଯୁଦ୍ଧ ପାଇଁ କ୍ଷେପଣାସ୍ତ୍ର ...

ଆମେ କରିବୁ। ବୈଶ୍ୱିକ ରଣନୈତିକ ସମାନତାକୁ ନଷ୍ଟ କରାଯାଇପାରିବ ବୋଲି କେହି ବିପଜ୍ଜନକ ବିଭ୍ରାନ୍ତିରେ ରହିବା ଅନୁଚିତ। ଭୂପୃଷ୍ଠଭିତ୍ତିକ ରଣନୈତିକ ବ୍ୟବସ୍ଥାକୁ ଯୁଦ୍ଧ ପାଇଁ ପ୍ରସ୍ତୁତ ରଖିବା ଲାଗି ସପ୍ତାହେ ତଳେ ମୁଁ ଏକ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଥିଲି। ସେମାନେ ସେଥିରେ ମଧ୍ୟ ନିଜ ନାକ ଲଗାଇବାକୁ ଯାଉଛନ୍ତି କି? ସବୁକିଛି ଏତେ ସରଳ ବୋଲି ସେମାନେ ମନେକରୁଛନ୍ତି କି? ଆମେ ସେମାନଙ୍କୁ ଏମିତି ଛାଡ଼ିଦେବା କି ବୋଲି ପୁଟିନ୍ ପ୍ରଶ୍ନ କରିଛନ୍ତି। ଏହି ଅବସରରେ ପୁଟିନ୍ ବର୍ଷେ ଧରି ଚାଲିଥିବା ଯୁଦ୍ଧକୁ ଆଗକୁ ନେବାକୁ ଘୋଷଣା କରିଛନ୍ତି। ଯୁଦ୍ଧ ପାଇଁ ସେ ଆମେରିକା ନେତୃତ୍ୱାଧୀନ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)କୁ ଦୋଷ ଦେଇଛନ୍ତି। ପୁଟିନ୍ ଆହୁରି କହିଛନ୍ତି, ମସ୍କୋକୁ ବୈଶ୍ୱିକ ସ୍ତରରେ ପରାଜିତ କରିହେବ ବୋଲି ନାଟୋ ମନେକରିବା ଭୁଲ୍। ୟୁକ୍ରେନ୍ ଯୁଦ୍ଧ ପାଇଁ ଏହାର ପାଶ୍ଚାତ୍ୟ ସହଯୋଗୀମାନେ ଦାୟୀ। ଏକ ସ୍ଥାନୀୟ ସଂଘର୍ଷକୁ ସେମାନେ ବୈଶ୍ୱିକ ଯୁଦ୍ଧରେ ପରିଣତ କରିଛନ୍ତି। ଆମେ ଉପଯୁକ୍ତ ଭାବେ ଏହାର ଜବାବ ଦେବୁ। ସତର୍କ ହୋଇ ବ୍ୟବସ୍ଥିତ ଢଙ୍ଗରେ ନିଜ ଲକ୍ଷ୍ୟ ହାସଲ କରିବୁ। ତେବେ ରୁଷିଆ ୟୁକ୍ରେନୀୟ ଜନସାଧାରଣଙ୍କ ସହ ଲଢ଼େଇ କରୁନାହିଁ। କିଭ୍‌ରେ ଚାଲିଥିବା ସରକାର ଓ ଏହାର ପାଶ୍ଚାତ୍ୟ ସହଯୋଗୀମାନେ ୟୁକ୍ରେନ୍‌କୁ ପଣବନ୍ଦୀ କରିଦେଇଛନ୍ତି। ମସ୍କୋ ଉପରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଲଗାଇଥିବା କଟକଣା ଆଧୁନିକ ଇତିହାସରେ ସର୍ବାଧିକ। ଏହି ବ୍ୟାନ୍ ପରେ ରୁଷିଆ ଏସିଆ ଆଡ଼କୁ ମୁହାଁଇଛି ବୋଲି ପୁଟିନ୍ କହିଛନ୍ତି। ପ୍ରକାଶ ଯେ, ରୁଷିଆ ରାଷ୍ଟ୍ରପତି ଦେଶବାସୀଙ୍କୁ ବାର୍ଷିକ ଅଭିଭାଷଣରେ ସମ୍ବୋଧନ କରିବା ପାଇଁ ସମ୍ବିଧାନରେ ନିୟମ ରହିଛି। କିନ୍ତୁ ୨୦୨୨ରେ ତାଙ୍କ ସୈନ୍ୟ ୟୁକ୍ରେନ୍ ଆକ୍ରମଣ କରିବା ପରେ ସେ ଏଭିଳି ଭାଷଣ ଦେଇ ନ ଥିଲେ।

## ୪ ବର୍ଷର ଶିଶୁକୁ ଝୁଣି ...

ବେଳର ଭିଡିଓ ଭାଇରାଲ ହୋଇଥିବାବେଳେ ଏହା ଅନେକଙ୍କୁ ମର୍ମାହତ କରିଛି। ପିଲାଟି ପାଖରେ ଏକ ଖାଦ୍ୟସାମଗ୍ରୀ ପ୍ୟାକେଟ ଥିବାରୁ କୁକୁର ଆକ୍ରମଣ କଲା ବୋଲି ଗ୍ରେଟର ହାଇଦ୍ରାବାଦ ମ୍ୟୁନିସିପାଲ କର୍ପୋରେଶନ ଅଧିକାରୀ କହିଛନ୍ତି। ପୌର ପ୍ରଶାସନ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ କେ.ଟି. ରାମାରାଓ ଏହାକୁ ଦୁର୍ଭାଗ୍ୟଜନକ ଘଟଣା କହିଛନ୍ତି। ଭବିଷ୍ୟତରେ ଏଭଳି ଦୁଃଖଦ ଘଟଣା ନ ଘଟେ, ତାହା ସୁନିଶ୍ଚିତ କରିବାକୁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ପରିବାର ଅଦାଲତ ଆଗରେ ଦମ୍ପତି ହାତାହାତି

**ସ୍ୱାମୀ ଆକ୍ରମଣରେ ସ୍ତ୍ରୀ ଗୁରୁତର**

**ବାଲେଶ୍ୱର ଅଫିସ, ୨୧।୨**

ବାଲେଶ୍ୱର ଜିଲାପାଳଙ୍କ ଅଫିସ୍ ପରିସରରେ ଥିବା ପରିବାର ଅଦାଲତ ଆଗରେ ମଙ୍ଗଳବାର ଏକ ଦମ୍ପତି ହାତାହାତି ହୋଇଥିଲେ। ସ୍ୱାମୀ ହାତରେ ଧରିଥିବା ହେଲ୍‌ମେଟ୍‌ରେ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସ୍ତ୍ରୀଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ସେ ଘଟଣାସ୍ଥଳରେ ଅଚେତ୍ ହୋଇପଡ଼ିଥିଲେ। ମହିଳାଜଣଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ।

ଚାନ୍ଦିପୁର ଥାନା ଅଧୀନ ମଝିକିଆ ଅଞ୍ଚଳର ରତିକାନ୍ତ ପାଣିଗ୍ରାହୀ ଓ ରଶ୍ମିରେଖା ପାଣିଗ୍ରାହୀ ୩ବର୍ଷ ପୂର୍ବେ ଛାଡ଼ପତ୍ର ପାଇଁ କୋର୍ଟରେ ଆବେଦନ କରିଥିଲେ। ଏବେ ମାମଲା ପରିବାର ଅଦାଲତରେ ବିଚାରାଧୀନ ରହିଛି। ମଙ୍ଗଳବାର ଶୁଣାଣି ପାଇଁ ଉଭୟେ ଅଦାଲତକୁ ଆସିଥିଲେ। କୌଣସି କାରଣରୁ ଉଭୟେ ଅଦାଲତ ସମ୍ମୁଖରେ ପ୍ରଥମେ ବଚସା ପରେ ମାରପିଟ୍ ଲାଗିଥିଲେ। ଭରଣପୋଷଣଜନିତ ମାମଲାକୁ ନେଇ ଉଭୟଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିବା ଦମ୍ପତିଙ୍କ ଝିଅ କହିଛନ୍ତି। ଏନେଇ ରଶ୍ମିରେଖା ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିବା ପରେ ପୋଲିସ ସ୍ୱାମୀ ରତିକାନ୍ତଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ବିଜୁଳି ଦେୟ ନ ଦେବାରୁ କାମୁଡ଼ିଦେଲେ

**ଅନୁଗୋଳ ଅଫିସ, ୨୧।୨:** ଭଡ଼ାରେ ରହୁଥିବା ଜଣେ ଯୁବକ ବିଜୁଳି ଦେୟ ନ ଦେବାରୁ ଘର ମାଲିକଙ୍କ ସ୍ତ୍ରୀ ତାଙ୍କ ହାତକୁ କାମୁଡ଼ି ଦେଇଛନ୍ତି। ଅନୁଗୋଳ ଜିଲା ବଅଁରପାଳ ଥାନା ଅଞ୍ଚଳରେ ସୋମବାର ଘଟିଥିବା ଏହି ଅଭାବନୀୟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଭଡ଼ାରେ ରହୁଥିବା ଯୁବକ ସନ୍ତୋଷ ସାହୁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୭୦/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ସନ୍ତୋଷ ଫୁଲପଡ଼ା ଗ୍ରାମରେ ଘର ଭଡ଼ା ନେଇ ରହୁଛନ୍ତି। ଭଡ଼ା ଘରର ବିଜୁଳି ବିଲ୍ ସେ ବକେୟା ରଖିଥିଲେ। ବକେୟା ଦେୟ ଦେବାକୁ ଘର ମାଲିକଙ୍କ ସ୍ତ୍ରୀ ସନ୍ତୋଷଙ୍କୁ କହିଥିଲେ। ଏପରିକି ଟଙ୍କା ନ ଦେଲେ ଘରୁ ବାହାରିଯିବାକୁ ସିଧା ଶୁଣାଇ ଦେଇଥିଲେ। ଏହି ସମୟରେ ସନ୍ତୋଷ ବାହାରକୁ ଆସିବା ମାତ୍ରେ ମହିଳା ଜଣଙ୍କ ତାଙ୍କର ଦୁଇ ହାତକୁ କାମୁଡ଼ି ଦେଇଥିଲେ। ଏପରିକି ତାଙ୍କ ବେକକୁ ଚିପି ମାରିବାକୁ ଉଦ୍ୟମ କରିଥିବା ସନ୍ତୋଷ ଏତଲାରେ ଦର୍ଶାଇଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ମାତୃଭାଷାର ବିକାଶ ପାଇଁ ଉଦ୍ୟମ ଜରୁରୀ



ବିଶ୍ୱ ମାତୃଭାଷା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୧।୨**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ମାତୃଭାଷା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଉତ୍ସବରେ ସଭାପତିତ୍ୱ କରି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ କହିଲେ ଯେ, ମାତୃଭାଷାର ବିକାଶ ପାଇଁ ସବୁସ୍ତରରେ ଉଦ୍ୟମ ହେବା ଜରୁରୀ। ମୁଖ୍ୟ ଅତିଥି ଭାବେ ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ଅଧ୍ୟାପିକା ଡ. ଶୁଭଶ୍ରୀ ସୌମ୍ୟା ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଉକ୍ତ ମହାବିଦ୍ୟାଳୟର ପ୍ରଶିକ୍ଷକ ଅଧ୍ୟାପକ ଗିରିଶ ଚନ୍ଦ୍ର ବେହେରା ଯୋଗଦେଇ ମାତୃଭାଷାର ପ୍ରଚାର ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଭାଗ ମୁଖ୍ୟ ଡ. ଦେବାଶିଷ ମହାନ୍ତି, ନୂତନ ଶିକ୍ଷାନୀତିରେ ମାତୃଭାଷାର ସ୍ଥାନ ଓ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ କାଳନ୍ଦୀ ଚରଣ ମିଶ୍ର ଉପସ୍ଥିତ ଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଶୁଭ୍ରକାନ୍ତ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ଶାନ୍ତନୁ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ନିବିଡ଼ ସମ୍ପର୍କର ନିଦର୍ଶନ


ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ ପରିସରସ୍ଥିତ ହାତୀ ଉଦ୍ଧାର କେନ୍ଦ୍ରରେ ଥିବା ହାତୀ ଚନ୍ଦୁ ଓ ମାହୁନ୍ତ ଦୀପୁଙ୍କ ମଧ୍ୟରେ ଭାବ ବିନିମୟର ଏକ ଦୃଶ୍ୟ।

# ବ୍ରିଜ୍ ସୁରକ୍ଷା ବାଡ଼ରେ ଚଢ଼ିଗଲା କାର୍

**ଢେଙ୍କାନାଳ ଅଫିସ, ୨୧।୨**

### ଅଳ୍ପକେ ବର୍ତ୍ତିଲେ ଟାଟାଷ୍ଟିଲ କମ୍ପାନୀର ଅଧିକାରୀ, ପରିବାର

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ବିଆର୍‌ଜି ଛକ ନିକଟସ୍ଥ ୫୫ନଂ. ଜାତୀୟ ରାଜପଥର କିସିନ୍ଦା ନାଳ ବ୍ରିଜରେ ଥିବା ସୁରକ୍ଷା ବାଡରେ ମଙ୍ଗଳବାର ଏକ କାର୍ ଚଢ଼ିଯାଇଥିଲା। ତେବେ ଉକ୍ତ ଗାଡ଼ିରେ ଥିବା ଟାଟାଷ୍ଟିଲ ପାୱାର ହାଉସ ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ବିଭାଗ ମୁଖ୍ୟ ହରେନ୍ଦ୍ର ପ୍ରତାପ ସିଂହ, ତାଙ୍କ ସ୍ତ୍ରୀ, ଝିଅ ଓ ପୁଅ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ବଅଁରପାଳସ୍ଥିତ ଏକ ଘରୋଇ ନର୍ସିଂ ହୋମରେ ଭର୍ତ୍ତି କରାଯାଇଛି । ପ୍ରକାଶ ଯେ, କମ୍ପାନୀର ଅଧିକାରୀ ଓ ତାଙ୍କ ପରିବାର ଥିବା ଉକ୍ତ କାର୍ (ନଂ. ଓଡ଼ି.୧୯–ଏସ୍–୫୬୧୯) କଣ୍ଟାବଣିଆ ଆଡକୁ ଦ୍ରୁତ ଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ସୁରକ୍ଷା ବାଡ ଉପରେ ଚଢିଯାଇ ଝୁଲି ରହିଥିଲା। ସ୍ଥାନୀୟ ଅଞ୍ଚଳବାସୀ ଅତି ସତର୍କତାର ସହ କାର୍ ଭିତରେ ରହିଥିବା ଟାଟାଷ୍ଟିଲ ପାୱାର ହାଉସର ଅଧିକାରୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ମୋଟଙ୍ଗା ଓ କଣ୍ଟାବଣିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।


ଦୁର୍ଘଟଣାଗ୍ରସ୍ତ କାର୍।

# ବିଚ୍ଛନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ


ବିଚ୍ଛନ୍ଦ ଚରଣଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**କଣିହାଁ, ୨୧।୨ (ଡି.ଏନ.ଏ.)**

ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ୧୦୬ ତମ ଜୟନ୍ତୀ କଣିହାଁ ପ୍ରଜାମଣ୍ଡଳ ଭବନଠାରେ ବିଚ୍ଛନ୍ଦ ଚରଣ ପ୍ରଧାନ ସ୍ମୃତି ସଂସଦ ପକ୍ଷରୁ ପାଳିତ ହୋଇଯାଇଛି। ସଂସଦ ସଭାପତି ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ରହି ସ୍ୱର୍ଗତ ପ୍ରଧାନଙ୍କ ତୈଳଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସାହିତ୍ୟିକ ସିଦ୍ଧି ପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଜୟନ୍ତୀ ସଭାରେ କବି ଡ. ପ୍ରଶାନ୍ତ କୁମାର ରଥ ଯୋଗଦାନ କରି ଯୁବ ସମାଜ ବିଚ୍ଛନ୍ଦ ଚରଣଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ପଞ୍ଚାୟତ ସମିତି ପରିସରରେ ପ୍ରଜାମଣ୍ଡଳର ପଞ୍ଚସଖା ଓ ବିଚ୍ଛନ୍ଦ ଚରଣଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ଧନେଶ୍ୱର ସାହୁ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ରଞ୍ଜିତା ବେହେରା, ପୂର୍ବତନ ଜିଲାପରିଷଦ ସଦସ୍ୟ କ୍ଷୀର ସିନ୍ଧୁ ସେଠୀ, ବୃନ୍ଦାବନ ପ୍ରଧାନ, ବାବୁଲି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଢେଙ୍କାନାଳ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ତଥା ଟ୍ରଷ୍ଟ ସମ୍ପାଦକ ନିର୍ମଳ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଚ୍ଛନ୍ଦ ଚରଣଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ 'ପ୍ରଣାମ ସଂଗ୍ରାମୀ' ଉନ୍ମୋଚିତ ହୋଇଥିଲା।

# ବୁଣାକାରଙ୍କୁ ତାଲିମ ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୨୧।୨**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ସଭାପତିତ୍ୱରେ ମଙ୍ଗଳବାର ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ଥିବା ଢେଙ୍କାନାଳ ବୟନ ମଣ୍ଡଳର ଜିଲାସ୍ତରୀୟ ପର୍ଯ୍ୟାଲୋଚନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ ପ୍ରକାର ବିଭାଗୀୟ ଯୋଜନାର ସମୀକ୍ଷା କରାଯାଇଥିଲା। ଢେଙ୍କାନାଳ ବୟନ ମଣ୍ଡଳର ବୁଣାକାରମାନଙ୍କ ଦ୍ୱାରା ନୂତନ ମାନର ଶାଢ଼ି, ଡ୍ରେସ୍ କପଡା ତିଆରି କରି ବଜାର ଚାହିଦା ବୃଦ୍ଧି କରିବା ନିମନ୍ତେ ବୁଣାକାରମାନଙ୍କୁ ତାଲିମ ପ୍ରଦାନ କରିବା ପାଇଁ ଆଲୋଚନା ହୋଇଥିଲା। ଜିଲାର ସରାଗପାଟଣା, ରଥପଦା ଓ ଚନ୍ଦ୍ରଶେଖର ପ୍ରସାଦ ସହଯୋଗ ସମବାୟ ସମିତିର ୨୦ ଜଣ ବୁଣାକାରଙ୍କୁ ନେଇ ସଦେଇବେରେଣୀ ଠାରେ ୪ ମାସିଆ ତାଲିମ ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଛି। ବୈଠକରେ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଶ୍ରୀକାନ୍ତ ନାୟକ ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ପର୍ଯ୍ୟାଲୋଚନା କମିଟି ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

### ବ୍ଲାକ୍‌ମେଲିଂ କରୁଛନ୍ତି ବିୟୁଟିସିଆନ

**ଅନୁଗୋଳ ଅଫିସ, ୨୧।୨:** ଅନୁଗୋଳ ଜିଲା ତାଳଚେର ଥାନା ଏକଘରିଆ ଅଞ୍ଚଳର ଜଣେ ମହିଳା ବ୍ଲାକମେଲିଂର ଶିକାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୨୩/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଜଣେ ବିୟୁଟିସିଆନଙ୍କ ସହ ସମ୍ପୃକ୍ତ ମହିଳାଙ୍କର ଅନୁଗୋଳରେ ଭେଟ ହୋଇଥିଲା। ବିୟୁଟିସିଆନ ଜଣଙ୍କ ଘରକୁ ଯାଇ ସେବା ଯୋଗାଇ ଦେଉଥିବା କହିଥିଲେ। ଏହାପରେ ସମ୍ପୃକ୍ତ ମହିଳା ଗତବର୍ଷ ରଜ ପୂର୍ବରୁ ବିୟୁଟିସିଆନ୍‌ଙ୍କୁ ପାଲଲହଡ଼ାରେ ଥିବା ତାଙ୍କ ମାମୁଙ୍କ ଘରକୁ ଡାକିଥିଲେ। ବିୟୁଟିସିଆନ ଜଣଙ୍କ ସେବା ଯୋଗାଇବାର ସୁଯୋଗ ନେଇ ସମ୍ପୃକ୍ତ ମହିଳାଙ୍କ ନଗ୍ନ ଫଟୋ ଉଠାଇ ନେଇଥିଲେ। ଏହାପରେ ମହିଳାଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। କିନ୍ତୁ ମହିଳା ଜଣକ ରାଜି ନ ହେବାରୁ ବ୍ଲାକମେଲିଂ କରି ସୁନା ଚୁଡ଼ି, ମୁଦି ଓ କାନଫୁଲ ନେଇଯାଇଥିଲେ। ଏଥିସହ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ ବୋଲି ମହିଳା ଏତଲାରେ ଦର୍ଶାଇଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୨୧।୨:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୁସୁପଙ୍ଗା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମାୟାଧର ରାଉତଙ୍କ ମଙ୍ଗଳବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ସେ ଜଣେ କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତୀ ଓ ଦୃଢ଼ ସଙ୍ଗଠକ ଭାବେ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକ ମହଲରେ ଆଦୃତ ଥିଲେ। କିଛିଦିନ ହେବ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ୧୩୦ ଛାତ୍ରୀଛାତ୍ର କଲେ ନାମ ପଞ୍ଜୀକରଣ


କାମାକ୍ଷାନଗର ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର।

**ଢେଙ୍କାନାଳ ଅଫିସ, ୨୧।୨**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସଭାଗୃହରେ ମଙ୍ଗଳବାର ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଜିଲା ପ୍ରଶାସନ ଓ ପଞ୍ଚାୟତ ସମିତି କାମାକ୍ଷାନଗରର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ବିଡିଓ ବିକାଶ କୁମାର ମହାନ୍ତି, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶତ୍ରୁଘ୍ନ ଦଣ୍ଡପାଟ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ବିକାଶ ମହାରଣା, ଜିଲା ନିଯୋଜନ କାର୍ଯ୍ୟାଳୟର ୟଙ୍ଗ୍ ପ୍ରଫେସନାଲ ସଙ୍ଗୀତା ଦାସ, ମହାତ୍ମା ଗାନ୍ଧୀ ନ୍ୟାଶନାଲ ଫେଲୋ ପଲ୍ଲବୀ ମିଶ୍ର, କାଉନସେଲର ଶିବାଙ୍ଗୀ ମହାନ୍ତି ଓ ଋତୁପୂର୍ଣ୍ଣା ଦାସ ଯୋଗ ଦେଇଥିଲେ। ଏହି ଶିବିରରେ ୧୩୦ ଜଣ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ ହୋଇଥିଲା। ୧୦ ଗୋଟି ପ୍ଲେସମେଣ୍ଟ ଟ୍ରେନିଂ ପାର୍ଟନର ସହ ଆଇଜିଆଇଟି ସରାଙ୍ଗ, ଆଇଟିଆଇ ଢେଙ୍କାନାଳ, ପଲିଟେକନିକ କର୍ତ୍ତୃପକ୍ଷ ପ୍ରମୁଖ ଯୋଗଦେଇ ଶିବିରରେ ପିଲାଙ୍କୁ ନିଯୁକ୍ତିଭିତ୍ତିକ ପରାମର୍ଶ ଦେଇଥିଲେ।

# ଭାଷା, ସାହିତ୍ୟର ସୁରକ୍ଷା ସମ୍ପର୍କରେ ଆଲୋଚନା


ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୧।୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି କୋଷାଧ୍ୟକ୍ଷ ସନ୍ତୋଷ କୁମାର ମହାଭୋଇ ଏଥିରେ ସଭାପତିତ୍ୱ କରି ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ସମ୍ପର୍କରେ ଅବଗତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦୁର୍ଗାଚରଣ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ଭାଷାର ଇତିହାସ, ଶାସ୍ତ୍ରୀୟ ମାନ୍ୟତା ଉପରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟା ସୁଶ୍ରୀ ରଶ୍ମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ଅନ୍ୟତମ ସଭ୍ୟ ସଂଘମିତ୍ରା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଦିବସରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପୁସ୍ତକ ପଠନ, ଗଳ୍ପକଥନ, ନୃତ୍ୟ ପରିବେଷଣ, ଦେଶାତ୍ମବୋଧ ଗୀତ ଆବୃତ୍ତି, ଏକକ ଅଭିନୟ, ବକ୍ତୃତା, ପ୍ରବନ୍ଧ, କବିତା, ରଚନା, ସଂଳାପ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ମାତୃଭାଷା ପ୍ରମୁଖ ରଞ୍ଜନ କୁମାର ବେହେରା ପ୍ରତିଯୋଗିତା ଗୁଡିକର ପର୍ଯ୍ୟବେକ୍ଷଣ କରିଥିଲେ। ବିଦ୍ୟାଳୟର ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ।



# କୀଟନାଶକ କବକ



ପ୍ରତ୍ୟୁଷ ପଣ୍ଡା





ପ୍ରକୃତିରେ ଏପରି କେତେକ କବକ ଅଛନ୍ତି ଯେଉଁମାନେ କି କୀଟମାନଙ୍କୁ ଆକ୍ରାନ୍ତକରି ମାରିଦିଅନ୍ତି। ଏପରି କବକମାନଙ୍କୁ 'କୀଟନାଶକ କବକ' ବୋଲି କୁହାଯାଏ। ନିମ୍ନରେ ଏଭଳି କବକ ବିଷୟରେ ଆଲୋଚନା କରାଯାଇଛି। ଏମାନଙ୍କୁ ଆମେ ମଧ୍ୟ କୀଟ ନିୟନ୍ତ୍ରଣ ପାଇଁ ବ୍ୟବହାର କରିପାରିବା।

**ମେଟା ରାଇଜିୟମ୍ ଆନି ସୋପ୍ଲିଏ**

ଏହି କବକଟି ଅବଳଭୃଙ୍ଗ, ଗଛ ଡିଆଁ ପୋକ। ଉଇ ଏବଂ ଅନ୍ୟାନ୍ୟ ଭୃଙ୍ଗଜାତୀୟ କୀଟମାନଙ୍କୁ ଦାନକରେ ଓ ଫସଲର କିଛି କ୍ଷତି ନ କରି ବୃଦ୍ଧିରେ ସାହାଯ୍ୟକରେ। ଏହି କବକଟି କୀଟର ଦେହ ମଧ୍ୟକୁ ଥରେ ପ୍ରବେଶ କରିଗଲେ ବୃଦ୍ଧି ପାଇ ଧଳା ତନ୍ତୁ ଦ୍ୱାରା ସମସ୍ତ ଅଙ୍ଗକୁ ମାଡ଼ିଚାଲେ। ଏହା ପୋକର ଶରୀରରେ ଥିବା ତରଳ ଅଂଶକୁ ଖାଇ ନିଜେ ବୃଦ୍ଧି ପାଇବା ସାଙ୍ଗେ ସାଙ୍ଗେ ପୋକକୁ ମାରିଦିଏ।

କବକର ତନ୍ତୁ ଦ୍ୱାରା ଛନ୍ଦିହୋଇ କୀଟଗୁଡ଼ିକ ପତ୍ର ଉପରେ ଲାଗି ରହନ୍ତି। ପୋଷକ କୀଟ ମରିଯିବା ପରେ ପ୍ରଥମେ ଧଳାରଙ୍ଗର କବକ ବାହାରି ଆସେ। ବଜାରରେ ଏହି କବକ କଲ୍‌ଚର କାଳୀଚକ୍ର, ମେଟ୍ରୋସାଇଡ୍, ମଲ୍ଟିପ୍ଲେକ୍ସ, ମେଟାରାଇଜିୟମ, ମେଟା-ଆକ୍ସନ, ବାୟୋମେଟ୍, ମେଟାକ୍ୱିନ୍, ଅଦୟଭିବିଏମ୍ ଇତ୍ୟାଦି ନାମରେ ମିଳୁଛି।

**ବ୍ୟବହାର**

➤୧୦ବର୍ଗ ମିଟର ତଳିଘରା ପାଇଁ ୫୦୦ ମିଲି/ଗ୍ରାମ କଲ୍‌ଚର ୧୦୦ ଲିଟର ପାଣିରେ ମିଶାଇ ଆକ୍ରମଣ ଦେଖାଦେଲେ ସିଞ୍ଚନ କରନ୍ତୁ।

➤ମୁଖ୍ୟ ଜମିରେ ପୋକ ଦେଖାଦେଲେ ୨୦୦ ଲିଟର ପାଣିରେ ୧ କି.ଗ୍ରା. କବକ କଲ୍‌ଚର ମିଶାଇ ୧ ଏକର ଜମିରେ ପତ୍ର ସିଞ୍ଚନ କରନ୍ତୁ।

➤ଯେକୌଣସି ୨୫ କି.ଗ୍ରା. ଜୈବିକ ଖତ ସହ ୧ କି.ଗ୍ରା. କଲ୍‌ଚର ମିଶାଇ ଉଇ ଓ ଅବଳ ଭୃଙ୍ଗ ଦେଖାଦେଲେ ୧ଏକର ଜମିରେ ପ୍ରୟୋଗ କରନ୍ତୁ।

**ବ୍ୟୁଭୋରିଆ ବାସିଆନା:** ଏହି କବକ ଦେଖିବାକୁ ଧଳାରଙ୍ଗର ଓ ଅଣୁବୀକ୍ଷଣ ଯନ୍ତ୍ର ତଳେ ଦେଖିଲେ ଧଳାରଙ୍ଗର ସୂତା ପରି ଦେଖାଯାଏ। ଏହାର ସ୍ପୋର୍‌ଗୁଡ଼ିକ ଦକ୍ଷତାର ସହ କୀଟମାନଙ୍କର ଶରୀରରେ ଲାଗିଯାଏ, ଯେତେବେଳେ ସ୍ପୋର୍ କୀଟର ଶରୀର ମଧ୍ୟରେ ପ୍ରବେଶ କରେ। ଶରୀର ମଧ୍ୟରେ ଏକ ପ୍ରକାର ବିଷ ନିର୍ଗତକରି ପ୍ରଥମେ କୀଟକୁ ନିସ୍ତେଜ କରି ମାରିଦିଏ। ଏହା ଧାନର କାଣ୍ଡବିନ୍ଧା ପୋକ, ପତ୍ରମୋଡ଼ା ପୋକ, ଗଛଡିଆଁ, ପତ୍ରଡିଆଁ ଓ ଗନ୍ଧିପୋକ, ବିଭିନ୍ନ ପନିପରିବା, ଫଳଗଛ, କପା, ଆଖୁ ଇତ୍ୟାଦିରେ ଲଗୁଥିବା ଧଳାମାଛି, ପତ୍ରଡିଆଁ ପୋକ, ଜଉପୋକ, ଥ୍ରୀପ୍‌ସ, ଦହିଆ ପୋକ ଦମନ ପାଇଁ ବ୍ୟବହାର କରାଯାଏ। ବଜାରରେ ଏହା ଓଃ, ଦମନ, ଲାର୍ଭୋସେଲ୍, ବାୟୋରିନ୍, ମଲ୍ଟିପ୍ଲେକ୍ସ ବାବା, ବିବିସି, ସନ୍‌ଆପ୍ରେ, ବିଭିଗାର୍ଭ, ଅଙ୍କୁଶ, ବୋଭିରିନ୍ ଇତ୍ୟାଦି ନାମରେ ମିଳେ।

ବ୍ୟବହାର : ମେଟାରାଇଜିୟମ ପରି ଏହି କବକକୁ ବ୍ୟବହାର କରାଯାଏ।

**ଭର୍ଟିସିଲିୟମଲେକାନି**

ଏହା ଧଳାରଙ୍ଗର ସୂତା ପରି ମାଡ଼ି ଯାଇଥିବାରୁ ଏହାକୁ 'ହ୍ୱାଇଟ୍ ହାଲୋ' ବୋଲି କୁହାଯାଏ। କବକର ସ୍ପୋର୍‌ଗୁଡ଼ିକ ଅଠାଳିଆ ଓ କୀଟର ଚର୍ମ ଉପରେ ଲାଗିରହେ। ସ୍ପୋର ଅଙ୍କୁରିତ ହୋଇ ଶରୀର ମଧ୍ୟକୁ ପ୍ରବେଶକରେ। ଶରୀର ଭିତରେ ଡିପୋକ୍ଲୋଇନିକ୍ ଏସିଡ୍ ଓ ବାସିଓନୋଲି ନାମକ ଦୁଇଟି ବିଷ ନିର୍ଗତକରି କୀଟଙ୍କୁ ମାରିଦିଏ। ବଜାରରେ ଏହା କିଲମାଇଟ୍, ଉଟିଚକ୍ର, ଉର୍ଟସେଲ୍ ବାୟୋଲାଇନ୍, ଭର୍ଟାଲେକ୍, ମାଇକୋଟାଲ, ମଲ୍ଟିପ୍ଲେକ୍ସ, ବର୍ଷା, ସ୍ୱାଇଓର, ଭାଇରୋଆକ୍ସନ ଇତ୍ୟାଦି ନାମରେ ମିଳେ।

**ବ୍ୟବହାର**

ବିଭିନ୍ନ ଫସଲରେ ଲାଗୁଥିବା କାତିପୋକ ଦମନ ପାଇଁ ଏହା ବ୍ୟବହାର କରାଯାଏ। ୩୫୦-୪୦୦ ଲିଟର ପାଣିରେ ୧ ଲିଟର କଲ୍‌ଚର ମିଶାଇ ୧ଏକର ଫସଲରେ ପତ୍ର ସିଞ୍ଚନ କରାଯାଏ।

**ନୋମୁରିଆ ରିଲେୟି**

ଏହି କବକ ଦେଖିବାକୁ ଧଳା ରଙ୍ଗର ଏବଂ ଏହାର ସ୍ପୋର୍‌ଗୁଡ଼ିକର ଫିକାଳିଆ, ସବୁଜରଙ୍ଗ। ଏହା କାଣ୍ଡବିନ୍ଧା, ପତ୍ରମୋଡ଼ା ଓ ସବୁଜ ରଙ୍ଗର ଶଁବାଳୁଆ, ନଳୀପୋକ, କର୍ତ୍ତକକୀଟ, ପତ୍ରଖିଆ ଗୋଟିପୋକ, ଆମେରିକୀୟ ଫଳବିନ୍ଧା ପୋକ ଇତ୍ୟାଦିକୁ ଆକ୍ରାନ୍ତକରେ। ଲାର୍ଭାକୁ ଆକ୍ରାନ୍ତ କରିବା ସମୟରେ ଲାର୍ଭା ଧଳାରଙ୍ଗର ଦେଖାଯାଏ। ପରେ ସ୍ପୋର ହୋଇଯିବା ପରେ ଫିକା ସବୁଜ ରଙ୍ଗକୁ ପରିବର୍ତ୍ତନ ହୋଇଯାଏ। ବଜାରରେ ଏହା ଇକୋଟକ୍ସ ନାମରେ ମିଳେ।

ବ୍ୟବହାର : ଏହା ଉଭୟ ମୃତ୍ତିକା ଉପଚାର ଓ ପତ୍ର ସିଞ୍ଚନ ରୂପେ ବ୍ୟବହାର କରାଯାଏ। ହେକ୍ଟର ପ୍ରତି ୨୫୦-୫୦୦ ଗ୍ରାମ ୫୦୦ ଲିଟର ପାଣିର ମିଶାଇ ଅପରାହ୍ନ ସମୟରେ ପ୍ରୟୋଗ କରାଯାଏ। ମାଟିର ବର୍ଗମିଟର ପ୍ରତି ୪ଗ୍ରାମ ଯେକୌଣସି ଜୈବ କମ୍ପୋଷ୍ଟ ସହ ମିଶାଇ ପ୍ରୟୋଗ କରିବାକୁ ପଡ଼େ। ସୂର୍ଯ୍ୟମୁଖୀ, ଚିନାବାଦାମ ବା କୁସୁମୀ ତେଲ ମିଶାଇଲେ ଏହି କବକ କାର୍ଯ୍ୟକାରିତା ବୃଦ୍ଧିପାଏ।

**ହିରସୁଟେଲା ଥମସନି ଓ ହିରସୁଟେଲା ସିଟ୍ରିଫର୍ମସ**

ଏହି ଶ୍ରେଣୀୟ କବକ ଗଛଡିଆଁ ଓ ପତ୍ରଡିଆଁ ପୋକ ପ୍ରାକୃତିକ ଦମନରେ ବହୁତ ସାହାଯ୍ୟ କରିଥାଏ। ଆକ୍ରାନ୍ତ ପୋକର କବକର ଧଳା ତନ୍ତୁ ଦ୍ୱାରା ଆବୃତ୍ତ ହୁଏ। ଏହାର ରଙ୍ଗ ପ୍ରଥମେ ଲହୁଣି ବର୍ଣ୍ଣ ଏବଂ ପରେ ବାଦାମୀ ବର୍ଣ୍ଣ ଦେଖାଯାଏ। କବଳ ତନ୍ତୁ ଦ୍ୱାରା ଛନ୍ଦିହୋଇ ପୋକଗୁଡ଼ିକ ପତ୍ର ଉପରେ ଲାଖି ରହନ୍ତି। ବଜାରରେ ଏହା ମାଇଁ କେୟାର ନାମରେ ମିଳୁଛି।

**ପ୍ୟାରସିଲୋମାଇସେସ୍ ଫ୍ୟୁମାସୋରୋସିଅସ୍**

ଏହି କବକଟି ମୁଖ୍ୟତଃ ପନିପରିବା, ଚାଇ ଆଦିରେ ଲାଗୁଥିବା ନାଲି ଅଷ୍ଟପଦୀ ଦମନ ପାଇଁ ବ୍ୟବହାର କରାଯାଏ। ଏହି କବକ ସ୍ପୋର ଅଷ୍ଟପଦୀ ସଂସ୍ପର୍ଶରେ ଆସିଲେ ଅଙ୍କୁରିତ ହୁଏ ଓ ଶରୀର ମଧ୍ୟକୁ ପ୍ରବେଶକରେ। ଶରୀର ମଧ୍ୟରେ ଏହା ବୃଦ୍ଧି ପାଇ କୀଟକୁ ନିଷ୍କ୍ରିୟ କରିଦିଏ ଏବଂ ସମସ୍ତ ପ୍ରକାର ଶରୀର କ୍ରିୟାକୁ ବନ୍ଦ କରିଦିଏ। ଶେଷରେ କୀଟକୁ ମାରିଦେଇଥାଏ।

ବ୍ୟବହାର : ବଜାରରେ ଏହି କବକ କଲ୍‌ଚର ମାଇକୋମାଇଟ୍ ଏବଂ ନିମୋଟେଶକଣ୍ଟ୍ରୋଲ ନାମରେ ମିଳୁଛି। ୫୦୦ ମି.ଲି. କଲ୍‌ଚର ୫୦୦ ଲିଟର ପାଣିରେ ମିଶାଇ ୧ହେକ୍ଟର ଜମିରେ ସିଞ୍ଚନ କରିବାକୁ ହୁଏ।

-ପ୍ରଥମ ବର୍ଷ ସ୍ନାତକୋତ୍ତର (କୃଷି),
କୀଟତତ୍ତ୍ୱ ବିଜ୍ଞାନ, ବନାରସ ହିନ୍ଦୁ
ବିଶ୍ୱବିଦ୍ୟାଳୟ, ଉତ୍ତର ପ୍ରଦେଶ
ମୋ : ୯୬୧୨୬୩୬୧୬୩

# ପରିବା ଚାଷ ଦେଇଛି ପରିଚୟ





**ସଫଳ କୃଷିଜୀବୀ**
**ପ୍ରମୋଦ ମହାନ୍ତ**

**କେନ୍ଦୁଝର** ଜିଲା ଚମ୍ପୁଆ ବ୍ଲକ୍ ଇଚିଣ୍ଡା ଗ୍ରାମର ଯୁବଚାଷୀ ପ୍ରମୋଦ ମହାନ୍ତ। ସ୍ଥାନୀୟ ଅଞ୍ଚଳରେ ପରିବା ଚାଷ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ବେଙ୍ଗାଲୁରୁରେ ଏକ ପ୍ରାଇଭେଟ କମ୍ପାନୀରେ କିଛିବର୍ଷ ଚାକିରି କରିବା ପରେ ସେ ଫେରି ଆସିଥିଲେ ଗାଁକୁ। ପ୍ରଥମେ ଚାଷ କାମରେ ବାପାଙ୍କୁ ସାହାଯ୍ୟ କରିଥିଲେ। ଆଉ ତା'ପରେ ପନିପରିବା ଚାଷକୁ ଆପଣେଇ ନେଇଛନ୍ତି ପ୍ରମୋଦ। ଏବେ ସେ କେବଳ ସ୍ଥାନୀୟ କିମ୍ବା ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳ ନୁହେଁ, ଅନ୍ୟ ରାଜ୍ୟକୁ ମଧ୍ୟ ପନିପରିବା ରପ୍ତାନି କରୁଛନ୍ତି। ଏ ସମ୍ପର୍କରେ ପ୍ରମୋଦ କହନ୍ତି, 'ବେଙ୍ଗାଲୁରୁରୁ ଫେରିବା ପରେ ବାପାଙ୍କୁ ଚାଷ କାମରେ ସାହାଯ୍ୟ କରୁଥିଲି। ପରବର୍ତ୍ତୀ ସମୟରେ ଚାଷକୁ ଆୟର ଅନ୍ୟତମ ପନ୍ଥା ଭାବରେ ବାଛିନେଲି। ଚାଷ କାର୍ଯ୍ୟକୁ ଆଗକୁ ବଢ଼ାଇବା ଲାଗି ଅତ୍ୟାଧୁନିକ ପ୍ରଣାଳୀ ଅନୁସରଣ କରୁଛି। ଅଧିକ ଅମଳକ୍ଷମ ବିହନ ନେଇ ପ୍ରଥମେ ନିଜ ଜମିରେ ପୋଟଳ, ଲଙ୍କା, କଳରା, ଫୁଲ କୋବି, ଟମାଟୋ, ବିନ୍ ସହିତ ନାଲି ତରଭୁଜ ଚାଷ ଆରମ୍ଭ କରିଥିଲି। ପ୍ରଥମେ ତ କ୍ଷତି ସହିବାକୁ ପଡିଥିଲା। ମାତ୍ର ପରେ ଚାଷ ପାଇଁ ଜଳସେଚନର ସୁବିଧା ଅଧିକ ଉପଲବ୍ଧ ହେବା ପରେ ୭ ଏକର ଜମିରେ ଚାଷ ଆରମ୍ଭ କଲି। ଏବେ ମୁଁ ଚାଷ କରୁଥିବା ପନିପରିବା ସ୍ଥାନୀୟ ମାର୍କେଟ ସହ କଟକ, ଯାଜପୁର, ବାଲିଚନ୍ଦ୍ରପୁର ଆଉ ବେଙ୍ଗାଲୁରୁକୁ ରପ୍ତାନି ହେଉଛି। ଗତ ବର୍ଷ ସୁଆଦିଆ ହଳଦିଆ ତରଭୁଜ ଚାଷ କରି ଲାଭବାନ ହୋଇଛି। ଏବେ ପନିପରିବା ଚାଷ ହିଁ ମୋତେ ନୂଆ ପରିଚୟ ଦେଇଛି। ମୋତେ ଏବେ ପ୍ରାୟ ୧୫ ଜଣ ଚାଷକାମରେ ସାହାଯ୍ୟ କରୁଛନ୍ତି। ବର୍ଷକୁ ପାଖାପାଖି ୧୧-୧୨ ଲକ୍ଷ ଟଙ୍କା ଲାଭ ମିଳୁଛି। "ଚଳିତ ବର୍ଷ ଆଉ ୪ ଏକର ଜମି ଲିଜ୍‌ରେ ନେଇଛି। ପଲି ହାଉସ୍ ମାଧ୍ୟମରେ ଲଙ୍କା, ବାଇଗଣ, କଳରା, ଟାମାଟୋ ଚାରା ବିକ୍ରିକରି ବେଶ୍ ଲାଭବାନ ହୋଇପାରଛି ବୋଲି କହନ୍ତି ପ୍ରମୋଦ। ନିକଟରେ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଜିଲା ଓ ରାଜ୍ୟସ୍ତରରେ ସଫଳ ଚାଷୀ ଭାବେ ପ୍ରମୋଦ ପୁରସ୍କୃତ ହୋଇଛନ୍ତି।


**-ମହେଶ୍ୱର ଦାସ**

# ଭେଣ୍ଡିରେ ଖତସାର ପ୍ରୟୋଗ



**ଭେଣ୍ଡି** ଲଗାଇବା ସମୟରେ ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଓ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ। ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ। ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଭଲ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ। ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ। ଭେଣ୍ଡିର ଉନ୍ନତ କିସମ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ ଏବଂ ପୁଷା-ଏ-୪।

# ଅଦା-ହଳଦୀ ଚାଷ



**ଅଦା**, ହଳଦୀ ଚାଷ ପାଇଁ ୧ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ। ୨ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ। ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ। ଅତିକମ୍‌ରେ ଲଗାଇବାର ୧ମାସ ପୂର୍ବରୁ ଜମି ପ୍ରସ୍ତୁତକରି ଖରା ପଡ଼ିବାକୁ ଦିଆଯିବା ଉଚିତ। ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ। ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଂ) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଦରକାର। ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ।

# ଜାଣିରଖନ୍ତୁ...



**ପ୍ରାଣୀ**ଙ୍କୁ ଫାଟୁଆ ବ୍ୟତୀତ ସାହାଣ, ବଜବଜିଆ ରୋଗରୁଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।

➤କୁକୁଡ଼ାଙ୍କର ନାଳିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମାରୋଗ ନିୟନ୍ତ୍ରଣ ପାଇଁ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।

➤ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ।

# ମନ୍ଦା ପ୍ରଣାଳୀରେ ଆଖୁ ଲଗାଇଥିଲେ...



**ମନ୍ଦା** ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାରକଲେ ୟୁରିଆ ସହ ନିମ୍ବ ପିଡ଼ିଆ ମିଶାଇ ପ୍ରୟୋଗକରନ୍ତୁ। ୧୦୦କି.ଗ୍ରା. ୟୁରିଆ ସହ ୨୦କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇବାକୁ ପଡ଼ିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବରଖତ ସହ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉ ଥରେ ଆଖୁଗଛ ମୂଳରେ ଦିଅନ୍ତୁ।

ଆଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡ଼ା ଖୁସାକରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।

# ଲଙ୍କାରେ ଫଳପଚା ରୋଗ

**ଲଙ୍କା** ଫସଲରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। କୀଟନାଶକ ପକାଇବାର ୧ ସପ୍ତାହ ପରେ ଏହା ଖାଇବା ଲାଗି ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରିପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି। ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମି.ଲି. ଏଣ୍ଡୋସଲ୍‌ଫାନ୍ କିମ୍ବା ୫୦୦ ମି.ଲି. ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲ୍‌ଟରନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।



# ସୂର୍ଯ୍ୟମୁଖୀରେ ଜଳସେଚନ

**ସୂର୍ଯ୍ୟମୁଖୀ** ଗଛରେ ଦାନା ଗଠନ ସମୟରେ ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ। ଏହି ସମୟରେ ଏଥିରେ ବିଭିନ୍ନ ପ୍ରକାର ରୋଗପୋକ ଲାଗିବାର ଆଶଙ୍କା ରହିଛି। ସୂର୍ଯ୍ୟମୁଖୀ ଚାଷରେ କାଳିମୁଣ୍ଡି ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମି.ଲି. କ୍ଲୋରୋପାଇରିଫସ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଫସଲ ୪୦ ରୁ ୫୦ ଦିନର ହୋଇଯାଇଥିଲେ ଏକର ପ୍ରତି ଉନ୍ନତ କିସମ ଲାଗି ୩ କି.ଗ୍ରା. ଓ ସଙ୍କରଜାତୀୟ ପାଇଁ ୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଫୁଲ ଆସିବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ରୁ ୩ ଗ୍ରାମ୍ ହିସାବରେ ବୋରକ୍ସ ମିଶାଇ ସିଞ୍ଚନ କରନ୍ତୁ।



# ପିଆଜରେ ଉକୁଣିଆ ପୋକ ଦମନ



**ପିଆଜ**ରେ ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମି.ଲି. ଡାଇମେଥୋଏଟ୍ କିମ୍ବା ୫୦ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଆଗରୁ ଲଗାଯାଇଥିବା ପିଆଜରେ ଅଲ୍‌ଟରନାରିଆ ଜନିତ ପତ୍ରପୋଡ଼ା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।

## ସଂକ୍ଷେପରେ

### ଯୁବତୀଙ୍କ ମୃତଦେହ ଜବତ

ବଇଣ୍ଡା,୨୧।୨(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ନାଗାଡ଼ଶଣ ଗ୍ରାମ ନିକଟସ୍ଥ ଏକ ଗଛରୁ ମଙ୍ଗଳବାର ସେହି ଗ୍ରାମର ଦମୟନ୍ତୀ ବେହେରାଙ୍କ ମୃତଦେହ ବଇଣ୍ଡା ଫାଣ୍ଡି ପୋଲିସ ଜବତ କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ଦମୟନ୍ତୀ ପାରିବାରିକ କଳହକୁ ନେଇ ମଙ୍ଗଳବାର ସକାଳୁ ଘରୁ ପଳାଇ ଯାଇଥିଲେ। ଗ୍ରାମର ଏକ ନିଛାଟିଆ ଅଞ୍ଚଳରେ ଥିବା ଗଛରେ ଓଢ଼ଣି ସାହାଯ୍ୟରେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ମୃତଦେହ ଅଞ୍ଚଳବାସୀ ଦେଖି ପୋଲିସକୁ ସୂଚନା ଦେଇଥିଲେ। ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ମୃତିରଞ୍ଜନ ନାୟକ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛନ୍ତି।

### କାର୍ ସହ ଡିଜେଲ୍ ଜବତ, ଜଣେ ଗିରଫ

ବଇଣ୍ଡା,୨୧।୨(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ପୋଲିସ ସୋମବାର ବିଳମ୍ବିତ ରାତିରେ ଲୁହାମୁଣ୍ଡା ନିକଟରୁ ଏକ ନମ୍ବର ବିହୀନ କାରରୁ ୨୦୦ ଲିଟର ଚୋରା ଡିଜେଲ ଜବତ କରିଛି। ଏହି ଘଟଣାରେ ଲୁହାମୁଣ୍ଡା ଗ୍ରାମର ବସନ୍ତ କୁମାର ବିଶ୍ୱାଳଙ୍କୁ ଗିରଫ କରାଯାଇଛି। ହଣ୍ଡପା ଆଇଆଇସି ନମିତା ନାୟକ କହିଛନ୍ତି, ବସନ୍ତ ଏକ କାର ଯୋଗେ ବିଳମ୍ବିତ ରାତିରେ ଚୋରା ଡିଜେଲ ନେଉଥିବାବେଳେ ଲୁହାମୁଣ୍ଡା ଛକଠାରେ ପୋଲିସ ଚଢ଼ାଉ କରି ଗାଡ଼ି ଓ ଚୋରା ଡିଜେଲ ଜବତ କରିଥିଲା। ଏ ନେଇ ନଂ. ୪୩/୨୩ରେ ଏକ ମାମଲା ରୁଜୁ କରିଛି।

### ଅବକାରୀ ଚଢ଼ାଉ, ୬ ଗିରଫ

ବଇଣ୍ଡା,୨୧।୨(ଡି.ଏନ.ଏ.): ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଠାକୁରଗଡ଼ ଏବଂ ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ମଦ ଜବତ କରାଯାଇଛି। ଏହି ଘଟଣାରେ



ଠାକୁରଗଡ଼ ଥାନା ବରହମ ଗ୍ରାମର ବାସନ୍ତୀ ମାଝି, ଝିଲ୍ଲିମୁଣ୍ଡା ଗ୍ରାମର ନିରଞ୍ଜନ ବେହେରା, ହଣ୍ଡପା ଥାନା ସୋଲଣ୍ଡା ଗ୍ରାମର ବିଜୁଳି ସେଠୀ, ଭେଜିଗୋଠ ଗ୍ରାମର ନିର୍ମଳ କାନ୍ଧିଆ, ପାପସରା ଗ୍ରାମର କସ୍ତୁରୀ ପ୍ରଧାନ ଏବଂ ବଇଣ୍ଡା ଛକଠାରେ ଦୋକାନ ଦେଇଥିବା ମଧୁସୂଦନ ମାଲୁଆଙ୍କୁ ଗିରଫ କରାଯାଇଛି। ଏମାନେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ବିଭାଗ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜ, ରମେଶ ଚନ୍ଦ୍ର ବେହେରା, ମାନସ ରଞ୍ଜନ, ରଶ୍ମିତା ବେହେରା ପ୍ରମୁଖ ଚଢ଼ାଉ କରିଥିଲେ।

### ମା' ପଞ୍ଚେଇ କ୍ରିକେଟ ଉଦ୍‌ଯାପିତ



ମାଧପୁର, ୨୧।୨: ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତର ନାଏକପଡା ବାଲିଘାଟ ପଡ଼ିଆରେ ଅନୁଷ୍ଠିତ ମା' ପଞ୍ଚେଇ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୧୬ଟି ଦଳକୁ ନେଇ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିବା ବେଳେ ଫାଇନାଲ ମ୍ୟାଚ ହେଲେଇ ଏବଂ ଚନ୍ଦଲି ମଧରେ ଖେଳାଯାଇଥିଲା। ଏଥିରେ ଚନ୍ଦଲି ଦଳ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଞ୍ଜୀବ କର୍ମୀ ଏବଂ ମିଥୁନ ପଣ୍ଡା ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ। ପଞ୍ଚେଇ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥଲେ।

### ବାଇକ୍ ଡିକି ଭାଙ୍ଗି ୫୫ ହଜାର ଲୁଟ୍

କଣିହାଁ,୨୧।୨(ଡି.ଏନ.ଏ.): କଣିହାଁ ମେଡିକାଲ ନିକଟସ୍ଥ କମଳୀନି ଏଚ୍‌ପି ଗ୍ୟାସ୍ ସମ୍ମୁଖରୁ ସୋମବାର ଅପରାହ୍ନରେ ଏକ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୫୫ ହଜାର ଟଙ୍କା ଲୁଟି ନେଇଛନ୍ତି। ପୋଲିସ କହିଛି, ତେଲିସିଂହା ଗ୍ରାମର ଅଜୟ କୁମାର ଦେହୁରୀ ୟୁକୋ ବ୍ୟାଙ୍କରୁ ୫୫ ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖି ଗ୍ୟାସ ଆଣିବା ପାଇଁ ଏଜେନ୍ସିକୁ ଯାଇଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ତାଙ୍କ ବାଇକ୍ ଡିକି ଭାଙ୍ଗି ଟଙ୍କା ନେଇଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏ ନେଇ କଣିହାଁ ଥାନାରେ ନଂ. ୩୯/୨୩ରେ ମାମଲା ରୁଜୁ ହୋଇଛି।

# ଥାନା ସମ୍ମୁଖରେ ଭାଜପାର ବିକ୍ଷୋଭ



କଣିହାଁ,୨୧।୨ (ଡି.ଏନ.ଏ.): ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡର ତଦନ୍ତରେ ଅବହେଳା କରାଯାଉଥିବା ଅଭିଯୋଗ କରି ମଙ୍ଗଳବାର ଭାଜପା ତରଫରୁ କଣିହାଁ ବ୍ଲକ ସମଲ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା କର୍ମୀମାନେ ପ୍ରଥମେ ଶୋଭାଯାତ୍ରାରେ ଯାଇ ସମଲ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଶେଷରେ ଏକ ଦାବିପତ୍ର ଥାନାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୁଲେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଧର ସାହୁ, ଦୁଃଶାସନ ସାମଲ, ସୌମ୍ୟରଞ୍ଜନ ପ୍ରଧାନ, କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ସାମିଲ ଥିଲେ।

# ରାଧାମୋହନଙ୍କ କାବ୍ୟ ସାହିତ୍ୟ ଉପରେ ଆଲୋକପାତ



ଅନୁଗୋଳ ଅଫିସ,୨୧।୨

ରାଧାମୋହନ ଗଡ଼ନାୟକ ସ୍ମୃତି ସଂସଦ ଅନୁଗୋଳ ତରଫରୁ ସ୍ଥାନୀୟ ବାଜି ରାଉତ ଛାତ୍ରାବାସ ସମ୍ମିଳନୀ କକ୍ଷରେ ପଦ୍ମଶ୍ରୀ କବି ରାଧାମୋହନ ଗଡ଼ନାୟକଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ପ୍ରଫେସର କୁମୁଦଚନ୍ଦ୍ର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ଧରଣୀଧର ନାଥ, ମୁଖ୍ୟବକ୍ତା ଭାବେ ପ୍ରଫେସର ଶାନ୍ତନୁ କୁମାର ସର ଯୋଗଦେଇ କବିଙ୍କ କାବ୍ୟ ସାହିତ୍ୟର ତାତ୍ତ୍ୱିକ ଦିଗ ଉପରେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ ସୁଶାନ୍ତ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅଧାପକ ମନୋଜ ବେହେରା ଧନ୍ୟବାଦ ଦେଇଥିଲେ।

# ଶପଥ ନେଲେ ଛାତ୍ରୀଛାତ୍ର



ବଇଣ୍ଡା,୨୧।୨(ଡି.ଏନ.ଏ.)

କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ଏଥିରେ ଅଧକ୍ଷତା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ସଂଗ୍ରାମ କେଶରୀ ପୃଷ୍ଟି, ଶିକ୍ଷକ ଭୈରବ ଦେହୁରୀ, ପ୍ରସନ୍ନ ପ୍ରଧାନ, ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ସୋମାଞ୍ଜଳି ସାହୁ ପ୍ରମୁଖ ଯୋଗଦେଇ ମାତୃଭାଷାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀଛାତ୍ରମାନେ ମାତୃଭାଷାକୁ ଶୁଦ୍ଧପୂତ ଭାବେ ପ୍ରୟୋଗ କରିବା ପାଇଁ ଶପଥ ନେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।


## ଦ.ପୂ. ରେଳପଥ - ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୬୧-ଜିଆର୍‌ସି-ସିଇ-ସି-ଏଚ୍‌କ୍ୟୁ-୦୪-୨୦୨୩, ତାରିଖ ୨୦।୦୨।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏଚ୍‌କ୍ୟୁ/ଗାର୍ଡେନ ରିଚ୍, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ନାରାୟଣଗଡ଼-ଭଦ୍ରକ ୩ୟ ଲାଇନ୍ ପ୍ରୋଜେକ୍ଟ ଏବଂ ସଂକ୍ରେଲ-ସାନ୍ତ୍ରାଗାଛି ଲିଙ୍କ୍ ଲାଇନ୍ ପ୍ରୋଜେକ୍ଟ ପାଇଁ ବଡ଼ହରୱା/ବାକୁଡିହି/ତାଳଝରି/ସାହିବଗଞ୍ଜ/ପିନାର ଗରିଆ/ରାଜଗ୍ରାମ କ୍ୱାରି ବାଲାଷ୍ଟଠାରେ ଯେକୌଣସି ପ୍ରକାର ରେଳ ୱାଗନ୍/ହପର୍ ମଧ୍ୟରେ ୫୦ ମିମି ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ପ୍ରସ୍ତୁତି, ଯୋଗାଣ ଏବଂ ଲୋଡ଼ିଂ (ମାପ ଗନ୍ତବ୍ୟସ୍ଥଳୀରେ କରାଯିବ) । **ଆନୁମାନିକ ମୂଲ୍ୟ:** ₹୯.୮୫ କୋଟି । **ବିଡ୍ ଅମାନତ:** ₹୬,୪୨,୬୦୦/- । **ସମାପ୍ତି ଅବଧି:** ୦୬ ମାସ । **ସମାପ୍ତି ତାରିଖ:** ୧୫।୦୩।୨୦୨୩ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ଟେଣ୍ଡର ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି ପରିସ୍ଥିତିରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଦ୍ରଷ୍ଟବ୍ୟ:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-1144)

## ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/22-23/E-Tender/154,ତା.17.02.2023ରିଖ

(1) ଟେଣ୍ଡର ସଂ.etender-CENT-KUR-426-2022,ତା.16.02.2023ରିଖ

**ବିବରଣୀ:** ଅନୁଗୁଳ ଠାରେ ବିଦ୍ୟୁତ୍ ଲୋକୋ ସେଡ୍‌ର ଉନ୍ନୟନ ଏବଂ ବୃଦ୍ଧି ସମ୍ବନ୍ଧୀୟ ବିବିଧ କାର୍ଯ୍ୟ ଗୁଡ଼ିକର ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 76.17 ଲକ୍ଷ, EMD (ଟଙ୍କାରେ): 1,52,400/-।

(2) ଟେଣ୍ଡର ସଂ.etender-CENT-KUR-427-2022,ତା.16.02.2023ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଢେଙ୍କାନାଳ ପରିସୀମା ଅଧୀନସ୍ଥ ସିନିୟର ସେକ୍ସନ ଇଞ୍ଜିନିୟର (କାର୍ଯ୍ୟ)/ତାଳଚେରଙ୍କ ନିମନ୍ତେ ଷ୍ଟୋର, ସାଇକେଲ ଷ୍ଟାଣ୍ଡ, ପ୍ରବେଶ ଫାଟକ, ବର୍ଷା ଜଳ ସଂରକ୍ଷଣ ଇତ୍ୟାଦିର ଉନ୍ନୟନ ଭଳି କାର୍ଯ୍ୟାଳୟ ଭବନର ପ୍ରସ୍ତାବିତ ନିର୍ମାଣ ଏବଂ ଅନ୍ୟ ସମ୍ପର୍କିତ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 56.77 ଲକ୍ଷ, EMD (ଟଙ୍କାରେ) : 1,13,500/-।

(3) ଟେଣ୍ଡର ସଂ.etender-CENT-KUR-431-2022,ତା.17.02.2023ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଢେଙ୍କାନାଳ ପରିସୀମା ଅଧୀନସ୍ଥ ଢେଙ୍କାନାଳ ଏବଂ ମେରାମଣ୍ଡଳୀ ଠାରେ କର୍ମଚାରୀ ଆବାସ ଏବଂ ଷ୍ଟେସନ ପର୍ଯ୍ୟନ୍ତ ଜଳ ଯୋଗାଣ ପ୍ରଣାଳୀର ପ୍ରସ୍ତାବିତ ବୃଦ୍ଧି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 178.47 ଲକ୍ଷ, EMD (ଟଙ୍କାରେ) : 2,39,200/-।

ଶେଷ ହେବା ଅବଧି : 06(ଛଅ) ମାସ (କ୍ରମ ସଂ.1 ପାଇଁ), 07 (ସାତ) ମାସ (କ୍ରମ ସଂ.2 ପାଇଁ) ଏବଂ 08 (ଆଠ) ମାସ (କ୍ରମ ସଂ.3 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.10.03.2023 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ୍

PR-1027/N/22-23

## GOVT. OF ODISHA
No. O-1884

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR

Tel.: 06766-258301 (O), email: se_nerwkjr@rediffmail.com

**e-Procurement Notice for Bridge Works under BSY**

No. 727 — Identification No. - Bridge Online NCB No. 363 — Date: 20.02.2023

1. Name of the Work : Construction of Bridge Works under Biju Setu Yojana in the District of Keonjhar.
2. No. of Work : 02 (Two) Nos.
3. Estimated Cost : As per Annexure in NIT
4. Class of Contractor (Eligible) : As per Annexure in NIT
5. Period of Completion : As per Annexure in NIT
6. Other Details :

| Procurement Officer | Bid Identification No. | Availability of tender Online for Bidding — From | To | Last date & time of seeking Tender Clarification | Date & time of Opening of Tender in O/o. C.C.E., R.W. Circle, Keonjhar — Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Bridge Online NCB No. 363 | Dt.27.02.2023 at 11.00 A.M. | Dt.14.03.2023 upto 5.00 P.M. | Dt.13.03.2023 upto 5.00 P.M. | Dt.15.03.2023 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in.

OIPR-25177/11/0041/2223 — Sd./- Chief Construction Engineer, R.W. Circle, Keonjhar

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
### ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେଶନ ସୋସାଇଟି (OMTES), ଭୁବନେଶ୍ୱର
### Ekalavya Model Residential School (EMRS)
### (ଟ୍ରାଇବାଲ ରୁରାଲ ଟ୍ୟାଲେଣ୍ଟ ସର୍ଚ୍ଚ) TRTS ଆବେଦନ ବିଜ୍ଞାପନ

No.CAD-4828:- ଭାରତ ସରକାରଙ୍କ ଅନୁଦାନରେ କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜ, କେନ୍ଦୁଝର, ଗଜପତି, କନ୍ଧମାଳ, ନବରଙ୍ଗପୁର, ଯାଜପୁର, ମାଲକାନଗିରି, ନୂଆପଡ଼ା, ସମ୍ବଲପୁର, ବଲାଙ୍ଗୀର, ସୁନ୍ଦରଗଡ଼, କଳାହାଣ୍ଡି, ଦେବଗଡ଼, ଝାରସୁଗୁଡ଼ା ଏବଂ ବାଲେଶ୍ୱର ଜିଲ୍ଲାରେ ପ୍ରତିଷ୍ଠିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (EMRS)ମାନଙ୍କରେ ଶିକ୍ଷାବର୍ଷ ୨୦୨୩-୨୪ ପାଇଁ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଇ.ଏମ୍.ଆର୍.ଏସ୍.ଏସ୍.ଟି. (EMRSST) ପ୍ରବେଶିକା ପରୀକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଯୋଗ୍ୟ ତାଲିକା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟରେ ୩୦ ଜଣ ଛାତ୍ର ଓ ୩୦ ଜଣ ଛାତ୍ରୀଙ୍କୁ ଗ୍ରହଣ କରାଯିବ । ଏତଦ୍‌ବ୍ୟତୀତ ସମୁଦାୟ ସିଟ୍ ସଂଖ୍ୟା (୬୦)ର ୧୦ ପ୍ରତିଶତ ସିଟ୍ ଅଣ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ । ତନ୍ମଧ୍ୟରୁ ଉଗ୍ରବାଦ ଦ୍ୱାରା ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କର ପିଲା, ବିଧବାଙ୍କ ପିଲା, ଦିବ୍ୟାଙ୍ଗ ପିତାମାତାଙ୍କ ପିଲା ଏବଂ ଅନ୍ୟମାନେ ଯଥା ଭୂଦାନ କରିଥିବା ବ୍ୟକ୍ତିଙ୍କ ପିଲାମାନଙ୍କୁ ଓ ଅନାଥ ଶିଶୁଙ୍କୁ ଅଗ୍ରାଧିକାର ଭିତ୍ତିରେ ନାମ ଲେଖାଇବା ପାଇଁ ସୁଯୋଗ ଦିଆଯିବ । ୫ ପ୍ରତିଶତ ସ୍ଥାନ ଭିନ୍ନକ୍ଷମ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷିତ ରହିବ । ଯଦି ଭିନ୍ନକ୍ଷମ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଆବେଦନ କରି ନ ଥାନ୍ତି ତେବେ ଉକ୍ତ ସ୍ଥାନଗୁଡ଼ିକ ଅନ୍ୟ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୂରଣ କରାଯିବ ।

ପୁନଶ୍ଚ EMRS ଥିବା ବ୍ଲକରେ କାର୍ଯ୍ୟ କରୁଥିବା ସରକାରୀ ଡାକ୍ତରଖାନାର ଡାକ୍ତର ପାରାମେଡିକାଲ କର୍ମଚାରୀ ଏବଂ EMRS କର୍ମଚାରୀଙ୍କ ପିଲାଙ୍କ ପାଇଁ ସର୍ବାଧିକ ୧୦ଟି ଲେଖାଏଁ ସିଟ୍ ସେକ୍ସନଓ୍ୱାରୀ ଅନୁମୋଦିତ ହୋଇଛି । ଏହି ସୁବିଧା କେବଳ ବଡ଼ ଦୁଇ ବଞ୍ଚିଥିବା ପିଲାଙ୍କ ପାଇଁ ଉଦ୍ଦିଷ୍ଟ ହେବ ।

ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୧୦.୦୩.୨୦୨୩ । ଉପରୋକ୍ତ ବର୍ଗର ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଦିଆଯାଇଥିବା ଆବେଦନ ପତ୍ରକୁ ସାଦା କାଗଜରେ ପୂରଣ କରି ସମ୍ପୃକ୍ତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧକ୍ଷ ଅଥବା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ (ଯାହା ପ୍ରଯୁଜ୍ୟ) ନିକଟକୁ ପଠାଇବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ଆବେଦନ ପତ୍ର ତଥା ତତ୍‌ସମ୍ବନ୍ଧୀୟ ସବିଶେଷ ବିବରଣୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ୱେବ୍‌ସାଇଟ୍ - www.stscodisha.gov.in / ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେଶନ ସୋସାଇଟି (OMTES)ର ୱେବ୍‌ସାଇଟ୍ www.omtes.org ରୁ ପାଇପାରିବେ ।

| କ୍ରମିକ ସଂଖ୍ୟା | ଆଦର୍ଶ ବିଦ୍ୟାଳୟର ଅବସ୍ଥିତି | ଦରଖାସ୍ତ ଗ୍ରହଣ କରିବା ଅଧିକାରୀଙ୍କ ଠିକଣା |
|---|---|---|
| ୧ | ଧାନଘେରା, ଜିଲ୍ଲା- ମୟୂରଭଞ୍ଜ | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଧାନଘେରା |
| ୨ | ଭବାନୀପୁର, ଜିଲ୍ଲା - ସୁନ୍ଦରଗଡ଼ | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଭବାନୀପୁର |
| ୩ | ଶିରିଗୁଡ଼ା, ଜିଲ୍ଲା- ରାୟଗଡ଼ା | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଶିରିଗୁଡ଼ା |
| ୪ | ପୁଙ୍ଗାର, ଜିଲ୍ଲା- କୋରାପୁଟ | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ପୁଙ୍ଗାର |
| ୫ | ରାଙ୍କି, ଜିଲ୍ଲା- କେନ୍ଦୁଝର | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଙ୍କି |
| ୬ | ଚନ୍ଦ୍ରଗିରି, ଜିଲ୍ଲା- ଗଜପତି | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଚନ୍ଦ୍ରଗିରି |
| ୭ | ମହାସୀଙ୍ଗୀ, ଜିଲ୍ଲା- କନ୍ଧମାଳ | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମହାସୀଙ୍ଗୀ |
| ୮ | ହିର୍ଲି, ଜିଲ୍ଲା- ନବରଙ୍ଗପୁର | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ହିର୍ଲି |
| ୯ | ଲହୁଣିପଡ଼ା- ସୁନ୍ଦରଗଡ଼ | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲହୁଣିପଡ଼ା |
| ୧୦ | ଲାଇଙ୍ଗ- ସୁନ୍ଦରଗଡ଼ | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲାଇଙ୍ଗ |
| ୧୧ | ରାମ୍ପିଲୋ, କଳିଙ୍ଗନଗର, ଜିଲ୍ଲା- ଯାଜପୁର | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାମ୍ପିଲୋ |
| ୧୨ | ମାଲକାନଗିରି, ଜିଲ୍ଲା- ମାଲକାନଗିରି | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମାଲକାନଗିରି |
| ୧୩ | ନୂଆପଡ଼ା, ଜିଲ୍ଲା- ନୂଆପଡ଼ା | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ନୂଆପଡ଼ା |
| ୧୪ | କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ସମ୍ବଲପୁର |
| ୧୫ | ଡୁମରବାହାଲ, ଜିଲ୍ଲା- ବଲାଙ୍ଗୀର | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ବଲାଙ୍ଗୀର |
| ୧୬ | ବିକ୍ରମପୁର, ଜିଲ୍ଲା- ରାୟଗଡ଼ | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ରାୟଗଡ଼ |
| ୧୭ | ବାଙ୍ଗିରପୋଷୀ, ଜିଲ୍ଲା- ମୟୂରଭଞ୍ଜ | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ମୟୂରଭଞ୍ଜ |
| ୧୮ | କରଞ୍ଜିଆ, ଜିଲ୍ଲା- ମୟୂରଭଞ୍ଜ | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ମୟୂରଭଞ୍ଜ |
| ୧୯ | କୁଆଁରମୁଣ୍ଡା, ଜିଲ୍ଲା- ସୁନ୍ଦରଗଡ଼ | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ସୁନ୍ଦରଗଡ଼ |
| ୨୦ | ଧନରଭଟ୍ଟ, ଜିଲ୍ଲା- କଳାହାଣ୍ଡି | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, କଳାହାଣ୍ଡି |
| ୨୧ | ରାଇରଙ୍ଗପୁର (ବହଳଦା), ଜିଲ୍ଲା- ମୟୂରଭଞ୍ଜ | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ମୟୂରଭଞ୍ଜ |
| ୨୨ | ଫିରିଙ୍ଗିଆ, ଜିଲ୍ଲା- କନ୍ଧମାଳ | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, କନ୍ଧମାଳ |
| ୨୩ | ଚମ୍ପୁଆ (ଗିଧିବାସ), ଜିଲ୍ଲା- କେନ୍ଦୁଝର | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, କେନ୍ଦୁଝର |
| ୨୪ | ଜୟପୁର (କୋଙ୍ଗା), ଜିଲ୍ଲା- କୋରାପୁଟ | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, କୋରାପୁଟ |
| ୨୫ | ତିଲେଇବାଣୀ (କଳାମାଟି), ଜିଲ୍ଲା- ଦେବଗଡ଼ | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ଦେବଗଡ଼ |
| ୨୬ | କିରମୀରା, ଜିଲ୍ଲା- ଝାରସୁଗୁଡ଼ା | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ଝାରସୁଗୁଡ଼ା |
| ୨୭ | ସଲଦହରା, ଜିଲ୍ଲା- ବାଲେଶ୍ୱର | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ବାଲେଶ୍ୱର |
| ୨୮ | ଲାଠିକଟା, ଜିଲ୍ଲା- ସୁନ୍ଦରଗଡ଼ | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ସୁନ୍ଦରଗଡ଼ |
| ୨୯ | ଗୁମ୍ମା, ଜିଲ୍ଲା- ଗଜପତି | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ଗଜପତି |
| ୩୦ | ଚନ୍ଦ୍ରପୁର, ଜିଲ୍ଲା- ରାୟଗଡ଼ା | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ରାୟଗଡ଼ା |
| ୩୧ | ମାଥିଲି, ଜିଲ୍ଲା- ମାଲକାନଗିରି | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ମାଲକାନଗିରି |
| ୩୨ | କୋଟପାଡ଼, ଜିଲ୍ଲା- କୋରାପୁଟ | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, କୋରାପୁଟ |

ବିଶେଷ ଦ୍ରଷ୍ଟବ୍ୟ: (୧) ଏଠାରେ ପୁନଶ୍ଚ ସୂଚାଇ ଦିଆଯାଉଛି ଯେ, ସମ୍ପୃକ୍ତ ବର୍ଗର ପିଲାମାନେ ସେମାନଙ୍କର ଜାତିଗତ ପ୍ରମାଣପତ୍ରର ନକଲ ଦରଖାସ୍ତରେ ସଂଲଗ୍ନ କରି ଆବେଦନ କରିବେ ।

ସ୍ୱା./- ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି), ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
### ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେଶନ ସୋସାଇଟି (OMTES), ଭୁବନେଶ୍ୱର
### Kalinga Model Residential School (KMRS)
### (ଟ୍ରାଇବାଲ ରୁରାଲ ଟ୍ୟାଲେଣ୍ଟ ସର୍ଚ୍ଚ) TRTS ଆବେଦନ ବିଜ୍ଞାପନ

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ୪ ଗୋଟି କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ (KMRS) ୨୦୧୮-୧୯ ଶିକ୍ଷାବର୍ଷଠାରୁ ଏବଂ ଆଉ ଏକ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ୨୦୨୨-୨୩ ଶିକ୍ଷାବର୍ଷଠାରୁ କାର୍ଯ୍ୟକ୍ଷମ ହୋଇଅଛି । ଏଥିପାଇଁ ଶିକ୍ଷାବର୍ଷ ୨୦୨୩-୨୪ରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଟିଆରଟିଏସ (TRTS) ପ୍ରବେଶିକା ପରୀକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଯୋଗ୍ୟ ତାଲିକା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟରେ ୩୦ ଜଣ ଛାତ୍ର ଓ ୩୦ ଜଣ ଛାତ୍ରୀଙ୍କୁ ଗ୍ରହଣ କରାଯିବ । ସରକାରୀ ନିୟମ ଅନୁଯାୟୀ ଭିନ୍ନକ୍ଷମ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥାନ ସଂରକ୍ଷିତ ରହିବ । ଯଦି ଭିନ୍ନକ୍ଷମ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଆବେଦନ କରିନଥାନ୍ତି ତେବେ ଉକ୍ତ ସ୍ଥାନଗୁଡ଼ିକ ଅନ୍ୟ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୂରଣ କରାଯିବ ।

ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୧୦.୦୩.୨୦୨୩ । ଉପରୋକ୍ତ ବର୍ଗର ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଦିଆଯାଇଥିବା ଆବେଦନ ପତ୍ରକୁ ସାଦା କାଗଜରେ ପୂରଣ କରି ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟକୁ ପଠାଇବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ଆବେଦନ ପତ୍ର ତଥା ତତ୍‌ସମ୍ବନ୍ଧୀୟ ସବିଶେଷ ବିବରଣୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ୱେବସାଇଟ -www.stscodisha.gov.in/ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେଶନ ସୋସାଇଟି (OMTES) ର ୱେବସାଇଟ www.omtes.org ରୁ ପାଇପାରିବେ ।

| କ୍ରମିକ ସଂଖ୍ୟା | ବିଦ୍ୟାଳୟଗୁଡିକର ନାମ ଏବଂ ଠିକଣା | ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ ସଂଖ୍ୟା — ବାଳକ | ବାଳିକା | ଦରଖାସ୍ତ ଜମା କରିବା ସ୍ଥାନ ଏବଂ ଠିକଣା |
|---|---|---|---|---|
| ୧ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ବାଲିମେଳା, କୋରକୁଣ୍ଡା, ମାଲକାନଗିରି | ଅନୁସୂଚିତ ଜନଜାତି-୨୫<br>ଆଦିମ ଜନଜାତି-୦୨<br>ଅନୁସୂଚିତ ଜାତି-୦୩ | ଅନୁସୂଚିତ ଜନଜାତି-୨୫<br>ଆଦିମ ଜନଜାତି-୦୨<br>ଅନୁସୂଚିତ ଜାତି-୦୩ | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ମାଲକାନଗିରି |
| ୨ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ,ରାଇକିଆ,କନ୍ଧମାଳ | ଅନୁସୂଚିତ ଜନଜାତି-୨୫<br>ଆଦିମ ଜନଜାତି-୦୨<br>ଅନୁସୂଚିତ ଜାତି-୦୩ | ଅନୁସୂଚିତ ଜନଜାତି-୨୫<br>ଆଦିମ ଜନଜାତି-୦୨<br>ଅନୁସୂଚିତ ଜାତି-୦୩ | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, କନ୍ଧମାଳ |
| ୩ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ,ଖଜୁରିପଡା, କନ୍ଧମାଳ | ଅନୁସୂଚିତ ଜନଜାତି-୨୫<br>ଆଦିମ ଜନଜାତି-୦୨<br>ଅନୁସୂଚିତ ଜାତି-୦୩ | ଅନୁସୂଚିତ ଜନଜାତି-୨୫<br>ଆଦିମ ଜନଜାତି-୦୨<br>ଅନୁସୂଚିତ ଜାତି-୦୩ | |
| ୪ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ,ଉମରକୋଟ, ନବରଙ୍ଗପୁର | ଅନୁସୂଚିତ ଜନଜାତି-୨୫<br>ଆଦିମ ଜନଜାତି-୦୨<br>ଅନୁସୂଚିତ ଜାତି-୦୩ | ଅନୁସୂଚିତ ଜନଜାତି-୨୫<br>ଆଦିମ ଜନଜାତି-୦୨<br>ଅନୁସୂଚିତ ଜାତି-୦୩ | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର |
| ୫ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ,ମହେନ୍ଦ୍ରଗଡ, ଗଜପତି | ଅନୁସୂଚିତ ଜନଜାତି-୨୫<br>ଆଦିମ ଜନଜାତି-୦୨<br>ଅନୁସୂଚିତ ଜାତି-୦୩ | ଅନୁସୂଚିତ ଜନଜାତି-୨୫<br>ଆଦିମ ଜନଜାତି-୦୨<br>ଅନୁସୂଚିତ ଜାତି-୦୩ | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଗଜପତି |

ବିଶେଷ ଦ୍ରଷ୍ଟବ୍ୟ: (୧) ଏଠାରେ ସୂଚାଇ ଦିଆଯାଉଛି ଯେ, ସମ୍ପୃକ୍ତ ବର୍ଗର ପିଲାମାନେ ସେମାନଙ୍କର ଜାତିଗତ ପ୍ରମାଣପତ୍ରର ନକଲ ଦରଖାସ୍ତରେ ସଂଲଗ୍ନ କରି ଆବେଦନ କରିବେ ।

ସ୍ୱା./- ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି), ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
### ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେଶନ ସୋସାଇଟି (OMTES), ଭୁବନେଶ୍ୱର
### Biju Pattanaik Adarsha Vidyalaya (BPAV)
### (ଟ୍ରାଇବାଲ ରୁରାଲ ଟ୍ୟାଲେଣ୍ଟ ସର୍ଚ୍ଚ) TRTS ଆବେଦନ ବିଜ୍ଞାପନ

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ୧ ଗୋଟି ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ (BPAV) ୨୦୧୮-୧୯ ଶିକ୍ଷାବର୍ଷଠାରୁ କାର୍ଯ୍ୟକ୍ଷମ ହୋଇଅଛି । ଏଥିପାଇଁ ଶିକ୍ଷାବର୍ଷ ୨୦୨୩-୨୪ରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଟି.ଆର୍.ଟି.ଏସ୍. (TRTS) ପ୍ରବେଶିକା ପରୀକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଯୋଗ୍ୟ ତାଲିକା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟରେ ୬୦ ଜଣ ଛାତ୍ର ଓ ୬୦ ଜଣ ଛାତ୍ରୀଙ୍କୁ ଗ୍ରହଣ କରାଯିବ । ସରକାରୀ ନିୟମ ଅନୁଯାୟୀ ଭିନ୍ନକ୍ଷମ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥାନ ସଂରକ୍ଷିତ ରହିବ । ଯଦି ଭିନ୍ନକ୍ଷମ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଆବେଦନ କରି ନ ଥାନ୍ତି ତେବେ ଉକ୍ତ ସ୍ଥାନଗୁଡ଼ିକ ଅନ୍ୟ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୂରଣ କରାଯିବ ।

ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୧୦.୦୩.୨୦୨୩ । ଉପରୋକ୍ତ ବର୍ଗର ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଦିଆଯାଇଥିବା ଆବେଦନ ପତ୍ରକୁ ସାଦା କାଗଜରେ ପୂରଣ କରି ଜିଲ୍ଲା ମଙ୍ଗଳ ଅଧିକାରୀ, ଛତ୍ରପୁର, ଗଞ୍ଜାମଙ୍କ ନିକଟକୁ ପଠାଇବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ଆବେଦନ ପତ୍ର ତଥା ତତ୍‌ସମ୍ବନ୍ଧୀୟ ସବିଶେଷ ବିବରଣୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ୱେବ୍‌ସାଇଟ୍ - www.stscodisha.gov.in/ ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେଶନ ସୋସାଇଟି (OMTES)ର ୱେବ୍‌ସାଇଟ୍ www.omtes.orgରୁ ପାଇପାରିବେ ।

| କ୍ରମିକ ସଂଖ୍ୟା | ବିଦ୍ୟାଳୟଗୁଡ଼ିକର ନାମ ଏବଂ ଠିକଣା | ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ ସଂଖ୍ୟା — ବାଳକ | ବାଳିକା | ଦରଖାସ୍ତ ଜମା କରିବା ସ୍ଥାନ ଏବଂ ଠିକଣା |
|---|---|---|---|---|
| ୧ | ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ, କାନିସି, ବ୍ରହ୍ମପୁର, ଗଞ୍ଜାମ | ଅନୁସୂଚିତ ଜନଜାତି -୫୦<br>ଆଦିମ ଜନଜାତି - ୦୪<br>ଅନୁସୂଚିତ ଜାତି - ୦୬ | ଅନୁସୂଚିତ ଜନଜାତି-୫୦<br>ଆଦିମ ଜନଜାତି - ୦୪<br>ଅନୁସୂଚିତ ଜାତି - ୦୬ | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଛତ୍ରପୁର, ଗଞ୍ଜାମ |

ବିଶେଷ ଦ୍ରଷ୍ଟବ୍ୟ: (୧) ଏଠାରେ ସୂଚାଇ ଦିଆଯାଉଛି ଯେ, ସମ୍ପୃକ୍ତ ବର୍ଗର ପିଲାମାନେ ସେମାନଙ୍କର ଜାତିଗତ ପ୍ରମାଣପତ୍ରର ନକଲ ଦରଖାସ୍ତରେ ସଂଲଗ୍ନ କରି ଆବେଦନ କରିବେ ।

OIPR-26009/11/0004/2223 — ସ୍ୱା./- ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି), ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

## OFFICE OF THE NOTIFIED AREA COUNCIL, PIPILI, DIST-PURI

Ph.06758-241442, E-mail ID:piplinac@gmail.com

**INVITATION FOR BID**

**e-Procurement Notice**

**No.515, Dt.21.02.2023**
**Bid Reference No.PIPILI-NAC-4(53)/2022-23**
**Bid Identification No.2023_ORULB_86384**

**No.C-2496:**1. Type of Works: Civil Work as mentioned in DTCN. 2. Total No. of works:53. 3. Bid Value: As per DTCN. 4. Period of Completion: 60 days. 5. Date and time schedule:- Submission Start: From 12 hours of 22.02.2023. Submission End: 17 Hrs. of 06.03.2023. 6. Opening of Bid in Online: From 11.00 A.M. of 09.03.2023 onwards.
Further details and necessary documents can be seen from the procurement portal i.e. www.tendersorissa.gov.in. and www.piplinac.in.

Sd./- Executive Officer, Pipli NAC
OIPR-13107/11/0009/2223

## TENDER CALL NOTICE

**RFP No. CDM & PHO/SNG/2022-23/04** — **Date: 21.02.2023**

No. E-919: Sealed tenders are invited from intending Individual/Travel Agency/Tour Operator/Firms/Suppliers through Speed Post/Registered Post/Courier for supply of Vehicles on Monthly Basis **Under NHM** (ମାସିକ ଭିତ୍ତିରେ ଯାନ ଯୋଗାଣ ପାଇଁ ବିଜ୍ଞାପନ) for the year 2022-23.
The willing reputed agency/firms/suppliers are requested to submit sealed tenders to the office of the undersigned on or before 13.03.2023 till 5.30 P.M. Tender documents can be downloaded/obtained from the district website: **www.sundergarh.nic.in**. This office will not entertain any tender after the due date/time fixed for at any circumstances. The undersigned reserves the right to reject any or whole tender without assigning any reason thereof.

Sd./- Chief District Medical & Public Health Officer, Sundargarh
OIPR-10100/11/0030/2223

## OFFICE OF THE MUNICIPAL COUNCIL,SUNDARGARH

**Tender Call Notice No.621, Dt.16.02.2023**
**Competitive Bidding Through e-Procurement**
**NOTICE INVITING TENDER**
**Bid Reference No.SNGM-10/2022-23/Dt.16.02.2023**

**No.C-2501:**1. Total No. of Works for which Tenders invited: 16 Nos. 2. Place of Execution: Different locations of Sundargarh Municipality. 3. Estimated Cost of individual works excluding GST: Rs.1,08,670/- to Rs.16,87,821/-. 4. Eligible Class of Contractors: Registered Contractors of Class 'D' to Class 'C' as indicated against each work mentioned in the tender call notice.5. Intending bidders have to participate through Online bidding only. The website for online bidding is https://www.tendersodisha.gov.in. 6. The bid documents will be available in the above website from 11.00 A.M. of Dt. 22.02.2023 to 5.00 PM of Dt.03.03.2023 for online bidding. 7. Bids received will be opened on e-Procurement System at 11.00 A.M. onwards on Dt.04.03.2023. 8. The bidder must possess valid and compatible Digitial Signature Certificate (DSC). 9. The DTCN for bid shall be available in the e-procurement portal https://www.tendersodisha.gov.in. for online bidding.

OIPR-13130/11/0043/2223 — Sd./- Executive Officer Sundargarh Municipality

See Career Appointment on every Wednesday & Saturday

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH

Tender Call No.: 1081 — Dt.21.02.2023

**TENDER CALL NOTICE**

No. E-920: Sealed tenders are hereby invited from authorized Agencies/Firms/Suppliers for supply of Equipment, Instrument & Medical miscellaneous items for Bargarh district. Bid documents should be submitted through Regd. Post/Speed Post/Courier. For date, time & terms and conditions regarding tender call, please log on to the district website: **www.bargarh.nic.in**.

OIPR-10124/11/0025/2223 — Sd./- Chief District Medical & Public Health Officer, Bargarh

No. i-443

## OFFICE OF THE PANCHAYAT SAMITI, BALIKUDA

e-mail ID: ori-ballikuda@nic.in

**"e" Procurement Notice**

**Bid Identification No.: BDO/BALIKUDA PS-02/2022-23**

1. Name of Works : Civil Works (Building Construction)
2. No. of Works : 7 Nos.
3. Tender Cost (Approx.) : Rs.30.92 lakh to Rs.30.96 lakh
4. Period of Completion : 06 Calendar Months

Date and Time Schedule:

| Start | End | Opening |
|---|---|---|
| 27.02.2023 at 10.00 hours | 14.03.2023 at 17.00 hours | 15.03.2023 at 11.00 hours |

Tender details can be seen from the procurement portal: www.tendersodisha.gov.in.

OIPR-19282/11/0003/2223 — Sd./- BDO, Balikuda

## The Odisha Small Industries Corporation Ltd.

(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4900 — OSIC GST No. 21AAACO2101M1Z1

**e-Procurement Notice for Building works**

Tender Notice No.972 — Date: 21.02.2023
Identification No. On line Bidding OSIC/Constn./2022-2023/011

1.Name of the work : Repair, renovation of Branch Office at Balasore.
2.Total No of works : 01 No.
3. Estimated cost : 14.87 Lakhs
4.Class of Contractor : D & C Class as per eligibility criteria online.
5.Period of completion : 03(Three) calendar months .
6.Other details

| Procurement online | Bid Identifi-cation No | Availability of tender online for bidding — From | To | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| MD OSIC Ltd., Cuttack. | 011 of 2022-2023 | 24.02.23 at 2.30 P.M | 17.03.23 at 4.30 P.M | 18.03.23 at 3.30 P.M |

Further details can be seen from the website www.tendersodisha.gov.in .Any amendment corrigendum, cancellation or re-tender may please be referred to the website.

Sd/- GENERAL MANAGER(O) OSIC Ltd., Cuttack.
OIPR-14073/11/0162/2223

## ବେଦାନ୍ତକୁ ଓଡ଼ିଶାର ସିଜିମାଲି ବକ୍ସାଇଟ୍ ବ୍ଲକ

ନୂଆଦିଲ୍ଲୀ: ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ଖଣିଜ ବ୍ଲକ୍ ନିଲାମ ଅନ୍ତର୍ଗତ ଓଡ଼ିଶାର ରାୟଗଡ଼ା ଏବଂ କଳାହାଣ୍ଡି ଜିଲାରେ ଅବସ୍ଥିତ ସିଜିମାଲି ବକ୍ସାଇଟ୍ ବ୍ଲକ୍ ପାଇଁ ବେଦାନ୍ତ ଲିମିଟେଡ୍ ପସନ୍ଦଯୋଗ୍ୟ ବିଡର ଭାବେ ଘୋଷିତ ହୋଇଛି। ଏପରିକି ବେଦାନ୍ତ ପାଇଁ ଏହି ବ୍ଲକ୍ ଏହାର ଆକାର, ଅବସ୍ଥାନ, ଏବଂ ବକ୍ସାଇଟ୍ ଗୁଣକୁ ଦୃଷ୍ଟିରେ ରଖି ରଣନୀତିକ ଭାବେ ଯୋଗ୍ୟ ବୋଲି କୁହାଯାଇଛି। ଉକ୍ତ ବ୍ଲକରେ ଆନୁମାନିକ ୩୧୧ ନିୟୁତ ଟନ୍ ବକ୍ସାଇଟ୍ ଥିବା ଆକଳନ କରାଯାଉଛି।



ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)ର ପୁରାତନ ଛାତ୍ର ଅରବିନ୍ଦ ଦାସ ଏବଂ ପରାଗ ରାୟ ନିକଟରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋରଞ୍ଜନ ନାୟକଙ୍କୁ ଭେଟି 'କର୍ପୋରେଟ ବ୍ରହ୍ମାସ୍ତ୍ର' ଏବଂ 'ୟୁ-ଦ କ୍ୟାରିୟର କ୍ରିଏଟର୍ ଭି ୨.୦' ନାମକ ଦୁଇଟି ପୁସ୍ତକ ପ୍ରଦାନ କରିଛନ୍ତି। ପ୍ରଫେସର ଡ. ନାୟକ ଉଭୟ ପୁରାତନ ଛାତ୍ର ତଥା ଯୁବ ଲେଖକଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ନେଇ କାମନା କରିଛନ୍ତି।

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୨୧।୨

ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ଦରବୃଦ୍ଧିର ପ୍ରଭାବ ଭାରତୀୟ ଶେୟାର ବଜାରର କାରବାରରେ ଦେଖାଦେଇଛି। ଏପରିକି କ୍ରମାଗତ ୨ୟ ଦିନ ଲାଗି ଦଲାଲ ଷ୍ଟ୍ରିଟ୍‌ରେ କାରବାର ହ୍ରାସ ଘଟିଛି। ବିଶେଷକରି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ମଙ୍ଗଳବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୯ (୧୮.୮୨) ପଏଣ୍ଟ ଖସି ୬୦,୬୭୩ (୬୦,୬୭୨.୭୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୮ (୧୭.୯୦) ପଏଣ୍ଟ ହ୍ରାସ ଘଟି ୧୭,୮୨୭ (୧୭,୮୨୬.୭୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

## ଭଦ୍ରକରେ ଭୋଲ୍‌ଟାସ୍‌ର ନୂଆ ଆଉଟ୍‌ଲେଟ୍



ଭଦ୍ରକ ଅଫିସ, ୨୧।୨

ଭଦ୍ରକ ସହର ନୂଆ ବଜାରସ୍ଥିତ ରାଜଘାଟ ପୋଲ ନିକଟରେ ପ୍ରଥମକରି ଭୋଲ୍‌ଟାସ୍‌ର ନୂଆ ଆଉଟ୍‌ଲେଟ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ୪୫୦ ସ୍କୋୟାର ଫୁଟ୍ ବିଶିଷ୍ଟ ଏହି ଷ୍ଟୋର ରାଜ୍ୟରେ ୩୩ତମ। ଭୋଲ୍‌ଟାସ୍‌ର ଆଞ୍ଚଳିକ ମୁଖ୍ୟ ମାନସ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଷ୍ଟୋରରେ ଗ୍ରାହକମାନଙ୍କ ପାଇଁ ଭୋଲ୍‌ଟାସ୍ ବ୍ରାଣ୍ଡର ରେଫ୍ରିଜରେଟର, ୱାଶିଂମେଶିନ, ଡିସ୍ ୱାସର୍ସ, ମାଇକ୍ରୋୱେଭ୍ ଓଭେନ, ଏୟାରକଣ୍ଡିଶନର, ଏୟାର କୁଲର, କମର୍ସିଆଲ ରେଫ୍ରିଜରେଟର, ୱାଟର କୁଲର ଆଦି ନିତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ ରହିଛି। ଏହାସହ ଗ୍ରାହକମାନଙ୍କ ପାଇଁ ବିଭିନ୍ନ ଅଫର୍ ମଧ୍ୟ ରହିଥିବା ପ୍ରୋପ୍ରାଇଟର ସଞ୍ଜୟ ଡିଡିୱାନିୟା କହିଛନ୍ତି। ଏରିଆ ମ୍ୟାନେଜର (ସେଲ୍ସ) ଆଲୋକ ରଞ୍ଜନ ପରିଡ଼ା, ସର୍ଭିସ୍ ମ୍ୟାନେଜର କୌଶିକ୍ ସରକାର, ଏରିଆ ସର୍ଭିସ୍ ମ୍ୟାନେଜର ପ୍ରଶାନ୍ତ ମହାରଣା, ପ୍ରୋପ୍ରାଇଟର ଡିଡିୱାନିୟା ପ୍ରମୁଖ ଉଦ୍‌ଘାଟନ ବେଳେ ଉପସ୍ଥିତ ଥିଲେ।

## ସୁଶାନ୍ତ ପଣ୍ଡା ଓଆଇଏର ନୂତନ ସଭାପତି

କଟକ,୨୧।୨

ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏଶନ (ଓଆଇଏ)ର ନୂତନ ସଭାପତି ଭାବେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏପରିକି ଆଗାମୀ ୨ବର୍ଷ ପାଇଁ ସେ ଏହି ଗୁରୁଦାୟିତ୍ୱ ତୁଲାଇବେ ବୋଲି ଓଆଇଏ ପକ୍ଷରୁ କୁହାଯାଇଛି। ସୋମବାର ଓଆଇଏର ଦ୍ୱିବାର୍ଷିକ ସାଧାରଣ ସଭା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସଂଘର ସଭାପତି ରାଜେଶ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୬ ବର୍ଷ ଧରି ଜଗତପୁର ଶିଳ୍ପାଞ୍ଚଳରେ ଗଢ଼ିଉଠିଥିବା ଏହି ଶିଳ୍ପ ସଂଘ ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ ନୂତନ ଉଦ୍ୟୋଗପତି ସୃଷ୍ଟି କରିବାରେ ବ୍ୟାପକ ଭୂମିକା ଗ୍ରହଣ ସାଙ୍ଗକୁ ସହଯୋଗ କରି ଆସିଥିବା ସଂଘର ଅଧ୍ୟକ୍ଷ ଅବନୀ କାନୁନଗୋ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏପରିକି ୨୦୦ରୁ ଅଧିକ ସଭ୍ୟ ଉକ୍ତ କର୍ମକର୍ତ୍ତା ନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ପଣ୍ଡା ଆଗାମୀ ୨ବର୍ଷ ପାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଉଥିବା ଭବାନୀ ପଣ୍ଡିତ ଘୋଷଣା କରିଥିଲେ। ସେହିପରି ସଂଘର ଉପସଭାପତି ଭାବେ ପୁଷ୍ପା ସାମଲ ଓ ବିନୋଦ ଭୂତ, ସାଧାରଣ ସମ୍ପାଦକ ଭାବେ ଗୌରଗୋପାଳ ସେନ, କାର୍ଯ୍ୟକାରୀ ସମ୍ପାଦକ ଭାବେ ଦେବେନ୍ଦ୍ର ପ୍ରସାଦ ଶର୍ମା, ସମ୍ପାଦକ (ଅର୍ଥ) ଭାବେ କିଶୋର ଚନ୍ଦ୍ର ମହାନ୍ତି, ସଂଗଠନ ସମ୍ପାଦକ ଭାବେ ସଞ୍ଜୟ କୁମାର ଅଗ୍ରୱାଲ, କାର୍ଯ୍ୟକାରୀ ସଭ୍ୟ ଅଜୟ କୁମାର ପଣ୍ଡା, ଅନିରୁଦ୍ଧ ପୁହାଣ, ଅଶୋକ କୁମାର ସାହୁ, ବିଭୁଦତ୍ତ ସାମନ୍ତରାୟ, ବିକାଶ ଚନ୍ଦ୍ର ମହାପାତ୍ର, ବିନିତା ଦାସ, ଦେବେନ ରାୟ, ପ୍ରଶାନ୍ତ କୁମାର ମହାପାତ୍ର, ପ୍ରିୟନାଥ ମହାନ୍ତି, ରାମବଲ୍ଲଭ ନାୟକ, ରିତେଶ କୁମାର ସୁରେକା, ରୁଦ୍ରନାରାୟଣ ଆଚାର୍ଯ୍ୟ, ଶୁଭ୍ରକାନ୍ତ ପଣ୍ଡା, ସୁଧାକର ସ୍ୱାଇଁ ନିର୍ବାଚିତ ହୋଇଛନ୍ତି ବୋଲି ମୁଖ୍ୟ ନିର୍ବାଚନ କମିଶନ ଜଣାଇଛନ୍ତି। ଏଥିରେ ଓଆଇଏର ପ୍ରତିଷ୍ଠାତା ସଦସ୍ୟ ମାନସ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ୩୬ ବର୍ଷର ଅନୁଭୂତିକୁ ବର୍ଣ୍ଣନା କରିଥିଲେ।

## ବେଦାନ୍ତ ଲାଞ୍ଜିଗଡ଼ ପକ୍ଷରୁ ପ୍ରଥମ ଇନ୍-ହାଉସ୍ ଲାବରେଟୋରି

ଭୁବନେଶ୍ୱର,୨୧।୨

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ଓଡ଼ିଶା ୟୁନିଟ୍ ବେଦାନ୍ତ ଲାଞ୍ଜିଗଡ ପକ୍ଷରୁ ପ୍ରଥମ ଇନ୍-ହାଉସ୍ ଲାବରେଟୋରିର ଶୁଭାରମ୍ଭ କରାଯାଇଛି। ବିଶେଷକରି ଦେଶର ପ୍ରମୁଖ ମେଟାଲର୍ଜିକାଲ ଗ୍ରେଡ୍ ଆଲୁମିନା ଉତ୍ପାଦନକାରୀ ଭାବେ ବେଦାନ୍ତ ଲାଞ୍ଜିଗଡ଼ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏପରିକି ଏହାର କାର୍ଯ୍ୟକ୍ଷମତା ପାଇଁ ଏକ ନୂତନ ମାଇଲଖୁଣ୍ଟ ସହ ଭାରତରେ ପ୍ରଥମ ଇନ୍-ହାଉସ୍ ଲାବରେଟୋରି ଉଦ୍‌ଘାଟିତ ହୋଇଯାଇଛି। ଯାହାକି ଆନୁଷ୍ଠାନିକ ଭାବେ ସମସ୍ତ ପ୍ରଯୁଜ୍ୟ ଭୌତିକ ଏବଂ ରାସାୟନିକ ପାରାମିଟରରେ ଆଲୁମିନା ପରୀକ୍ଷା କରିବାରେ ସକ୍ଷମ। ନ୍ୟାଶନାଲ ଆକ୍ରିଡେସନ୍ ବୋର୍ଡ ଫର୍ ଟେଷ୍ଟିଂ ଏବଂ କାଲିବ୍ରେସନ୍ ଲାବରେଟୋରି (ଏନ୍‌ଏବିଏଲ୍) ବେଦାନ୍ତ ଲାଞ୍ଜିଗଡ଼ର ଗୁଣବତ୍ତା ନିୟନ୍ତ୍ରଣ ଏବଂ ଲାବରେଟୋରିକୁ ଆଇଏସ୍‌ଓ ୧୭୦୨୫:୨୦୧୭ ପ୍ରମାଣପତ୍ର ପ୍ରଦାନ କରିଛି, ଯାହାକି ଦକ୍ଷ ପରୀକ୍ଷଣ ପାଇଁ ଆବଶ୍ୟକତାକୁ ପୂରଣ କରିଥାଏ।



ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ଡେପୁଟି ସିଇଓ (ଆଲୁମିନା ବ୍ୟବସାୟ) ଜି.ଜି.ପାଲ କହିଛନ୍ତି, ବେଦାନ୍ତର ଉଦ୍ୟମ ବ୍ୟବସାୟର ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟକ୍ଷମ ଏବଂ ଗୁଣାତ୍ମକ ଉତ୍କର୍ଷ ହାସଲ କରିବା ପାଇଁ ଉଦ୍ଦିଷ୍ଟ। ବିଶେଷ କରି ବୈଷୟିକ ଜ୍ଞାନକୌଶଳ, ଡିଜିଟାଲ ଉଦ୍ଭାବନ ଏବଂ ବର୍ଦ୍ଧିତ ପ୍ରଯୁକ୍ତିବିଦ୍ୟାର ବିସ୍ତୃତ ମିଶ୍ରଣ ଯୋଗୁ ଏହା ପାଇବାକୁ ଆମେ ସମର୍ଥ ହୋଇଛୁ। ଏପରିକି ଆଇଏସ୍‌ଓ ପ୍ରମାଣପତ୍ର ଏକ ଅତିରିକ୍ତ ପୂର୍ଣ୍ଣତା ଭାବେ ଆସିଥାଏ, ଯାହାକି ଆମର ଉତ୍ପାଦ ଉପଲବ୍ଧ ମାନକ ଏବଂ ଶିଳ୍ପ ମାନଦଣ୍ଡ ସହିତ ଜଡିତ ହୋଇଛି।

## ବିଓଏମ୍ ପକ୍ଷରୁ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୧।୨

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ପକ୍ଷରୁ ନିକଟରେ ଏକ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶିଷ ପାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କର ସକ୍ଷମତା ଓ ସାମାଜିକ ଦାୟିତ୍ୱବୋଧତା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଏପରିକି ସେ କହିଥିଲେ, ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭାବେ ରାଜ୍ୟର ଶିଳ୍ପ ଓ ବ୍ୟବସାୟିକ ଶ୍ରେଣୀକୁ ବିସ୍ତାରିତ ନେଟ୍‌ୱର୍କ ଓ ଶାଖା ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ସହ ଦେଶର ସାଧାରଣ ଲୋକଙ୍କ ଅଭିବୃଦ୍ଧି ଓ ବିକାଶକୁ ମଧ୍ୟ ପୂରଣ କରିବାକୁ ପଡିବ ବୋଲି ପାଣ୍ଡେ ମତପ୍ରକାଶ କରିଥିଲେ। ସେହିଭଳି ଗତ ୨ବର୍ଷ ମଧ୍ୟରେ ବ୍ୟାଙ୍କ ବିଭିନ୍ନ କ୍ଷେତ୍ରରେ ନିଜର ଶ୍ରେଷ୍ଠତ୍ୱ ବଜାୟ ରଖିପାରିଛି। ବିଶେଷକରି ଡିଜିଟାଲ ବ୍ୟାଙ୍କିଙ୍ଗ୍‌ର ଗୁରୁତ୍ୱ ଉପରେ ସେ ବିସ୍ତୃତ ଆଲୋପାତ କରିଥିଲେ। ଏପରିକି ବ୍ୟାଙ୍କ ଓଡ଼ିଶାରେ ୫,୦୦୦କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟର ଲକ୍ଷ୍ୟ ରଖିଥିବା ସହ ବର୍ତ୍ତମାନ ରାଜ୍ୟରେ ୩୯ଟି ଶାଖା ଥିଲା ବେଳେ ଚଳିତ ବର୍ଷ ଶେଷ ସୁଦ୍ଧା ଆଉ ୧୨ଟି ନୂତନ ଶାଖା ଖୋଲିବା କାର୍ଯ୍ୟକ୍ରମ ରହିଛି। ଫଳରେ ରାଜ୍ୟର ବ୍ୟାଙ୍କ ଶାଖା ସଂଖ୍ୟା ମୋଟ ୫୧ରେ ପହଞ୍ଚିବ। ଏହି ପରିପ୍ରେକ୍ଷୀରେ ପାଣ୍ଡେ ୭୦ ଜଣ ଗ୍ରାହକଙ୍କୁ ୨୫କୋଟି ଟଙ୍କାର ଋଣ ମଞ୍ଜୁର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନୟ କୁମାର, ଅଞ୍ଚଳ ପ୍ରବନ୍ଧକ, ଶଶାଙ୍କ ଶେଖର ସାହୁ, ଉପ-ଅଞ୍ଚଳ ପ୍ରବନ୍ଧକ, ରବିଶଙ୍କର କୁମାର, ମୁଖ୍ୟ ପ୍ରବନ୍ଧକ, ସିପିସି ପ୍ରମୁଖ ଉପସ୍ଥିତ ରହି ଗ୍ରାହକମାନଙ୍କୁ ସମ୍ବୋଧିତ କରିଥିଲେ। ଗତ ୧ ବର୍ଷ ମଧ୍ୟରେ ଓଡ଼ିଶାରେ ବ୍ୟାଙ୍କର ୩୧ଟି ନୂତନ ଶାଖା ଖୋଲିଛି। ଉକ୍ତ କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାହକ ଉପସ୍ଥିତ ଥିଲେ। ବିଶେଷକରି ଗ୍ରାହକମାନେ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ଓ ତୁରନ୍ତ ଋଣ ମଞ୍ଜୁରୀ ପାଇଁ ବ୍ୟାଙ୍କକୁ ଖୁବ୍ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ଦେଶରେ ବର୍ତ୍ତମାନ ବ୍ୟାଙ୍କର ୨୧୦୦ରୁ ଊର୍ଦ୍ଧ୍ୱ ଶାଖା ରହିଥିବା ବେଳେ ୨୮ ମିଲିୟନ ଗ୍ରାହକଙ୍କୁ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରାଯାଉଛି।

## ଫୁରସତ୍

# ଶ୍ରେଷ୍ଠ ଫିଲ୍ମ 'ଦ କଶ୍ମୀର ଫାଇଲ୍ସ'

### ଦାଦାସାହେବ ଫାଲ୍‌କେ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ

ମୁମ୍ବାଇ



ବିବେକ୍ ଅଗ୍ନିହୋତ୍ରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଲ୍ମ 'ଦ କଶ୍ମୀର ଫାଇଲ୍ସ'ଶ୍ରେଷ୍ଠ ଫିଲ୍ମ କାଟାଗୋରିରେ ଦାଦାସାହେବ ଫାଲ୍‌କେ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଆୱାର୍ଡରେ ସମ୍ମାନିତ ହୋଇଛି। ସେହିପରି ଅନୁପମ ଖେରଙ୍କୁ ମୋଷ୍ଟ ଭର୍ସାଟାଇଲ୍ ଆକ୍ଟର ଆୱାର୍ଡ ପ୍ରଦାନ କରାଯାଇଛି। ରବିବାର ମୁମ୍ବାଇ ଦ ତାଜ୍ ଏଣ୍ଡରେ ଏହି ଆୱାର୍ଡ ସେରେମୋନି ଅନୁଷ୍ଠିତ ହୋଇଥିଲା। ହିନ୍ଦୀ ଫିଲ୍ମ 'ଗଙ୍ଗୁବାଇ କାଠିଆୱାଡ଼ି'ରେ ମୁଖ୍ୟ ଭୂମିକାରେ ଅଭିନୟ ପାଇଁ ଆଲିଆ ଭଟ୍ଟଙ୍କୁ ବେଷ୍ଟ ଆକ୍ଟ୍ରେସ୍ ଏବଂ ସ୍ୱାମୀ ରଣବୀର କପୁରଙ୍କୁ 'ବ୍ରହ୍ମାସ୍ତ୍ର' ଫିଲ୍ମର ପ୍ରଥମ ସଂସ୍କରଣ ପାଇଁ ବେଷ୍ଟ ଆକ୍ଟର ଆୱାର୍ଡରେ ସମ୍ମାନିତ କରାଯାଇଛି। ପାନ୍ ଇଣ୍ଡିଆ ଫିଲ୍ମ'ଆର୍‌ଆର୍‌ଆର୍'କୁ ଫିଲ୍ମ ଅଫ୍ ଦ ଇୟର୍ ଶ୍ରେଣୀରେ ଦାଦା ସାହେବ ଫାଲ୍‌କେ ନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କୃତ କରାଯାଇଛି। ଅନ୍ୟପକ୍ଷେ କନ୍ନଡ ହିଟ୍‌ଫିଲ୍ମ 'କନ୍ତାରା' ପାଇଁ ବେଷ୍ଟ ପ୍ରୋମିସିଂ ଆକ୍ଟର ଆୱାର୍ଡରେ ଫିଲ୍ମ ନିର୍ମାତା ତଥା ଅଭିନେତା ରିଶବ ଶେଟ୍ଟୀଙ୍କୁ ସମ୍ମାନିତ କରାଯାଇଛି। ଦାଦା ସାହେବ ଫାଲ୍‌କେ ଭଳି ସମ୍ମାନଜନକ ପୁରସ୍କାର ପାଇ ବେଶ୍ ଉତ୍ସାହିତ ଥିବା ସହ ଆଗାମୀ ଦିନରେ ଏଭଳି ଅନେକ ମନୋରଞ୍ଜନକାରୀ ଫିଲ୍ମ ଦର୍ଶକଙ୍କୁ ଭେଟି ଦେବା ପାଇଁ ରିଶବ ଲକ୍ଷ୍ୟ ରଖିଥିବା କହିଛନ୍ତି। 'ଭେଡିଆ' ଫିଲ୍ମ ପାଇଁ ବରୁଣ ଧୱନଙ୍କୁ କ୍ରିଟିକ୍ସ ବେଷ୍ଟ ଆକ୍ଟର ଆୱାର୍ଡ ମିଳିଛି। ରୁପାଲି ଗାଙ୍ଗୁଲିଙ୍କ ଦ୍ୱାରା ଅଭିନୀତ ଟେଲି ଧାରାବାହିକ 'ଅନୁପମା'କୁ ଟେଲିଭିଜନ୍ ସିରିଜ୍ ଅଫ୍ ଦ ଇୟର୍ ଭାବେ ବିବେଚନା କରାଯାଇଛି। ୮୦ ଦଶକର ଲୋକପ୍ରିୟ ଅଭିନେତ୍ରୀ ରେଖାଙ୍କୁ 'ଆଉଟ୍‌ଷ୍ଟାଣ୍ଡିଂ କଣ୍ଟ୍ରିବ୍ୟୁଶନ ଇନ୍ ଦ ଫିଲ୍ମ ଇଣ୍ଡଷ୍ଟ୍ରି' ଶ୍ରେଣୀରେ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଛି। ଏହି ସମ୍ମାନଜନକ ପୁରସ୍କାର ବଣ୍ଟନରେ ପକ୍ଷପାତିତା କରାଯାଇଥିବା ବଲିଉଡ୍ କୁଇନ୍ କଙ୍ଗନା ରାଣାୱତ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି। ଷ୍ଟାର କିଡ୍‌ମାନଙ୍କୁ ପ୍ରମୁଖ ଆୱାର୍ଡମାନ ବଣ୍ଟାଯାଇଛି। 'ନେପୋ ମାଫିଆ' ଜାଣିଶୁଣି ସେଲ୍ଫମେଡ୍ ଆକ୍ଟରଙ୍କ କ୍ୟାରିୟରକୁ ନଷ୍ଟ କରିବାକୁ ବସିଥିବା କଙ୍ଗନା ଅଭିଯୋଗ ଆଣିଛନ୍ତି।

## ୧୦୦୦ କୋଟିରେ ଶାହରୁଖଙ୍କ 'ପଠାନ୍'

ମୁମ୍ବାଇ



ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ମୁଭି 'ପଠାନ୍' ବକ୍ସ ଅଫିସରେ ଇତିହାସ ରଚିଛି। ଫିଲ୍ମ ରିଲିଜ୍ ହେବାର ୨୭ ଦିନ ମଧ୍ୟରେ ବିଶ୍ୱବ୍ୟାପୀ ୧୦୦୦ କୋଟି କ୍ଲବରେ ସାମିଲ ହୋଇଛି। ଚଳଚ୍ଚିତ୍ର ଦେଶରେ ୬୨୩ କୋଟି ଆୟ କରିଥିବାବେଳେ ବିଦେଶରେ ୩୭୭ କୋଟି ଟଙ୍କା ଆୟ କରିଛି। ଏକ ରିପୋର୍ଟ ଅନୁଯାୟୀ, ଶାହରୁଖଙ୍କ ଏହି ଚଳଚ୍ଚିତ୍ର 'ପଠାନ୍' ଭାରତରେ ପଞ୍ଚମ ଚଳଚ୍ଚିତ୍ର ହୋଇପାରିଛି, ଯାହା ୧୦୦୦ କୋଟି ଅତିକ୍ରମ କରିଛି। ଏହାପୂର୍ବରୁ ଆମୀର ଖାନ୍‌ଙ୍କ ଫିଲ୍ମ 'ଦଙ୍ଗଲ' ୧ ହଜାର ୯୬୮.୦୩ କୋଟି ରୋଜଗାର କରିଥିଲା। ତା'ପରେ ସାଉଥ୍ ସୁପରଷ୍ଟାର ପ୍ରଭାସଙ୍କ ଫିଲ୍ମ 'ବାହୁବଳୀ-୨' ୧ ହଜାର ୭୪୭ କୋଟି, ତୃତୀୟରେ ୟଶ୍‌ଙ୍କ ଫିଲ୍ମ 'କେଜିଏଫ୍ -୨' ୧ ହଜାର ୧୮୮ କୋଟି, ଚତୁର୍ଥରେ ଫିଲ୍ମ 'ଆର୍‌ଆର୍‌ଆର୍' ୧ ହଜାର ୧୭୪ କୋଟି ଟଙ୍କା ଆୟ କରିଥିଲା। ତେବେ ଏହି ସଫଳତା ମଧ୍ୟରେ ଶାହରୁଖ ତାଙ୍କ ଆଗାମୀ ଫିଲ୍ମ 'ଯବାନ' ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଅଟିଲ କୁମାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ 'ଯବାନ' ଆସନ୍ତା ଜୁନ୍ ୨ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯୋଜନା ରହିଛି।

## ବିପଦର ବନ୍ଧୁ ସ୍କାଉଟ

### ବିଶ୍ୱ ସ୍କାଉଟ୍ସ ଦିବସ



ରବର୍ଟ ବାଡେନ-ପାୱେଲ

ବିପଦ ସମୟରେ ସ୍କାଉଟ୍ସମାନେ ସହାୟତାର ହାତ ବଢ଼ାଇଥାନ୍ତି। ତେଣୁ ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଫେବୃୟାରୀ ୨୨ରେ ବିଶ୍ୱ ସ୍କାଉଟ୍ସ ଦିବସ ପାଳନ କରାଯାଇଥାଏ। ଏହି ଦିନ ସ୍କାଉଟିଙ୍ଗର ପ୍ରତିଷ୍ଠାତା ରବର୍ଟ ବାଡେନ-ପାୱେଲଙ୍କ ଜନ୍ମ ବାର୍ଷିକୀ। ଏହା ମଧ୍ୟ ତାଙ୍କ ପତ୍ନୀ ଓଲାଭ ବାଡେନ-ପାୱେଲଙ୍କ ଜନ୍ମ ବାର୍ଷିକୀ। ବୟ ସ୍କାଉଟ୍ସ ଏବଂ ଗର୍ଲ ଗାଇଡ୍ସ / ଗର୍ଲ ସ୍କାଉଟ୍ସ ଏବଂ ୱାର୍ଲ୍ଡ ଆସୋସିଏଶନ ଅଫ ଗର୍ଲ ଗାଇଡ୍ସ ଓ ଗର୍ଲ ସ୍କାଉଟ୍ସ ଦ୍ୱାରା ଏହି ଦିନକୁ ବିଶ୍ୱ ଚିନ୍ତାଧାରା ଦିବସ ଭାବରେ ପାଳନ କରାଯାଇଥାଏ। ଏହା ହେଉଛି ବନ୍ଧୁତ୍ୱର ଏକ ଦିନ। ପ୍ରଥମେ ୧୯୨୦ରେ ପ୍ରଥମ ବିଶ୍ୱ ସ୍କାଉଟ୍ସ ସମ୍ମିଳନୀର ଲଣ୍ଡନ ସଂସ୍କରଣରେ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ରବର୍ଟ ବାଡେନ-ପାୱେଲ ୧୮୫୭ ଫେବୃୟାରୀ ୨୨ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜନ୍ମ ଦିନରେ ଏହି ଦିବସ ପାଳନ ଲାଗି ମତ ପ୍ରକାଶ ପାଇଥିଲା। ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି। ବିପଦ ସମୟରେ ମାନବ ସମାଜ ପାଖରେ ବନ୍ଧୁ ଭଳି ଠିଆ ହେବାକୁ ସ୍କାଉଟ୍ସ ଦିବସ ଶିକ୍ଷା ପ୍ରଦାନ କରିଥାଏ।

## ଆଇଆଇଟି ମାଡ୍ରାସରେ ପ୍ରସ୍ତୁତ ଉଡ଼ନ୍ତା ଟାକ୍ସି

ବେଙ୍ଗାଲୁରୁ




ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି), ମାଡ୍ରାସ୍‌ର ଏକ ଷ୍ଟାର୍ଟ ଅପ୍ କମ୍ପାନୀ ବେଙ୍ଗାଲୁରୁର ଏରୋ ଇଣ୍ଡିଆରେ ଗୋଟିଏ ଇଲେକ୍ଟ୍ରିକ୍ ଉଡ଼ନ୍ତା ଟାକ୍ସିର ଏକ ପ୍ରୋଟୋଟାଇପ୍‌ର ପ୍ରଦର୍ଶନ କରିଛି। କୁହାଯାଉଛି କି, ରାସ୍ତାରେ ଚାଲୁଥିବା କାର୍ ଅପେକ୍ଷା ଏହା ୧୦ ଗୁଣ ଅଧିକ ବେଗରେ ଚାଲିପାରିବ। ଏଥିସହ ଉଡ଼ନ୍ତା କାର୍ ହେଲିକପ୍ଟରଠାରୁ ମଧ୍ୟ ଅଧିକ ଜୋରରେ ଗତି କରିପାରିବ। ଇ-ପ୍ଲେନ୍ କମ୍ପାନୀ ଅନୁସାରେ, ଏହି ଟାକ୍ସି ଥରେ ପୂରା ଚାର୍ଜ ହେବା ପରେ ୨୦୦ କିମି ପର୍ଯ୍ୟନ୍ତ ଯାଇପାରିବ। ସତ୍ୟ ଚକ୍ରବର୍ତ୍ତୀ ଏବଂ ପ୍ରାଞ୍ଜଳ ମେହେତା ଏହି ଟାକ୍ସି ପ୍ରସ୍ତୁତକାରୀ କମ୍ପାନୀ ସ୍ଥାପନ କରିଛନ୍ତି। କମ୍ପାନୀର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ (ସିଇଓ) ମେହେତାଙ୍କ କହିବା ଅନୁଯାୟୀ, ଏହି ଟାକ୍ସିର ଆକାର ଛୋଟ ହୋଇଥିବାବେଳେ ଏଥିରେ ଯାତ୍ରା କରିବା ସହଜ ଏବଂ ଅଳ୍ପ ବ୍ୟୟଯୁକ୍ତ। ଏହି ଟାକ୍ସିର ଓଜନ ୨୦୦ କିଗ୍ରା ।

## ସଂକ୍ଷେପରେ

### ୨୫ରେ ଓକିଲ ସଂଘ ନିର୍ବାଚନ

ଅନୁଗୋଳ ଅଫିସ,୨୧।୨: ଅନୁଗୋଳ ଓକିଲ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦିଲୀପ କୁମାର ସାହୁ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ସଂଘର ବାର୍ଷିକ ଆୟବ୍ୟୟ ହିସାବ କରାଯାଇଥିଲା। ଆସନ୍ତା ୨୫ ତାରିଖରେ ସଂଘର ବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେବ। ବରିଷ୍ଠ ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ନିର୍ବାଚନ ଅଧିକାରୀଙ୍କୁ ମନୋନୀତ କରାଯାଇଥିଲା। ସୂଚନାଯୋଗ୍ୟ, ଚଳିତ ବର୍ଷ ମୋଟ୍ ୫୭୦ ଜଣ ସଭ୍ୟ ସଂଘର ନିର୍ବାଚନରେ ଅଂଶଗ୍ରହଣ କରିବେ। ବୈଠକରେ ସଂଘ ପକ୍ଷରୁ କରାଯାଇଥିବା ବିଭିନ୍ନ ଗଠନମୂଳକ କାର୍ଯ୍ୟ ବିଷୟରେ ସଭାପତି ସୂଚନା ଦେଇଥିଲେ। ବରିଷ୍ଠ ସଦସ୍ୟ ଦିଲୀପ କୁମାର ମହାନ୍ତି, ଭୂପେଶ ଚନ୍ଦ୍ର ପ୍ରଧାନ, ପ୍ରମୋଦ ପ୍ରଧାନ, ଉପସଭାପତି ଭବାନୀଶଙ୍କର ପ୍ରଧାନ, ସାଂସ୍କୃତିକ ସମ୍ପାଦକ କୁଶ ସାହୁ, କୋଷାଧକ୍ଷ ଗୋପାଳ ପ୍ରସାଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ସହ ସମ୍ପାଦକ ପ୍ରେମାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

# ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

### ଜମି ଅଧିଗ୍ରହଣ ନିଷ୍ପତ୍ତି ପ୍ରତ୍ୟାହାର ଦାବି

ଅନୁଗୋଳ ଅଫିସ, ୨୧।୨




ପ୍ରସ୍ତାବିତ କୋଇଲା ଡିପୋ, କୋଲ ୱାସେରି ଓ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାର ନିଷ୍ପିକୁ ପ୍ରତ୍ୟାହାର କରିବା, ପୁରୁଷାନୁକ୍ରମେ ଭୋଗଦଖଲ କରିଆସୁଥିବା ଚାଷଜମି ଓ ବାସଜମି ଦଖଲଦାରଙ୍କୁ ପଟ୍ଟା ଦେବା, ସରକାରୀ ଉଦ୍ୟୋଗରେ ଜରପଡା ଠାରେ ଏକ ଶୀତଳଭଣ୍ଡାର ନିର୍ମାଣ କରିବା ଦାବିରେ କୃଷକ ଓ କୃଷିଜମି ସୁରକ୍ଷା କମିଟି, ଜେରେଙ୍ଗ-ଭାଗୀରଥିପୁର ପକ୍ଷରୁ ମଙ୍ଗଳବାର ଅନୁଗୋଳ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅନୁଗୋଳ ଷ୍ଟାଡିୟମ୍ ପଡିଆଠାରୁ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିବା ସହ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। କମିଟି ସଭାପତି ଆର୍ତ୍ତତ୍ରାଣ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସମ୍ପାଦକ ଭରତ ନାଏକ, ଉପସଭାପତି ଚରଣ ବେହେରା, ମଣି ନାଏକ, ଚିରନ ପାଣି, ବିଶ୍ୱନାଥ ନାଏକଙ୍କ ସହ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ନବକିଶୋର ପ୍ରଧାନ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଳ, ରଣଜିତ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ଜେରେଙ୍ଗ ଦେହୁରୀସାହି ପଞ୍ଚାୟତର ଭାଗୀରଥିପୁର ମୌଜା, ଦୁର୍ଗାପୁର ପଞ୍ଚାୟତର ପାଣସାହି ମୌଜା, ଜରପଡା ପଞ୍ଚାୟତର କୁମୁରସିଙ୍ଗ ମୌଜାରେ ପ୍ରସ୍ତାବିତ କୋଇଲା ଡିପୋ, କୋଲ୍ ୱାସେରୀ ଓ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବାତିଲ କରିବାକୁ ଦାବି କରିଥିଲେ। କୌଣସି ପ୍ରକାର ପଲ୍ଲିସଭା, ଗ୍ରାମସଭା ନ କରି ଦୀର୍ଘଦିନରୁ ଦଖଲ କରିଆସୁଥିବା ଚାଷଜମି, ଜଙ୍ଗଲ, ଗୋଚର ଆଦି ପୁଞ୍ଜିପତିମାନଙ୍କୁ ଟେକିଦେବା ପାଇଁ ପ୍ରଶାସନିକ କଳ ଯେଉଁଭଳି ତତ୍ପରତା ପ୍ରକାଶ କରୁଛି ତାହାକୁ ଦୃଢ଼ ନିନ୍ଦା କରିଥିଲେ। ଶେଷରେ ବିକ୍ଷୋଭସ୍ଥଳରୁ ଏକ ପ୍ରତିନିଧି ଦଳ ଯାଇ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ପ୍ରଶାସନ ଜମି ଅଧିଗ୍ରହଣ ପ୍ରକ୍ରିୟା ବାତିଲ ନ କଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି କମିଟି ପକ୍ଷରୁ ପ୍ରକାଶ କରାଯାଇଛି।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଢେଙ୍କାନାଳ ଅଫିସ,୨୧।୨

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସନ୍ଥସରାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାୟକ ଓ ପରିଚାଳନା ପରିଷଦ ସଭାପତି ସତ୍ୟାନନ୍ଦ ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନିସାଦ୍ରୀର ନିର୍ଦ୍ଦେଶକ ଡ. ସାରଙ୍ଗଧର ସାମଲ, ମୁଖ୍ୟ ବକ୍ତା ଭାବେ ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବନମାଳୀ ଲେଙ୍କା, ସାମାଜିକ କର୍ମୀ ଦିଲୀପ କୁମାର ଦାଶ, ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସ୍ୱାଇଁ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ତୁଳସୀ ବିଶ୍ୱାଳ, ସିଆରସିସି ଛାୟା ପ୍ରକାଶ ବେହେରା ଉପସ୍ଥିତ ରହି ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପୁରାତନ ଛାତ୍ର ଦିଲୀପ କୁମାର ନାୟକ ଓ ଶିକ୍ଷୟିତ୍ରୀ ମିରା କୁମାରୀ ସଂଯୋଜନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା ପରିଷଦ ସଦସ୍ୟ ସହଯୋଗ କରିଥିଲେ।



ସନ୍ଥସରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ।

# ମାତୃଭାଷା ଦିବସର ମହତ୍ତ୍ୱ ଉପରେ ଗୁରୁତ୍ୱ

ଢେଙ୍କାନାଳ ଅଫିସ,୨୧।୨

ଢେଙ୍କାନାଳ ଜନ ଶିକ୍ଷଣ ସଂସ୍ଥା ତରଫରୁ ଆନ୍ତର୍ଜାତିକ ମାତୃଭାଷା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ର ଆଞ୍ଚଳିକ ନିର୍ଦ୍ଦେଶକ ଅଶୋକ କୁମାର ଦାଶ, ମୁଖ୍ୟବକ୍ତା ଭାବେ ଷଡଙ୍ଗୀ କଲେଜ ଅଧ୍ୟାପକ ସୁବାସ ଚନ୍ଦ୍ର ମହାରଣା, ସମ୍ମାନିତ ଅତିଥି ଭାବେ କବୟିତ୍ରୀ କାଦମ୍ବରୀ ମହାଖୁଡ ଯୋଗଦେଇ ମାତୃଭାଷା ଦିବସର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂସ୍ଥାନର ଚେୟାରମ୍ୟାନ ପଦ୍ମଚରଣ ପଟ୍ଟନାୟକ, ନିର୍ଦ୍ଦେଶକ ମାନସ ରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଞ୍ଜୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ।




ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ କରାଯାଉଛି।

# ୧୪୫ ଜଣଙ୍କୁ ବୈଷୟିକ ଶିକ୍ଷା ପରାମର୍ଶ

ଛେଣ୍ଡିପଦା,୨୧।୧ (ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ମଙ୍ଗଳବାର ଜିଲା ନିଯୁକ୍ତି ଓ ନିୟୋଜନ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ଯଶୋବନ୍ତ ପ୍ରସାଦ ବେହେରା, ଓଡ଼ିଶା ଜୀବିକା ମିଶନ ସଂଯୋଜକ ପ୍ରମୋଦ କୁମାର ବେହେରା, ଜିଲା ନିୟୋଜନ ଅଧିକାରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବେକାର ଯୁବତୀ ଯୁବକମାନଙ୍କୁ ବୈଷୟିକ ଶିକ୍ଷା ତାଲିମ ନେଇ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ୧୦ଟି ତାଲିମ ଓ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗଦେଇ ଆସିଥିବା ଛାତ୍ରୀଛାତ୍ର ଯୁବତୀ ଯୁବକଙ୍କୁ ବିଷୟିକ ଶିକ୍ଷା ତାଲିମ ଏବଂ ନିଯୁକ୍ତି ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ। ଏହି ଶବିରରେ ଯୋଗଦେଇଥିବା ୧୪୫ ପ୍ରାର୍ଥୀଙ୍କ ମଧ୍ୟରୁ ୫୦ରୁ ଅଧିକଙ୍କୁ ସଂସ୍ଥାଗୁଡିକ ପକ୍ଷରୁ ଚୟନ କରାଯାଇଥିଲା। ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜକ ସୁବ୍ରତ କୁମାର ସାହୁ, ପଞ୍ଚାନନ ସାହୁ, ସଂଯୋଜିକା ହିରଣ୍ମୟୀ ପ୍ରଧାନ ଓ ସଂଯୋଜକ ସଞ୍ଜୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ମାତୃଭାଷା ପ୍ରତି ସମ୍ମାନ ରହୁ

ମାଧପୁର, ୨୧।୨

ଆଠମଲ୍ଲିକ ବ୍ଲକ ମାଧପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନ୍ତର୍ଜତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଗୁରୁଜୀ କରୁଣାକର ବାଘଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆକାଶ ସାହୁ ଏବଂ ପ୍ରିୟବ୍ରତ ସାହୁ ଯୋଗଦେଇ ମାତୃଭାଷା ପ୍ରତି ସମସ୍ତଙ୍କ ସମ୍ମାନ ଏବଂ ମମତା ରହିଲେ ସମାଜର ମଙ୍ଗଳ ହେବ ବୋଲି ଅଭିହିତ କରିଥିଲେ। ଏହାସହିତ ଶୋଭାଯାତ୍ରା ମାଧ୍ୟମରେ ଛାତ୍ରଛାତ୍ରୀମାନେ ମାଧପୁର ବଜାର ପରିକ୍ରମା କରି ଜନସାଧରଣଙ୍କୁ ସଚେତନ କରିଥିଲେ। ଏହାପରେ ବିଦ୍ୟାଳୟରେ ସୁଲିଖନ, ପୁସ୍ତକ ପଠନ, ପ୍ରବନ୍ଧ, ପ୍ରଶ୍ନମଞ୍ଚ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁମା ରଶ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିବା ବେଳେ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ୟଙ୍ଗଷ୍ଟାର କ୍ରିକେଟ: ସିଙ୍ଗମ ଫାଇଟର ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

କଣିହାଁ, ୨୧।୨ (ଡି.ଏନ.ଏ.)

କଣିହାଁ ବ୍ଲକ ଡେରଙ୍ଗ ସ୍କୁଲ ପଡିଆରେ ଚାଲିଥିବା ୟଙ୍ଗଷ୍ଟାର ଡେରଙ୍ଗ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟିସିସି ଡେରଙ୍ଗ ଓ ସିଙ୍ଗମ ଫାଇଟର ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ଟିସିସି ଡେରଙ୍ଗକୁ ହରାଇ ସିଙ୍ଗମ ଫାଇଟର ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସଂଯୁକ୍ତା ବେହେରା, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ସନ୍ତୋଷ ନାଏକ, ପ୍ରଶ୍ନ ନାଏକ, ସନ୍ତୁ ବେହେରା, ବୁଲୁ ସାହୁ, ଟିକନ ସାହୁ, ୟଙ୍ଗ ଷ୍ଟାର କ୍ରିକେଟ କ୍ଲବ ସଭାପତି ମଧୁସୂଦନ ନାଏକ, ସମ୍ପାଦକ ବିଶ୍ୱଜିତ ନାଏକ, ଅକ୍ଷୟ ନାଏକ, ୟଙ୍ଗ ଷ୍ଟାର କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଓ ମୁଖ୍ୟ ଅତିଥି ବିଜେତା ଦଳ ସିଙ୍ଗମ ଫାଇଟରକୁ ଟ୍ରଫି ସହିତ ୮ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ରନର୍ସଅପ୍ ହୋଇଥିବା ଟିସିସି ଡେରଙ୍ଗ କ୍ରିକେଟ ଦଳକୁ ଟ୍ରଫି ସହିତ ୫ ହଜାର ଟଙ୍କା ପ୍ରଦାନ କରିଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଛେଣ୍ଡିପଦା,୨୧।୧ (ସ୍ୱ.ପ୍ର.)

ଅନୁଗୋଳ ଜିଲା ଜରପଡା ଥାନା କୋରୋଡା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଗୟା ଗୋଚ୍ଛାୟତଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଗୟା ରବିବାର ସକାଳେ ଘରପାଖ ପୋଖରୀରୁ ଶୌଚ ହୋଇ ଫେରୁଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ରାଜୁ ଗୋଚ୍ଛାୟତ ଗାଳିଗୁଲଜ କରିଥିଲେ। ଗୟା ପ୍ରତିବାଦ କରିବାରୁ ରାଜୁଙ୍କ ପରିବାର ଲୋକ ପହଞ୍ଚି ମାଡ ମାରିଥିଲେ। ରାଜୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଦୌଡି ଆସି ଗୟାଙ୍କୁ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ ଗୟାଙ୍କ ସ୍ତ୍ରୀ ସଞ୍ଜୁ ଲିଖିତ ଅଭିଯୋଗ କରିଛନ୍ତି। ଜରପଡା ପୋଲିସ ନଂ. ୫୬/୨୩ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ଛାତ୍ରୀ ସୁରକ୍ଷିତ ରହିଲେ ସମାଜ ସୁରକ୍ଷିତ ରହିବ

ବଇଣ୍ଡା,୨୧।୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ପାଇକସାହି ରାଧାମାଧବ ଉଚ୍ଚ ବିଦ୍ୟାଳୟ ପରିସରରେ ରାଣୀ ଲକ୍ଷ୍ମୀବାଈ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ୧୫ ଦିନ ଧରି ଚାଲିବ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶୁକଦେବ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷକ ଗୌରଚନ୍ଦ୍ର ସାହୁ, ବିନ୍ଧୁ ସାଗର ମହାନ୍ତି, ସୌରଭ ସରକାର, ଶଶିଭୂଷଣ ସାହୁ, ସୁଜିତ ଖାଡିଆ, ପ୍ରଶ୍ନ ପ୍ରଧାନ, ବିଜୟ ସିଂ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀ ସୁରକ୍ଷିତ ରହିଲେ ସମାଜ ସୁରକ୍ଷିତ ରହିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏଥିରେ ବିଦ୍ୟାଳୟର ୧୦୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ମୋନାଲିସା ସାହୁ, ରେଣୁକା ମାଝି ପ୍ରଶିକ୍ଷକ ଭାବେ ଯୋଗଦେଇ କିଭଳି ଛାତ୍ରୀମାନେ ସୁରକ୍ଷିତ ରହିବା ସହ ବିପଦକୁ ସାମ୍ନା କରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏହି ତାଲିମ ଶିବିର ୧୫ ଦିନ ଧରି ବିଦ୍ୟାଳୟ ପରିସରରେ ଚାଲୁ ରହିବ ବୋଲି ଜଣାପଡିଛି।



# ଆଧ୍ୟାତ୍ମିକ ସମ୍ପର୍କରେ କର୍ମଶାଳା



ବଇଣ୍ଡା, ୨୧।୨ (ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଆମ୍ବପାଳ ପଞ୍ଚାୟତ ଖଇରମୁଣ୍ଡା ଠାରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଦ୍ୟାଳୟ ବଇଣ୍ଡା ଶାଖା ପକ୍ଷରୁ ଆଧ୍ୟାତ୍ମିକ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳିକା ବିନୋଦିନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକ ଅମରେନ୍ଦ୍ର ସାହୁ ଯୋଗଦେଇ ଆଧ୍ୟାତ୍ମିକ ସମ୍ପର୍କରେ ଉପସ୍ଥିତ ଅଞ୍ଚଳବାସୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଲିଙ୍ଗରାଜ ସାହୁ, ପ୍ରଦୋଷ ପ୍ରଧାନ, ସତ୍ୟାନନ୍ଦ ସାହୁ, କିଶୋର ପ୍ରଧାନ, ବିଜୟ କୁମାର ରାଉତ ଯୋଗ ଦେଇଥିଲେ। ବଇଣ୍ଡା ଶାଖାର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ମାଡ଼, ଦୁର୍ବ୍ୟବହାର ଅଭିଯୋଗ

ଅନୁଗୋଳ ଅଫିସ, ୨୧।୨

ଅନୁଗୋଳ ଜିଲା କୋଲିୟରୀ ଥାନା ଘଣ୍ଟପଡ଼ା ଗ୍ରାମର ଜଣେ ଯୁବକ ଦୋକାନ ବନ୍ଦ କରି ଆସୁଥିବା ଦୁଇ ଭାଇଙ୍କୁ ମାରପିଟ କରିବା ସହ ପରିବାର ଲୋକଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଟିକାୟତ ଦେହୁରୀ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୦୬/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଟିକାୟତ ଓ ତାଙ୍କ ଭାଇ ସୋମବାର ରାତିରେ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ଏହି ସମୟରେ ସେଠାରେ ଥିବା ଜଣେ ଯୁବକ ହଠାତ୍ ଉଭୟଙ୍କୁ ଆକ୍ରମଣ କରିଥିଲେ। ଏଥିସହ ତାଙ୍କ ଘରେ ପଶି ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ପୋଲିସ ତଦନ୍ତ କରୁଛି।

# ୟୁନିୟନ ସ୍ପୋର୍ଟିଂ କଟକ ଚାମ୍ପିୟନ

ବଅଁରପାଳ, ୨୧।୨ (ଡି.ଏନ.ଏ.)

ବଅଁରପାଳ ବ୍ଲକ ଗୋତମରାସ୍ଥିତ ଏମ୍‌ବିସିସି ଖେଳ ପଡ଼ିଆଠାରେ ଚାଲିଥିବା ୧୦ ତମ ଅଦ୍ୱୈତ ପ୍ରସାଦ ସିଂହ ଓ ୩୦ ତମ ମା’ ବ୍ରହ୍ମାୟଣୀ କ୍ରିକେଟ କପ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ୟୁନିୟନ ସ୍ପୋର୍ଟିଂ କଟକ ଓ ଭଦ୍ରକ ରେଳବାଇ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୟୁନିୟନ ସ୍ପୋର୍ଟିଂ କଟକ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସ୍ୱତନ୍ତ୍ର ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ପାଲଲହଡ଼ା ବିଧାୟକ ମୁକେଶ ପାଳ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ, ବଅଁରପାଳ ବ୍ଲକ ଅଧକ୍ଷ ବିଜୟ କୁମାର ନାଥ, ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ଅନୁଗୋଳ ବ୍ଲକ ଅଧକ୍ଷା ରାଜଶ୍ରୀ ସାହୁ, ବ୍ଲକ ବିଜେଡି ସଭାପତି ସରୋଜ ନାରାୟଣ ସାହୁ, ତପନ ତ୍ରିପାଠୀ, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସରୋଜ ନାଏକ, ରାଜ୍ୟ ବିଜୁ ଯୁବ ଜନତା ଦଳ ଉପସଭାପତି ସୁଜିତ ଦ୍ୱିବେଦୀ, ଅଜିତ ଦ୍ୱିବେଦୀ, ପ୍ରଧାନଶିକ୍ଷକ କୁମୁଦ ବିହାରୀ ସିଂହ, ଜିଲା ପରିଷଦ ସଦସ୍ୟ ଗୋପାଳ ନାଏକ, ସରପଞ୍ଚ ମଣ୍ଟୁ ବରାହ, ସମିତିସଭ୍ୟ ରାମ ଭୋଳ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଏମ୍‌ବିସିସି କ୍ଲବ ସଭାପତି ସୁବାସ ଚନ୍ଦ୍ର ପଟ୍ଟନାୟକ, ଅରୁଣାଭ ସିଂହ, ରାମ ମାଝି, ସଚି ରାଉତ, ଉପେନ୍ଦ୍ର ସାମଲ, ରାକେଶ ମାଝି, ଇଲୁ ଦେହୁରୀ, ସଞ୍ଜୀବ ଭୂତିଆ ଓ ଏମ୍‌ବିସିସି କ୍ଲବ ସମସ୍ତ ପୁରାତନ ଓ ନୂତନ ସଦସ୍ୟ ଉପସ୍ଥିତ ଥିଲେ।



ଅତିଥିମାନଙ୍କ ସହ ଉଭୟ ଦଳର ଖେଳାଳି।



କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ରାଜ୍ୟର ପଦକ ବିଜେତାଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ।

# ପଦକ ବିଜେତାଙ୍କୁ ଆର୍ଥିକ ପୁରସ୍କାର

ଭୁବନେଶ୍ୱର, ୨୧।୨ (କ୍ରୀଡ଼ା ପ୍ରତିନିଧି)

୨୦୨୨ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଏବଂ ଗତବର୍ଷ ବିଭିନ୍ନ ପ୍ରତିଯୋଗିତାରେ ପଦକ ବିଜେତା ଓଡ଼ିଶା ଆଥଲେଟ୍‌ଙ୍କୁ ମଙ୍ଗଳବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଡ଼ିଶା ହକି ପ୍ରମୋଶନ କାଉନ୍ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ମୋଟ ୧,୮୫, ୨୨, ୫୦୦ ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଥିଲେ। ୨୦୨୨ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶା ଆଥଲେଟ୍‌ମାନେ ଚମତ୍କାର ପ୍ରଦର୍ଶନ କରି ୩୦ଟି ପଦକ ହାସଲ କରିଥିଲେ। ଏହା ମଧ୍ୟରେ ୧୧ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୧୧ ବ୍ରୋଞ୍ଜ ସାମିଲ ଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସ୍ୱର୍ଣ୍ଣ ପାଇଁ ୧ ଲକ୍ଷ, ରୌପ୍ୟଲାଗି ୭୫,୦୦୦ ଓ ବ୍ରୋଞ୍ଜପାଇଁ ୫୦,୦୦୦ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା।

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ପଦକ ବିଜେତାଙ୍କ ବ୍ୟତୀତ ବିଡବ୍ଲୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସିଙ୍ଗଲ୍ସ ସ୍ୱର୍ଣ୍ଣ ଏବଂ ଟିମ୍ ରୌପ୍ୟ ପାଇଥିବା ପାରା ଆଥଲେଟ୍ ପ୍ରମୋଦ ଭଗତଙ୍କୁ ୨୭ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେହିପରି ପର୍ତ୍ତୁଗାଲରେ ଅନୁଷ୍ଠିତ ଡବ୍ଲୁଏଏସ୍ ୱାର୍ଲ୍ଡ ଗେମ୍ସରେ ୩ ପଦକ ଜିତିଥିବା ପାରା ଆଥଲେଟ୍ ଜୟନ୍ତି ବେହେରାଙ୍କୁ ୫୪ ଲକ୍ଷ ଟଙ୍କା ଦିଆ ଯାଇଥିଲା। ସେ ୨୦୦ ଓ ୪୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଏବଂ ୧୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ।

## ଶୁଟ୍‌ଆଉଟରେ ଭାରତ ବିଜୟୀ

ନୂଆଦିଲ୍ଲୀ, ୨୧।୨ (ପି.ଟି.): ସମ୍ପ୍ରତି ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ୨୧ ବର୍ଷରୁ କମ୍ ଭାରତୀୟ ଜୁନିୟର ମହିଳା ହକି ଦଳ ମଙ୍ଗଳବାର ଅନୁଷ୍ଠିତ ଅନ୍ତିମ ମ୍ୟାଚରେ ପେନାଲ୍ଟି ଶୁଟ୍‌ଆଉଟ ୪-୩ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ୨୧ ବର୍ଷରୁ କମ୍ ଦକ୍ଷିଣ ଆଫ୍ରିକା ଦଳ ବିପକ୍ଷରେ ସମସ୍ତ ମ୍ୟାଚ ଜିତିଥିବା ଭାରତୀୟ ଦଳ ଏବେ ଘରୋଇ 'ଏ' ଦଳ ବିପକ୍ଷରେ ଆସନ୍ତା ୨୪ ଓ ୨୫ରେ ୨ଟି ମ୍ୟାଚ ଖେଳିବ। ପୂର୍ବ ମ୍ୟାଚଗୁଡ଼ିକ ଅପେକ୍ଷା ଅନ୍ତିମ ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟରେ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲା। ଫଳରେ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଭାରତ ୪ଟି ଗୋଲ ଦେଇଥିବାବେଳେ ଦକ୍ଷିଣ ଆଫ୍ରିକା ଗୋଲ ସଂଖ୍ୟା ୩ରେ ସୀମିତ ରହିଥିଲା। ୨୧ ବର୍ଷରୁ କମ୍ ଏସିଆ କପ୍ ପାଇଁ ପ୍ରସ୍ତୁତିସ୍ୱରୂପ ଭାରତୀୟ ଦଳ ଏବେ ଦକ୍ଷିଣ ଆଫ୍ରିକା ଗସ୍ତରେ ରହିଛି। ଏସିଆ କପ୍ ହେଉଛି ଏଫ୍‌ଆଇଏଚ୍ ମହିଳା ଜୁନିୟର ହକି ବିଶ୍ୱକପର କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟ।

# ଶେଷ ୨ ଟେଷ୍ଟରୁ ୱାର୍ନର ବାଦ୍

ନୂଆଦିଲ୍ଲୀ, ୨୧।୨

ଆହତ ସମସ୍ୟା ଯୋଗୁ ଅଷ୍ଟ୍ରେଲିଆ ଓପନର ଡେଭିଡ ୱାର୍ନର ଚଳିତ ବର୍ଡର-ଗାଭାସ୍କର ଟ୍ରଫିର ଶେଷ ୨ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। କହୁଣି ହାଡ଼ ଫାଟିଥିବାରୁ ସେ ସ୍ୱଦେଶ ଯାଇ ସିଡ୍‌ନୀରେ ଚିକିତ୍ସିତ ହେବେ। ତେବେ ଟେଷ୍ଟ ସିରିଜ ପରେ ଦିନିକିଆ ସିରିଜ ବେଳକୁ ସେ ମାର୍ଚ୍ଚ ଶେଷ ଭାଗରେ ଭାରତ ଆସି ଦଳ ସହ ଯୋଗଦେବା ସମ୍ଭାବନା ରହିଛି। ଦିଲ୍ଲୀରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସ ଅବସରରେ ସେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କ ବୋଲିଂରେ ବାମ କହୁଣିରେ ଆଘାତ ପାଇଥିଲେ। ଖେଳ ଜାରି ରଖିଥିଲେ ହେଁ ଏହାର ୨ ଓଭର ପରେ ବଲ୍ ତାଙ୍କ ହେଲମେଟରେ ବାଜିଥିଲା। କନ୍‌କସନ ଲକ୍ଷଣ ପ୍ରକାଶ ପାଇବାରୁ ସେ ଟେଷ୍ଟ ମ୍ୟାଚରୁ ଓହରି ଯାଇଥିଲେ। ମୁଣ୍ଡରେ ଆଘାତ ଗୁରୁତର ନ ଥିଲେ ହେଁ କହୁଣିରେ ଆହତ ସମସ୍ୟା ବଢ଼ିବାରେ ଲାଗିଥିଲା। ତେବେ ସେ ଶେଷ ୨ ଟେଷ୍ଟ ଖେଳିପାରିବେ ବୋଲି ଆଶା କରାଯାଉଥିଲା। ମାତ୍ର ଯନ୍ତ୍ରଣା ସ୍ଥାନରେ ଅଧିକ ପରୀକ୍ଷା ନିରୀକ୍ଷା ପରେ ପୂରା ସିରିଜରୁ ଓହରି ଯାଇଥିବା ସମ୍ପର୍କରେ ଆନୁଷ୍ଠାନିକଭାବେ ଘୋଷଣା କରାଯାଇଥିଲା। ସେ ଏବେ ସ୍ୱଦେଶ ଫେରି ପରିବାର ସହିତ ରହିବେ। ତାଙ୍କ ସ୍ଥାନ ପୂରଣ ପାଇଁ ଅଷ୍ଟ୍ରେଲିଆ କୌଣସି ବ୍ୟାକ୍‌ଅପ୍ ବ୍ୟାଟରଙ୍କୁ ଡାକିବା ସମ୍ଭାବନା କମ୍। କାରଣ ଦିଲ୍ଲୀ ଟେଷ୍ଟର ଦ୍ୱିତୀୟ ଇନିଂସରେ ୱାର୍ନରଙ୍କ ସ୍ଥାନରେ ଟ୍ରାଭିସ ହେଡ୍ ଇନିଂସ ଓପନ କରି ୪୩ ରନର ପ୍ରଭାବୀ ଇନିଂସ ଖେଳିଥିଲେ। ତେଣୁ ଶେଷ ୨ ଟେଷ୍ଟରେ ସେ ସେହି ଦାୟିତ୍ୱ ତୁଲାଇ ପାରନ୍ତି। ହେଡ୍‌ଙ୍କର ଇନିଂସ ଓପନ କରିବାରେ ବିଶେଷ ଅଭିଜ୍ଞତା ନାହିଁ। ସେ ୨୦୧୮ରେ କାଉଣ୍ଟି କ୍ରିକେଟ ଖେଳିବା ଅବସରରେ ମାତ୍ର ୨ ଥର ୱର୍ସେଷ୍ଟରଶାୟାର ପକ୍ଷରୁ ଓପନର ଦାୟିତ୍ୱ ତୁଲାଇଥିଲେ।

ଅଷ୍ଟ୍ରେଲିଆ କୋଚ୍ ଆଣ୍ଡ୍ରୁ ମ୍ୟାକଡୋନାଲ୍ଡଙ୍କ କହିବା ଅନୁସାରେ ହେଡ୍ ଇନିଂସ ଓପନ କରିବା ଦୀର୍ଘକାଳୀନ ଭିତ୍ତିରେ ସମସ୍ୟାର ସମାଧାନ ନୁହେଁ, ତେବେ ଉପମହାଦେଶ ପରିବେଶରେ ସେ ଏହି ଦାୟିତ୍ୱ ତୁଲାଇ ପାରିବେ। ଇନ୍ଦୋରରେ ଖେଳିବା ପାଇଁ କାମେରନ ଗ୍ରୀନ୍ ଫିଟ୍ ଘୋଷିତ ହୋଇଛନ୍ତି। ଆହତ ସମସ୍ୟା ଯୋଗୁ ଜୋଶ୍ ହାଜେଲଉଡ୍ ସ୍ୱଦେଶ ଫେରି ଯାଇଥିଲେ ହେଁ ମିଚେଲ ଷ୍ଟାର୍କ ପରବର୍ତ୍ତୀ ଟେଷ୍ଟ ପାଇଁ ଫିଟ୍ ହୋଇଛନ୍ତି। ସେହିପରି ନିଜର ପ୍ରଥମ ସନ୍ତାନ ଜନ୍ମ ସମୟରେ ପରିବାର ସହ ରହିବା ପାଇଁ ସ୍ୱଦେଶ ଫେରିଥିବା ମିଚେଲ ସ୍ୱେପସନ ପରବର୍ତ୍ତୀ ୨ ଟେଷ୍ଟ ପାଇଁ ଉପଲବ୍ଧ ହେବେ।

# ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଉଦ୍‌ଘାଟିତ



କିଟ୍ ଷ୍ଟାଡିୟମରେ ମ୍ୟାଚ ପୂର୍ବରୁ ନର୍ଥ ବେଙ୍ଗଲ ଓ ଟିଏମ୍ ଭାଗଲପୁର ବିଶ୍ୱବିଦ୍ୟାଳୟ ଦଳର ଖେଳାଳିମାନେ ଅତିଥିଙ୍କ ସହ।

ଭୁବନେଶ୍ୱର, ୨୧।୨ (କ୍ରୀଡ଼ା ପ୍ରତିନିଧି)

ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ (ପୁରୁଷ) ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର କିଟ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। କିଟ୍ କ୍ରିକେଟ ଷ୍ଟାଡିୟମରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଅଧିକାରୀ ଅଞ୍ଜନ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ମାର୍ଚ୍ଚ ୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରତିଯୋଗିତାରେ ମୋଟ ୬୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ମ୍ୟାଚଗୁଡ଼ିକ କିଟ୍ ସମେତ ରେଭେନ୍ସା ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେଉଛି। ଏହି ଟୁର୍ଣ୍ଣାମେଣ୍ଟରୁ ବିସିସିଆଇ ଭିଜି ଟ୍ରଫି ପାଇଁ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଦଳ ଚୟନ ହେବ। ପ୍ରଥମ ଦିବସରେ କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ୨ଟି ମ୍ୟାଚରେ ଦାର୍ଜିଲିଂର ୟୁନିଭର୍ସିଟି ଅଫ୍ ନର୍ଥ ବେଙ୍ଗଲ ୩ ଉଇକେଟରେ ଟିଏମ୍. ଭାଗଲପୁର ବିଶ୍ୱବିଦ୍ୟାଳୟକୁ ଏବଂ ଡିବ୍ରୁଗଡ଼ ବିଶ୍ୱବିଦ୍ୟାଳୟ ୩ ଉଇକେଟରେ ୱେଷ୍ଟବେଙ୍ଗଲ ଷ୍ଟେଟ୍ ୟୁନିଭର୍ସିଟିକୁ ପରାସ୍ତ କରିଛି। ସେହିପରି ରେଭେନ୍ସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ୨ଟି ମ୍ୟାଚରେ ବୋଧଗୟାର ମଗଧ ବିଶ୍ୱବିଦ୍ୟାଳୟ ୧୩୨ ରନରେ ୟୁନିଭର୍ସିଟି ଅଫ୍ କୋଲକାତାକୁ ଏବଂ ଯାଦବପୁର ବିଶ୍ୱବିଦ୍ୟାଳୟ ୯ ଉଇକେଟରେ ଜଗଦଲପୁରର ଶହୀଦ ମହେନ୍ଦ୍ର କର୍ମା ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଚାଇଁବସାର କୋହ୍ଲାଣ ବିଶ୍ୱବିଦ୍ୟାଳୟ ୧୦ ଉଇକେଟରେ କଟକର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ଏବଂ ରାୟପୁରର ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ୮୩ ରନରେ ସନ୍ତ ଗହିରା ଗୁରୁ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି।

## ଆଇପିଏଲ୍‌ରେ ଫେରିବେ ଦୀପକ ଚହର

ନୂଆଦିଲ୍ଲୀ,୨୧।୨(ପି.ଟି): ଆହତ କାରଣରୁ ଦୀର୍ଘ ଏକ ବର୍ଷ ଧରି କ୍ରିକେଟରୁ ଦୂରେଇ ରହିଥିବା ଭାରତୀୟ ପେସ୍ ବୋଲର ଦୀପକ ଚହର ପୁଣି ଥରେ କ୍ରିକେଟ ପଡିଆକୁ ଫେରୁଛନ୍ତି। ଚଳିତ ଆଇପିଏଲ୍‌ରେ ସେ ପୁଣି ଥରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ଫେରିବାକୁ ଯାଉଛନ୍ତି। ୨୦୨୨ରେ ଷ୍ଟ୍ରେସ୍ ଫ୍ରାକ୍ଚର ଓ କ୍ୱାଡ ଗ୍ରେଡ୍-୩ ଟିଅର ପାଇଁ ସେ କ୍ରିକେଟ ପଡ଼ିଆରୁ ଦୂରରେ ରହିଥିଲେ। ଶେଷ ଥର ପାଇଁ ବାଂଲାଦେଶ ବିପକ୍ଷ ଦିନିକିଆ ଖେଳି ଥିଲେ। ମାତ୍ର ୩ ଓଭର ବୋଲିଂ କରିବା ପରେ କ୍ୱାଡ ଟିଅର ପାଇଁ ତାଙ୍କୁ ପଡ଼ିଆ ଛାଡିବାକୁ ପଡିଥିଲା। ୨୦୨୨ରେ ଚହର ମାତ୍ର ୧୫ଟି ମ୍ୟାଚ ଖେଳିଥିବା ବେଳେ ଟି୨୦ ବିଶ୍ୱକପରୁ ମଧ୍ୟ ବାଦ୍ ପଡିଥିଲେ। ଏହା ପରେ ଏନ୍‌ସିଏରେ ରହିବା ସମାପ୍ତ କରିବା ପରେ ଚେନ୍ନାଇ ସୁପର କିଙ୍ଗ୍ସ ଦଳ ପାଇଁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି ଦୀପକ। ବିଗତ ୨-୩ ମାସ ଧରି ମୁଁ ଫିଟନେସ ଉପରେ କାମ କରୁଛି। ଫିଟ୍ ହେବା ପରେ ରାଜସ୍ଥାନ ପାଇଁ ମାତ୍ର ଗୋଟିଏ ରଣଜୀ ଟ୍ରଫି ମ୍ୟାଚ ଖେଳିଛି। ଭାରତରେ ହେବାକୁ ଥିବା ଦିନିକିଆ ବିଶ୍ୱକପରେ ସ୍ଥାନ ପାଇବା ତାଙ୍କର ଲକ୍ଷ୍ୟ ବୋଲି ସେ କହିଛନ୍ତି। ନିମ୍ନକ୍ରମରେ ଉପଯୋଗୀ ବ୍ୟାଟିଂ କରୁଥିବା ଚହର ୨୦୧୮ରେ ପଦାର୍ପଣ କରିବା ପରେ ୧୩ ଦିନିକିଆ ଓ ୨୪ ଟି୨୦ ମ୍ୟାଚ ଖେଳିଛନ୍ତି।

**ସିଜନର ଶେଷ ଗେମ୍ ଖେଳିବ ଓଏଫ୍‌ସି**

# ବିଜୟ ସହ ପ୍ଲେ ଅଫ୍ ଲକ୍ଷ୍ୟ

ଭୁବନେଶ୍ୱର,୨୧।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ୍ ସୁପର ଲିଗ୍‌ରେ ସିଜନର ନିଜର ଅନ୍ତିମ ମ୍ୟାଚ ଜାମସେଦପୁର ଏଫ୍‌ସି ବିପକ୍ଷରେ ଖେଳିବ ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। କଳିଙ୍ଗ ଷ୍ଟାଡିୟମରେ ବୁଧବାର ଏହି ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଜିତିଲେ କିମ୍ବା ଡ୍ର ରଖିଲେ ଓଏଫ୍‌ସି ପ୍ଲେ ଅଫ୍‌ରେ ପ୍ରବେଶ କରିବ। ଏହି ମ୍ୟାଚ ପୂର୍ବରୁ ଓଡ଼ିଶା ୧୯ ମ୍ୟାଚରୁ ୯ ବିଜୟ ଓ ୩ ଡ୍ର ସହିତ ୩୦ ପଏଣ୍ଟ ହାସଲ କରି ପଏଣ୍ଟ ଟେବଲର ଷଷ୍ଠ ସ୍ଥାନରେ ରହିଛି। ଗୋଆ ଏଫ୍‌ସି ସମାନ ସଂଖ୍ୟକ ମ୍ୟାଚ ଖେଳି ୨୭ ପଏଣ୍ଟ ପାଇଥିବା ବେଳେ ଗୋଲ ବ୍ୟବଧାନରେ ଆଗୁଆ ରହିଛି।



ଜୋସେପ୍ ଗୋମ୍ବାଉ ଓ ଲାଲଥୁଆମ୍ମୱିଆ ରାଲ୍‌ଟେ।

କଳିଙ୍ଗ ଷ୍ଟାଡିୟମରେ ଓଏଫ୍‌ସିର ରେକର୍ଡ ବଢିଆ ରହିଥିବା ବେଳେ ଆଉ ଏକ ୩ ପଏଣ୍ଟ ହାସଲ ଲକ୍ଷ୍ୟରେ ରହିଛି ଦଳ। ନର୍ଥଇଷ୍ଟ ବିପକ୍ଷ ଶେଷ ମ୍ୟାଚରେ ଓଡ଼ିଶା ୩-୧ରେ ଜିତିବା ସହ ପ୍ଲେ ଅଫ୍ ଦାବିଦାରୀ ଦୃଢ କରିଥିଲା। ଉଭୟ ଓଡ଼ିଶା ଓ ଜାମସେଦପୁର ମଧ୍ୟରେ ଖେଳା ଯାଇଥିବା ଶେଷ ମ୍ୟାଚକୁ ଓଏଫ୍‌ସି ୩-୨ରେ ଜିତିଥିଲା। ମ୍ୟାଚ୍ ପୂର୍ବରୁ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ ମୁଖ୍ୟ କୋଚ ଯୋଶେପ୍ ଗୋମ୍ବାଉ ଓ ଲାଲଥୁଆମ୍ମୱିଆ ରାଲ୍‌ଟେ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ଓଏଫ୍‌ସି ସମ୍ମୁଖରେ ଯୋଗ୍ୟତା ଅର୍ଜନର ଏକ ବଢିଆ ସୁଯୋଗ ରହିଛି। ଜେଏଫ୍‌ସି ଶେଷ ମ୍ୟାଚରେ ହାଇଦ୍ରାବାଦ ଏଫ୍‌ସିକୁ ୩-୨ରେ ପରାସ୍ତ କରିଥିଲା। ଏହା ଏକ ଶକ୍ତିଶାଳୀ ଦଳ ଏଥିରେ କୌଣସି ଶଙ୍କା ନାହିଁ ମାତ୍ର ଅନ୍ତିମ ଘରୋଇ ମ୍ୟାଚକୁ ଜିତିବା ପାଇଁ ଆମେ ପ୍ରାଣପଣେ ଚେଷ୍ଟା କରିବୁ ବୋଲି କହିଛନ୍ତି ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ଯୋଶେପ୍ ଗୋମ୍ବାଉ। ଲାଲଥୁଆମ୍ମୱିଆ ରାଲ୍‌ଟେ କହିଛନ୍ତି ବୁଧବାର ମ୍ୟାଚ ପାଇଁ ଆମେ ଏକ ସପ୍ତାହ ହେଲାଣି ଅଭ୍ୟାସ ଜାରି ରଖିଛୁ। କୋଚ୍‌ଙ୍କ ପରାମର୍ଶ ଅନୁସାରେ ଆମେ ଶତ ପ୍ରତିଶତ ଦେବାକୁ ପ୍ରୟାସ କରିଥାଉ ବୋଲି ସେ କହିଛନ୍ତି।

# ଓଡ଼ିଶା ସରକାରଙ୍କୁ ଅଠ୍‌ୱାଲଙ୍କ ପ୍ରଶଂସା

ଭୁବନେଶ୍ୱର,୨୧।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ୍ ସୁପର ଲିଗ୍‌ରେ ସିଜନରେ ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ନିଜର ଅନ୍ତିମ ମ୍ୟାଚ ଖେଳିବାକୁ ଥିବା ବେଳେ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ କ୍ଲବ୍ ସଭାପତି ରାଜ ଅଠ୍‌ୱାଲ। ଏହି ଅବସରରେ ରାଜ୍ୟ ସରକାରଙ୍କୁ ଭୁରି ଭୁରି ପ୍ରଶଂସା କରିଥିଲେ ଅଠ୍‌ୱାଲ। ରାଜ୍ୟ ସରକାର କ୍ରୀଡାର ଭିତ୍ତିଭୂମି ଓ ବିକାଶ ପାଇଁ ସର୍ବଦା ପ୍ରୟାସରତ। ଏହା ସହିତ ରାଜ୍ୟରେ ଖେଳାଳିଙ୍କୁ ମିଳୁଥିବା ଆତିଥେୟତାକୁ ମଧ୍ୟ ସେ ବେଶ



ରାଜ ଅଠ୍‌ୱାଲ

ପ୍ରଶଂସା କରିଥିଲେ। ରାଜ୍ୟରେ ଖେଳାଳିଙ୍କ ଅଭ୍ୟାସଠୁ ଆରମ୍ଭ କରି ଖେଳାଳିଙ୍କ ରହଣି ପାଇଁ ଥିବା ହୋଟେଲ ବେଶ ଉତ୍କୃଷ୍ଟ ମାନର ବୋଲି ସେ କହିଥିଲେ। ଏହା ସହ ଆଗାମୀ ଦିନରେ ଅନେକ ନୂତନ ପ୍ରଯୋଜକଙ୍କ ସହିତ ଓଏଫ୍‌ସି ଜଡିତ ହେବା ନେଇ ସେ ସୂଚନା ଦେଇଥିଲେ। ବର୍ତ୍ତମାନ ଜିନ୍ଦଲ ଗ୍ରୁପ୍ ଓଏଫ୍‌ସିର ପ୍ରଯୋଜକ ରହିଛି। ଚଳିତ ସିଜିନ ଶେଷ ହେବାକୁ ବସିଥିବା ବେଳେ ଆହୁରି ଅନେକ ନୂତନ ଖେଳାଳି ଦଳ ସହିତ ଯୋଗ ଦେବା ନେଇ ସୂଚନା ଦେଇଥିଲେ କ୍ଲବ ସଭାପତି। ପ୍ରଥମ ଥର ପାଇଁ ଓଏଫ୍‌ସି ପ୍ଲେ ଅଫ୍ ଯୋଗ୍ୟତା ହାସଲ କରିବାକୁ ଯାଉଥିବା ବେଳେ ଦଳ ସେମି ଫାଇନାଲରେ ପ୍ରବେଶ କରିବା ତାଙ୍କର ଇଚ୍ଛା ବୋଲି କହିଛନ୍ତି ଅଠ୍‌ୱାଲ।

## ଟପ୍-୨୦ରେ ରିଚା ଘୋଷ

ଦୁବାଇ, ୨୧।୨ (ପି.ଟି.): ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ(ଆଇସିସି) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ମହିଳା ଟି୨୦ ର୍‍ୟାଙ୍କିଙ୍ଗରେ ଭାରତର ରିଚା ଘୋଷ ୧୬ସ୍ଥାନ ଉପରକୁ ଉଠିଛନ୍ତି। ଫଳରେ ସେ ପ୍ରଥମଥର ପାଇଁ ଟପ୍-୨୦ରେ ସ୍ଥାନ ପାଇଛନ୍ତି। ସମ୍ପ୍ରତି ଦକ୍ଷିଣ ଆଫ୍ରିକାରେ ଚାଲିଥିବା ଟି୨୦ ବିଶ୍ୱକପରେ ସ୍ଥିର ପ୍ରଦର୍ଶନ କାରଣରୁ ତାଙ୍କ ର୍‍ୟାଙ୍କିଙ୍ଗରେ ଆଖିଦୃଶିଆ ଉନ୍ନତି ହୋଇଛି। ଗତ ସପ୍ତାହରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୪୧ ରନକରି ଅପରାଜିତ ରହିଥିବାବେଳେ ଇଂଲଣ୍ଡ ବିପକ୍ଷରେ ୪୭ ରନ କରିଥିଲେ। ଏହି ଦୁଇ ଇନିଂସ ହିଁ ତାଙ୍କୁ କ୍ୟାରିୟର ଶ୍ରେଷ୍ଠ ୨୦ତମ ସ୍ଥାନ ଆଣିଦେଇଛି। ପଞ୍ଚମ ଭାରତୀୟ ଭାବେ ସେ ଟପ୍-୨୦ରେ ରହିଛନ୍ତି। ସ୍ମୃତି ମନ୍ଧାନା ୩ୟ, ଶେଫାଳି ବର୍ମା ୧୦ମ, ଜେମିମା ରୋଡ୍ରିଗ୍ସେଜ ୧୨ ଓ ହରମନପ୍ରୀତ କୌର ୧୩ତମ ସ୍ଥାନରେ ରହିଛନ୍ତି। ରିଚାଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡ ଅଲ୍‌ରାଉଣ୍ଡର ଆମେଲିଆ କେର୍ ଓ ପାକିସ୍ତାନର ମୁନିବା ଅଲୀ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍ ପାଇଛନ୍ତି। ଶ୍ରୀଲଙ୍କା ବିପକ୍ଷରେ ମ୍ୟାଚ ବିଜୟୀ ୬୬ ରନର ଇନିଂସ କେର୍‌ଙ୍କୁ ୧୬ତମ ସ୍ଥାନ ଦେଇଛି। ସେହିପରି ପାକିସ୍ତାନ ବାମହାତୀ ଓପନର ମୁନିବା ୧୦ଟି ସ୍ଥାନ ଉପରକୁ ଉଠି ୬୪ତମ ସ୍ଥାନରେ ପହଞ୍ଚିଛନ୍ତି। ଦେଶର ପ୍ରଥମ ମହିଳା ଭାବେ ସେ ଟି୨୦ରେ ଶତକ ହାସଲ କରିଥିଲେ। ବୋଲର ର୍‍ୟାଙ୍କିଙ୍ଗ୍‌ରେ ମଧ୍ୟ କେର୍ ୩ ସ୍ଥାନ ଉପରକୁ ଉଠିଛନ୍ତି।

# ଯୁବ ଓପନ ବାସ୍କେଟବଲରେ ୧୬ ଦଳ

ଭୁବନେଶ୍ୱର, ୨୧।୨ (କ୍ରୀଡ଼ା ପ୍ରତିନିଧି)

ଯୁବ ଓପନ ବାସ୍କେଟବଲ ଟୁର୍ଣ୍ଣାମେଣ୍ଟର ୧୨ତମ ସଂସ୍କରଣ ଚଳିତମାସ ୨୨ରୁ ଆରମ୍ଭ ହେବ। ମ୍ୟାଚଗୁଡ଼ିକ ଶହୀଦ ନଗରସ୍ଥିତ ଇନ୍ଦିରାପାର୍କସ୍ଥିତ ବାସ୍କେଟବଲ କୋର୍ଟରେ ଅନୁଷ୍ଠିତ ହେବ। ଲିଗ୍ ଏବଂ ନକ୍‌ଆଉଟ ଭିତ୍ତିରେ ଖେଳାଯିବାକୁଥିବା ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ରାଜ୍ୟ ବାହାରର ୪ ଦଳ ସାମିଲ। ଅଂଶଗ୍ରହଣକାରୀ ୧୬ ଦଳକୁ ୪ ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଆୟୋଜକ ସନ୍‌ସାଇନ୍ ଯୁବ ଆସୋସିଏଶନ, କିଟ୍, ହାଇଦ୍ରାବାଦ ଓ ସୋଆ ଦଳ ରହିଛି। ସେହିପରି ଗ୍ରୁପ୍ 'ବି'ରେ ପୁରୀ, ପାରଳାଖେମୁଣ୍ଡି, ଏକ୍ସଆଇଏମ୍‌ବି, ରାଉରକେଲା, ଗ୍ରୁପ୍ 'ସି'ରେ ଏଣ୍ଟରଟେନର, ସାଇନିଂ ଷ୍ଟାର, ତାମିଲନାଡୁର ତ୍ରିବେଣୀ ଓ ଆନ୍ଧ୍ର ରେଲୱେ ଦଳ ଇଷ୍ଟ ଗୋଦାବରୀ ରହିଥିବାବେଳେ ଗ୍ରୁପ୍ 'ଡି'ରେ ସିଡିଏଏ, ଓଏସ୍‌ସି, ସେଲ୍‌ଟିକ୍ସ ଓ କାକିନାଡ଼ା ଆନ୍ଧ୍ର ଦଳ ସ୍ଥାନ ପାଇଛି। ପ୍ରତିଯୋଗିତା ଅବସରରେ ଓଡ଼ିଶାର ୬ ଜଣ ପ୍ରତିଷ୍ଠିତ ଖେଳାଳି କାମିନି ମୁଣ୍ଡା, ସୟଦ ତୁଫିଆଲ ଅହମ୍ମଦ, ଝିଲିଲତା ସେଣ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ମୀରା ହେମ୍ବ୍ରମ ଓ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ସମ୍ମାନିତ କରାଯିବ ବୋଲି ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବ ବାସ୍କେଟବଲ କ୍ଲବର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର ପ୍ରକାଶ କରିଛନ୍ତି। ପ୍ରତିଯୋଗିତାର ଚାମ୍ପିୟନ ଦଳକୁ ୨୫,୦୦୦, ରନରଅପ୍‌କୁ ୧୫,୦୦୦ ଓ ଦ୍ୱିତୀୟ ରନରଅପ୍‌କୁ ୭,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି କ୍ଲବ ସଭାପତି ବିଶ୍ୱଜିତ ମହାନ୍ତି ଜଣାଇଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଦେବାଶିଷ ସାବ୍ୟସାଚୀ ଚକ୍ର, ଟୁର୍ଣ୍ଣାମେଣ୍ଟ ସଂଯୋଜକ ଆଦର୍ଶ ପଟ୍ଟନାୟକ, ପରାମର୍ଶଦାତା ମିଥୁନ ସୟ, ସିଦ୍ଧାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କର୍ମକର୍ତ୍ତାମାନେ ପ୍ରତିଯୋଗିତାର ଜର୍ସି ଉନ୍ମୋଚନ କରିଥିଲେ।




ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ମଙ୍ଗଳବାର ଯୁବ ଓପନ ବାସ୍କେଟବଲ ଟୁର୍ଣ୍ଣାମେଣ୍ଟର ଜର୍ସି ଉନ୍ମୋଚନ କରୁଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ